31 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୨୬ ଅଗଷ୍ଟ, ମଙ୍ଗଳବାର ୨୦୨୫





# ଋଷିକୂଲ୍ୟା ମୁହାଣ ଅଞ୍ଚଳରେ କୂଳ ଲଘୁଁଛି ସମୁଦ୍ର : ଚିନ୍ତାରେ ଅଞ୍ଚଳବାସୀ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**



ବାରମ୍ବାର ଲଗୁଚାପ ଏବଂ ଜଳ ବାୟୁ ପରିବର୍ତ୍ତନ ହେଉଥିବାରୁ ସମୁଦ୍ରରେ ଉଚ୍ଚ ଲହରି ସୃଷ୍ଟି ହେଉଛି, ଯାହାକୁ ନେଇ ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତ ଋଷିକୂଲ୍ୟା ମୁହାଣ ଅଞ୍ଚଳରେ ସମୁଦ୍ର କୂଳ ଲଘୁଁଥିବା ଦେଖିବାକୁ ମିଳିଛି । ବର୍ତ୍ତମାନ ଋଷିକୁଲ୍ୟା ମୁହାଣ ପୋଡ଼ମପେଟା ଓଡ଼ିଆରପି କଲୋନୀ ସମ୍ମୁଖରେ ରହିଥିବା ବେଳେ ସେହିଠାରୁ କିଛି ଦୂରତା ମଧ୍ୟରେ ରହିଥିବା ପୁରୁଣା ପୋପେଟା ଗ୍ରାମ । ସେଠାରେ ରହିଥିବା ଘରଗୁଡ଼ିକ ସମୁଦ୍ର ଜୁଆର ମାଡ଼ରେ ଅତଡ଼ା ଖସି ସମୁଦ୍ରର ଗର୍ଭରେ ଲୀନ ହେଉଥିବା ଲକ୍ଷ୍ୟ କରାଯାଇଛି । ସେହିପରି ଝାଉଁ ଓ କାଜୁ ହେନ୍ତାଳ ବଣ ମଧ୍ୟ ନଷ୍ଟ ହୋଇପଡୁଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି ।

ସୂଚନାଥାଉକି, ପୂର୍ବରୁ ଏପରି ସମସ୍ୟାକୁ ନେଇ ପୁରୁଣା ପୋଡ଼ମପେଟା ଗ୍ରାମବାସୀଙ୍କୁ ପାଳିବନ୍ଧ ପଞ୍ଚାୟତର ମୟୂରପଦା ଗ୍ରାମ ଓ ରାମଗଡ଼ ପଞ୍ଚାୟତର ଡୁମୁନଗିରୀ ପାହାଡ଼ ପାଦ ଦେଶରେ ପାଲୁରୁ ସାହେବ କେନାଲ ପାର୍ଶ୍ୱରେ ସିଦ୍ଧାନ୍ତ ନଗରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଥଇଥାନ କରାଯାଇଛି । ପ୍ରତିବର୍ଷ ବର୍ଷା ଦିନରେ ଏପରି ସମୁଦ୍ର କୂଳଲଘଁ ସ୍ଥାନୀୟ ଭୌଗୋଳିକ ପରିବେଶ ବିଗୁଡୁ ଥିବାରୁ ଅଞ୍ଚଳବାସୀ ଓ ପରିବେଶବିତ୍ ଚିନ୍ତିତ ହୋଇ ପଡ଼ିଛନ୍ତ । ଏ ଦିଗରେ ଜିଲ୍ଲା ପ୍ରଶାସନ ଉତ୍ତମ ପଦକ୍ଷେପ ନେବାକୁ ଦାବି ହେଉଛି ।

## ବଲାଙ୍ଗୀରରେ କୁକୁର ଆତଙ୍କ: ୩ ଜଣଙ୍କୁ ଗୋଡ଼ାଇ ଗୋଡ଼ାଇ କାମୁଡ଼ିଲା

**ବଲାଙ୍ଗୀର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ତୁଷୁରାଠାରେ କୁକୁର ଆତଙ୍କ ଦେଖାଦେଇଛି । ଏକ ପାଗଳା କୁକୁର ଆକ୍ରମଣରେ ତିନିଜଣ ଗୁରୁତର ହୋଇଛନ୍ତି । ଜଣେ ଗୁରୁତରଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲକୁ ଅଣାଯାଇ ଭର୍ତ୍ତି କରାଯାଇଛି । ଦୁଇଜଣ ତୁଷୁରା ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଆଗରୁ ତୁଷୁରା ନିକଟସ୍ଥ ଚିଞ୍ଚେଡ ଗାଁରେ କୁକୁର ଆକ୍ରମଣରେ ଦୁଇଜଣଙ୍କ ଜୀବନ ଯାଇଥିଲା । ଏବେ ତୁଷୁରାରେ କୁକୁର ଆକ୍ରମଣ ପରେ ଲୋକେ ଭୟଭୀତ ହୋଇପଡ଼ିଛନ୍ତି ।

## ଆଖଣ୍ଡଳମଣିଙ୍କ ମନ୍ଦିରରେ ଭକ୍ତଙ୍କ ଦାନକୁ ବେଖାତିର ଅଚଳ ହେବାକୁ ବସିଛି ଲକ୍ଷାଧିକ ଟଙ୍କା

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**



ଆରଡି ପୀଠର ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିବା ପାଇଁ ପ୍ରତିଦିନ ହଜାର ହଜାର ଭକ୍ତଙ୍କର ଭିଡ଼ ଲାଗିଥାଏ । ଆଗନ୍ତୁକ ଶ୍ରଦ୍ଧାଳୁ ଭକ୍ତମାନେ ବାବାଙ୍କୁ ଦର୍ଶନ କରିବା ସହ ମାନସିକ ସ୍ୱରୂପ ଦାନ ହୁଣ୍ଡିରେ ଟଙ୍କା, ସୁନା, ରୁପା ଆଦି ଦାନ କରିଥାନ୍ତି । ଏହି ଦାନ ମୁଣ୍ଡିକୁ ପ୍ରତି ୨/୩ମାସରେ ଖୋଲାଯାଇ ଗଣତିମଣତି ପରେ ବ୍ୟାଙ୍କରେ ଜମା କରାଯାଇଥାଏ । ଏପରିକି ଉକ୍ତ ଦାନ ଟଙ୍କା ବାବାଙ୍କର ପର୍ବପର୍ବାଣୀ ସହ ଉନ୍ନତିମୂଳକ କାର୍ଯ୍ୟରେ ଲାଗିଥାଏ । ହେଲେ ମନ୍ଦିର ପରିଚାଳନା କମିଟିର ଅଣଦେଖା ଯୋଗୁ ଦୀର୍ଘ ୩ ବର୍ଷରୁ ଉର୍ଦ୍ଧ୍ୱ ହେବ ମନ୍ଦିର ଭିତର ବେଢ଼ା ଉତ୍ତର ପାର୍ଶ୍ୱରେ ଥିବା ଦାନ ହୁଣ୍ଡି ଅକାମୀ ହୋଇପଡିବା ସହିତ ହୁଣ୍ଡି ଭିତରେ ଥିବା ଭକ୍ତମାନଙ୍କ ଦାନ ଲକ୍ଷାଧିକ ଟଙ୍କା ଅଚଳ ହେବାକୁ ବସିଛି । ଏହି ଅଚଳ ହୁଣ୍ଡିକୁ ଭଙ୍ଗା ଯାଇ ଟଙ୍କା ବାହାର କରାଯିବା ପାଇଁ ପୂର୍ବରୁ ନିଷ୍ପତ୍ତି ନିଆଯାଇଥିଲେ ମଧ୍ୟ ପ୍ରଶାସନିକ ଖାମଖିଆଲି ମନୋଭାବ ଯୋଗୁ ତାହା ଆଜି ପର୍ଯ୍ୟନ୍ତ ଖୋଲାଯିବା ତ ଦୂରର କଥା ଖୋଲା ଆକାଶ ତଳେ ହୁଣ୍ଡି ପଡ଼ି ରହିଥିବାରୁ ଲକ୍ଷାଧିକ ଟଙ୍କା ବର୍ଷାରେ ଭିଜୁଛି । ଏପରି ଅବ୍ୟବସ୍ଥା ଭକ୍ତଙ୍କ ମନରେ ଘୋର ଆଘାତ ସୃଷ୍ଟି କରିଛି । ଏପରି ଅଚଳ ହୁଣ୍ଡି ଖୋଲା ବାବଦରେ ମନ୍ଦିର ନିର୍ବାହୀ ଅଧିକାରୀ ବିଦ୍ୟାଧର ପଲାଇଙ୍କୁ ପଚାରିବାରୁ ମ୍ୟାନେଜିଙ୍ଗ ଟ୍ରଷ୍ଟିଙ୍କ ନିଷ୍ପତ୍ତି କ୍ରମେ ତହସିଲଦାର ଓ ପୁଲିସଙ୍କ ଉପସ୍ଥିତିରେ ତାହା ଖୋଲାଯିବ ବୋଲି ସେ କହିଛନ୍ତି । ଅନ୍ୟପଟେ ଦୀର୍ଘଦିନ ହେବ ମନ୍ଦିର ପରିଚାଳନା କମିଟି ବୈଠକ ବସୁନଥିବାରୁ ମନ୍ଦିରରେ ବିଭିନ୍ନ ସମସ୍ୟା ଦେଖା ଦେବା ସହ ବେନିୟମ ଭାବେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଥିବା ସଭ୍ୟମାନେ କହିଛନ୍ତି ।

## ଯୋଜନ ଦୂରରେ ଯୋଜନା : ଗାଁ ବିକାଶରେ ବାଧକ ସାଜିଛି ପାହାଡ଼ିଆ ନଦୀ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଗ୍ରାମାଞ୍ଚଳର ସୁ ଗମନାଗମନ ପାଇଁ ସରକାରଙ୍କ କାହିଁ କେତେ ଯୋଜନା, ହେଲେ ଯୋଜନା ଯୋଜନ ଦୂରରେ । ଗାଁ ଲୋକେ ଦୀର୍ଘ ବର୍ଷ ଧରି ଦାବି କରିଆସୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପୋଲ ଖଣ୍ଡିଏ ନିର୍ମାଣ ହୋଇପାରୁନାହିଁ । ଯାହାକୁ ନେଇ ଏବେ ବଢୁଛି ଅସନ୍ତୋଷ । ବର୍ଷା ଦିନେ ନଦୀ ଫୁଲିଲେ ଜୀବନକୁ ବାଜି ଲଗାଇ ରଶି ସାହାଯ୍ୟରେ ନଦୀ ପାର୍ ହେବାକୁ ପଡ଼େ । ଏଭଳି ଚିତ୍ର ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ବୈପାରୀଗୁଡ଼ା ବ୍ଲକ ଅନ୍ତର୍ଗତ ଚେରକା ପଞ୍ଚାୟତର କାଙ୍ଗୁଗୁଡା ନିକଟରେ । ଚେରକା ପଞ୍ଚାୟତର କାଙ୍ଗୁଗୁଡ଼ା, ଅଟାଳଗୁଡ଼ା ଏବଂ ଝାଳିଆଗୁଡ଼ା ତିନୋଟି ଗ୍ରାମର ଏକ ଶହରୁ ଉର୍ଦ୍ଧ୍ୱ ପରିବାର ଲୋକେ ଜୀବନକୁ ବାଜି ଲଗାଇ ଦଉଡ଼ି ସାହାଯ୍ୟରେ ନଦୀ ପାର୍ ହେଉଥିବା ଦେଖିବାକୁ ମିଳିଥିଲା । ବିଦ୍ୟାଳୟ ଶିକ୍ଷକ, ସ୍ଥାନୀୟ ଅଙ୍ଗନୱାଡ଼ି କର୍ମୀ ଓ ସ୍ୱାସ୍ଥ୍ୟକର୍ମୀମାନେ କଷ୍ଟେ ମଷ୍ଟେ ଯିବା ଆସିବା କରୁଛନ୍ତି । ସ୍କୁଲ ପିଲା ଏବଂ ଅଙ୍ଗନୱାଡ଼ି ଛୁଆ ଠାରୁ ଆରମ୍ଭ କରି ମହିଳା ପୁରୁଷ ସମସ୍ତେ ହନ୍ତସନ୍ତ ହେଉଛନ୍ତି । ଆଉ ଜରୁରିକାଳୀନ ପରିସ୍ଥିତରେ ସେମାନଙ୍କ କଷ୍ଟ ଦୁଇଗୁଣିତ ହେଉଛି ବୋଲି ଗାଁ ଲୋକେ କହିଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ ହେଉ ଅବା ନିତିଦିନିଆ ଆବଶ୍ୟକିୟ ସାମଗ୍ରୀ କିମ୍ବା ପିଡିଏସ ସାମଗ୍ରୀ ହେଉ ସବୁବେଳେ ଏ ଅଞ୍ଚଳବାସୀ ନିର୍ଭରଶୀଳ ପଞ୍ଚାୟତ କାର୍ଯ୍ୟାଳୟ ଉପରେ । ଏବେ ଏହି ଗାଁ ପାଇଁ ରହିଛି ରାସ୍ତା ଓ ପୋଲ ସମସ୍ୟା । ଭଲ ରାସ୍ତାଟିଏ ନଥିବାରୁ ଅନେକ ହଇରାଣ ହୁଅନ୍ତି ଅଞ୍ଚଳବାସୀ । ହେଲେ ଗାଁକୁ ଯିବାକୁ ଏହି କଚ୍ଚା ରାସ୍ତା ଦେଇ ପାହାଡ଼ିଆ ନଦୀ ପାରି ହେବାକୁ ପଡ଼େ । ଆଉ ବର୍ଷା ଦିନେ ଜଳବନ୍ଦୀ ଜୀବନ । ସରକାର ଅପହଞ୍ଚ ଇଲାକାରେ ରାସ୍ତା ସହ ପୋଲ ନିର୍ମାଣ କରି ଦୃଷ୍ଟାନ୍ତମୂଳକ ପଦକ୍ଷେପ ସବୁ ନେଉଛନ୍ତି । ହେଲେ ଶାସନ କାଳର ଦୂରଦୃଷ୍ଟି ଅଭାବରୁ ବିକାଶର ସ୍ରୋତରେ ସାମିଲ୍ ହେବାରୁ ବଞ୍ଚିତ ରହିଯାଇଛି ଚେରକା ପଞ୍ଚାୟତର ୩ ଖଣ୍ଡ ଗାଁ । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ଲୋକଙ୍କ ସମସ୍ୟା ସମାଧାନ ପାଇଁ ଗାଁର ଭୀମ ସନ୍ତା, ଶଶି ଅନ୍ତିଆ, ଜୟନ୍ତୀ ଭୂମିଆ, ବିଦ୍ୟାବତୀ ପୋଲାଇ ପ୍ରମୁଖ ଦାବି କରିଛନ୍ତି ।

## ଓଭରବ୍ରିଜ୍ ତଳେ କୃତ୍ରିମ ପୋଖରୀ : ଯାତାୟାତରେ ଅସୁବିଧା

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**



ଗଞ୍ଜାମ ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀପୁର ନିକଟରେ ଓଭର ବ୍ରିଜ୍ ତଳେ ଟିକିଏ ବର୍ଷାରେ ଦୀର୍ଘ ଦିନ ପର୍ଯ୍ୟନ୍ତ ପାଣି ଜମି ରହୁଛି । ଏପରି କି ସେଠାରେ କୃତ୍ରିମ ପୋଖରୀ ସୃଷ୍ଟି ହେଉଛି । ଫଳରେ ସେହି ରାସ୍ତାରେ ଲୋକଙ୍କୁ ଯିବା ଆସିବାରେ ବ୍ୟାଘାତ ସୃଷ୍ଟି ହେଉଛି । ସ୍କୁଲ ଓ ଟ୍ୟୁସନ ଯିବାବେଳେ ପିଲାମାନେ ପାଣି ଭିତରେ ଯିବାକୁ ବାଧ୍ୟ ହେଉଛନ୍ତି । ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଜାତୀୟ ରାଜପଥ ପ୍ରାଧିକାରଣ ବିଭାଗ ଏଥି ପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି । ସୂଚନା ଯୋଗ୍ୟ ଯେ ଲକ୍ଷ୍ମୀପୁର ନିକଟରେ ହୋଇଥିବା ଓଭର ବ୍ରିଜ୍ ତଳେ ପାଣି ନିଷ୍କାସନ ପାଇଁ ବ୍ୟବସ୍ଥା ଠିକ ନଥିବା ଯୋଗୁଁ ଟିକେ ବର୍ଷା ହେଲେ ସେଠାରେ ପାଣି ଜମି ରହୁଛି । ଫଳରେ ସେହି ରାସ୍ତା ଦେଇ ଲକ୍ଷ୍ମୀପୁର, ଝାଡ଼କୁଦା ଓ ସୂର୍ଯ୍ୟ ନାରାୟଣପୁର ଅନ୍ୟାନ୍ୟ ଗ୍ରାମର ଲୋକଙ୍କୁ ଯାତାୟାତ କରିବାରେ ଅସୁବିଧା ସୃଷ୍ଟି ହେଉଛି । ଏପରିକି ବ୍ରିଜ୍ ଉପରେ ମଧ୍ୟ ବର୍ଷାରେ ପାଣି ଜମି ରହୁଛି । ଏଥିପ୍ରତି ଜାତୀୟ ରାଜପଥ ପ୍ରାଧିକରଣ ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ଅଧ୍ୟାପକ ପ୍ରଭାତ କୁମାର ଜେନାଙ୍କୁ ରାଜୀବ ଗାନ୍ଧୀ ସେବା ସମ୍ମାନ

**ଭୁବନ, ନ୍ୟୁଜ୍ ବ୍ୟୁରୋ**

ଭୁବନ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟର ଇତିହାସ ବିଭାଗ ଅଧ୍ୟାପକ ପ୍ରଭାତ କୁମାର ଜେନାଙ୍କୁ ରାଜ୍ୟ ସ୍ତରୀୟ ରାଜୀବ ଗାନ୍ଧୀ ସେବା ସମ୍ମାନ ପ୍ରଦାନ କରାଯାଇଛି । ରାଜୀବ ଗାନ୍ଧୀ ଷ୍ଟୁଡେଣ୍ଟ ଫୋରମ୍ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଜନ୍ମ ଜୟନ୍ତୀ ଅବସରରେ ସଭାପତି ସତ୍ୟବ୍ରତ ନାୟକଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଧ୍ୟାପକ ଶ୍ରୀ ଜେନାଙ୍କୁ ପ୍ରଶଂସା ପତ୍ର ଓ ଉତ୍ତରୀୟ ପ୍ରଦାନ କରିଥିଲେ । ଏହି ଘଟଣା ଜଣା ପଡ଼ିବା ପରେ କଲେଜରେ ଅତ୍ୟନ୍ତ ଆନନ୍ଦ ପ୍ରକାଶ ପାଇଛି । ଅଧକ୍ଷ ଡଃ. ପ୍ରଭାତ ଆଚାର୍ଯ୍ୟଙ୍କ ସମେତ ଅଧ୍ୟାପକ ଓ କର୍ମଚାରୀ ଶ୍ରୀ ଜେନାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ । ଶ୍ରୀ ଜେନା ଏହା ପୂର୍ବରୁ ୨୦୧୩ରେ ଏନ୍ଏସଏସ ବେଷ୍ଟ ପ୍ରୋଗ୍ରାମ ଅଫିସର ଭାବେ, ୨୦୧୭ରେ ମହାମହିମ ରାଜ୍ୟପାଳଙ୍କ ଠାରୁ ସ୍କାଉଟରେ ରାଜ୍ୟ ସ୍ତରୀୟ ଷ୍ଟାର ସର୍ଭିସ୍ ଆୱାର୍ଡ଼ ଏବଂ ୨୦୧୮ ରେ ରାଜ୍ୟ ସ୍ତରୀୟ ୟୁଥ୍ ରେଡକ୍ରସ ସମ୍ମାନ ପ୍ରାପ୍ତ ହୋଇଥିଲେ । ଅଧ୍ୟାପକ ଶ୍ରୀ ଜେନାଙ୍କୁ ଏହି ସଫଳତା ପାଇଁ ଭୁବନ ସାମ୍ବାଦିକ ସଂଘ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ ଓ ଉତରୋତ୍ତର କାମନା କରାଯାଇଛି ।

## ଶିଶୁଶ୍ରମିକ ଓ ଭିକ୍ଷାବୃତ୍ତି କାମରେ ନିୟୋଜିତ ଶିଶୁ : ପ୍ରଶାସନ ନିରବ

**ଘଟଗାଁ, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ର ସରକାର ହେଉ ଅବା ରାଜ୍ୟ ସରକାର ଶିକ୍ଷାର ମୂଳଦୁଆ ମଜବୁତ କରିବା ନେଇ ବିଭିନ୍ନ ଯୋଜନା ଲାଗୁ କରୁଛନ୍ତି । ବିଶେଷ ଭାବରେ ଜାତି ଓ ଜନଜାତି ବର୍ଗର ଲୋକଙ୍କୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ଅନ୍ୟପଟେ ଦେଖିବାକୁ ଗଲେ ମାଙ୍କଡ଼ିଆ, ମହ୍ଲାର ପ୍ରଭୃତି ବର୍ଗ ଜାତିର ଶିଶୁମାନେ ଶିକ୍ଷା ଠାରୁ ଦୂରେଇ ଭିକ୍ଷା ବୃତ୍ତି କରୁଥିବା ନଜର ଆସୁଛି । ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲାରେ । ଜିଲ୍ଲାର ଆରାଧ୍ୟ ଦେବୀ ଘଟଗାଁ ମା' ତାରିଣୀଙ୍କ ପୀଠରେ । ଏଠାକୁ ମା'ଙ୍କ ଆଶୀର୍ବାଦ ନେବା ଲାଗି ନେତା, ମନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀ ଆସିଥାନ୍ତି । ବିଡ଼ମ୍ବନାର ବିଷୟ କେବେ କୌଣସି ଅଧିକାରୀଙ୍କ ମଧ୍ୟ ମନ୍ଦିର ପାର୍ଶ୍ୱ ନିକଟରେ ବସି ଭିକ୍ଷା ମାଗୁଥିବା ଶିଶୁଙ୍କ ଉପରେ ନଜର ପଡୁନାହିଁ । ଆଜିର ଶିଶୁ ଆଗାମୀ କାଲିର ଭବିଷ୍ୟତ କୁହାଯାଉଥିବା ବେଳେ ବାସ୍ତବରେ ମା'ଙ୍କ ମନ୍ଦିର ନିକଟରେ ବସି ଭିକ୍ଷା ମାଗୁଥିବା ଶିଶୁଙ୍କ ଉପରେ କେମିତି ଶିଶୁ ମଙ୍ଗଳ ଅଧିକାରୀଙ୍କ ଦୃଷ୍ଟି ପଡୁନାହିଁ । ଏନେଇ ଜନ ସାଧାରଣରେ ଏବେ ଅନେକ ପ୍ରଶ୍ନ ଉଙ୍କି ମାରୁଛି । ଯେଉଁ ବୟସରେ ବହି ଓ କଲମ ଧରି ବିଦ୍ୟାଳୟକୁ ଯିବା କଥା ସେହି ବୟସରେ ହାତରେ ଥାଳ ଧରି ବାବୁ ମା' ଡାକ ପକାଇ ଭିକ୍ଷାକୁ ବୃତ୍ତି ଭଳି ଆପଣାଇବା କେତେ ଦୂର ଯୁକ୍ତି ଯୁକ୍ତ । ବେଳେ ବେଳେ ମନେ ହେଉଛି କେଉଁଠି ନା କେଉଁଠି ବିଭାଗୀୟ ଅଧିକାରୀଙ୍କ କର୍ତ୍ତବ୍ୟରେ ଅବହେଳା ରହୁଛି ଯାହା ଫଳରେ ଶିଶୁମାନଙ୍କ ଭବିଷ୍ୟତ ଅନ୍ଧକାର ହେଉଛି । ଗାଁ ଗୁଡ଼ିକରେ ଶିଶୁ ଶ୍ରମିକ ମୁକ୍ତ ଅଞ୍ଚଳ ଘୋଷଣା ହେଉଥିବା ବେଳେ ଗାଁ ଗହଳି ଗୁଡିକରେ ଟ୍ରାକ୍ଟର ଗୁଡିକରେ ଅଧିକ ଶିଶୁ ପାଠ ଛାଡ଼ି ଶ୍ରମିକ ଭାବେ କାମ କରୁଛନ୍ତି । ବଜାର ଉପରେ ଅଧିକାଂଶ ଦୋକାନ, ହୋଟେଲ ଗୁଡ଼ିକରେ ମଧ୍ୟ ସେଲ୍ସମ୍ୟାନ ଭାବରେ ଶିଶୁ କାମ କରୁଛନ୍ତି । ତେବେ ଆଗକୁ ସମୟ କହିବ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଓ ଭିକ୍ଷା ମାଗୁଥିବା ଶିଶୁମାନଙ୍କ ଭବିଷ୍ୟତ ନେଇ ସରକାର କିଭଳି ପଦକ୍ଷେପ ନେଉଛନ୍ତି ।

# ମାଫିଆଙ୍କ ନଜରରେ ନିଶ୍ଚିନ୍ତା ପାହାଡ଼

**ଢେଙ୍କାନାଳ ସଦର, ନ୍ୟୁଜ୍ ବ୍ୟୁରୋ**



ଜିଲ୍ଲାପାଳଙ୍କ ବଦଳି ପରେ ଯାଜପୁରରେ ପଥର ମାଫିଆ ପୁଣି ସକ୍ରିୟ ହେଉଥିବା ଜଣାପଡ଼ିଛି । ଗଁଦିଆ ତହସିଲ ଅଞ୍ଚଳରେ ଗଢି ଉଠିଥିବା କ୍ରସରଗୁଡ଼ିକ ଚାଲିବା ପାଇଁ ଖଣି ନଥିବାରୁ ବେଆଇନ ଭାବେ ନିଶ୍ଚିନ୍ତା ପାହାଡ଼ ଲୁଟ୍ କରାଯାଉଛି । ଏ ସମ୍ପର୍କିତ ମାମଲା କୋଲକାତାସ୍ଥିତ ଜାତୀୟ ସବୁଜ ପ୍ରାଧିକରଣରେ ବିଚାରଧୀନ ଥିବା ବେଳେ ଆସନ୍ତା ୨୮ ତାରିଖରେ ପରବର୍ତ୍ତୀ ଶୁଣାଣି ହେବ ବୋଲି ଜଣାପଡ଼ିଛି ।

ଗତବର୍ଷ ଡିସେମ୍ବର ୩୦ ତାରିଖ ରାତିରେ ପୂର୍ବତନ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ନିହଲପ୍ରସାଦ ନିଶ୍ଚିନ୍ତା ଓ ରାୟଗଡ଼ା ପାହାଡ଼ ଉପରେ ଏକ ବଡ଼ ଧରଣର ଚଢ଼ଉ କରାଯାଇ ପ୍ରାୟ ୨୧ଟି ଭାରିଯାନ ଜବତ କରାଯାଇଥିଲା । ସେହିଦିନଠାରୁ ଯାଜପୁର ଜିଲ୍ଲାର ପଥର ମାଫିଆଙ୍କ ଚୋରା କାରବାର ପ୍ରାୟ ବନ୍ଦ ରହିଥିଲା । ମାଫିଆଙ୍କଠାରୁ ଟନ୍ ପିଛା ୫୦ରୁ ୧୦୦ ଟଙ୍କା ଆଦାୟ ହେଉଥିବା ମଧ୍ୟ ଅଭିଯୋଗ ହୋଇଥିଲା । ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ୍‌ର ବାରଣ ଓ ଜିଲ୍ଲା ପ୍ରଶାସନର ୧୬୩ ଧାରା ଲାଗୁ ପରେ ମଧ୍ୟ ସ୍ଥାନୀୟ ପୁଲିସ ପ୍ରଶାସନ ଏହି ଚୋରି ରୋକିବାରେ ବିଫଳ ହୋଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ନିଶ୍ଚିନ୍ତା ପାହାଡ଼ ନିକଟରେ ଥିବା କିଛି ଷ୍ଟୋନ୍ କ୍ରସରଗୁଡ଼ିକ ଏହି କଳାପଥର ଚୋରିରେ ସାମିଲ ହୋଇଥିଲେ । ସେଥିରେ ନିହଲପ୍ରସାଦ ଥାନା ଓ ଖଣି ବିଭାଗର କିଛି ଅସାଧୁ କର୍ମଚାରୀଙ୍କ ସହାୟତା ରହିଥିବା ଚର୍ଚ୍ଚା ହେଉଥିଲା । ତେବେ ନୂତନ ଜିଲ୍ଲାପାଳଙ୍କ ଯୋଗଦାନ ପରେ କିଛି ରାଜନୈତିକ ବ୍ୟକ୍ତିଙ୍କ ପ୍ରୋତ୍ସାହନରେ କିଛିଦିନ ହେବ ମାଫିଆମାନେ ପୁଣି ଚୋରା କାରବାର କରିବାକୁ ଚେଷ୍ଟା କରୁଥିବା ଜଣାପଡ଼ିଛି । ଇତି ମଧ୍ୟରେ ଜାତୀୟ ସବୁଜ ପ୍ରାଧିକରଣ କିଛି କ୍ରସର କମ୍ପାନୀଙ୍କୁ ନୋଟିସ୍ କରିଛନ୍ତି । ରାଜ୍ୟ ସରକାରଙ୍କ ଖଣି ବିଭାଗକୁ ଗତ ୨୪.୧୦.୨୦୨୪ ତାରିଖରୁ ଜବାବ ଦାଖଲ ପାଇଁ ଗ୍ରୀନ ଟ୍ରିବ୍ୟୁନାଲ ନୋଟିସ କରିଥିଲେ ବି ରାଜ୍ୟ ସରକାରଙ୍କ ଅତିରିକ୍ତ କାଉନସେଲ ଗତ ୧୬.୦୭.୨୦୨୪ ସୁଦ୍ଧା ସତ୍ୟପାଠ ଦାଖଲ ନ କରିବାରୁ ଟ୍ରିବ୍ୟୁନାଲ୍ ୧ ହଜାର ଟଙ୍କାର ଜୋରିମାନା କରି ଆସନ୍ତା ୨୮.୦୮.୨୦୨୫ ତାରିଖ ସୁଦ୍ଧା ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ନିଶ୍ଚିନ୍ତା ପାହାଡ଼ର ବ୍ୟାପକ କଳାପଥର ଚୋରି ପଛରେ ପାହାଡ଼ର ଦୁଇ କିଲୋମିଟର ପରିଧିରେ ଥିବା ପ୍ରାୟ ୬/୭ଟି କ୍ରସର କମ୍ପାନୀ ସ୍ଥାନୀୟ ପୁଲିସ ପ୍ରଶାସନ ଓ ଖଣି କର୍ମଚାରୀଙ୍କୁ ହାତବାରିଶି କରି ଚୋରି କରୁଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି । ଏହି କ୍ରସର କମ୍ପାନୀ ଗୁଡ଼ିକର କଞ୍ଚାମାଲ ପାଇଁ ନିଜସ୍ୱ କୌଣସି ଉତ୍ସ ନ ଥିବାରୁ କମ୍ପାନୀ ଗୁଡ଼ିକର ଅନୁମତି ପ୍ରତ୍ୟାହାର ପାଇଁ ଢେଙ୍କାନାଳର ପୂର୍ବତନ ବିଧାୟକ ନବୀନ ନନ୍ଦ ବାରମ୍ବାର ସରକାରଙ୍କ ନିକଟରେ ଅନୁରୋଧ କରି ଆସୁଛନ୍ତି ।

## ଓଡ଼ିଶା ବୁଣାକାର ମହାସଂଘର ନୂତନ କର୍ମକର୍ତ୍ତା ଚୟନ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ବୁଣାକାର ମହାସଂଘର ନୂତନ କର୍ମକର୍ତ୍ତା ଚୟନ ହୋଇ ଯାଇଛି । ଦୀର୍ଘ ୪ ବର୍ଷର ବ୍ୟବଧାନ ପରେ ଆଜି ଓଡ଼ିଶା ବୁଣାକାର ମହାସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଭୁବନେଶ୍ୱରସ୍ଥିତ ରେଡ୍‌କ୍ରସ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଏହି କର୍ମକର୍ତ୍ତାମାନେ ଆସନ୍ତା ୪ ବର୍ଷ ପାଇଁ କାର୍ଯ୍ୟ କରିବେ ବୋଲି ସୂଚନା ମିଳିଛି । ପ୍ରଥମେ ମହାସଂଘ ପରିଚାଳନା ପାଇଁ ଏକ ୩୦ ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରାଗଲା । କାର୍ଯ୍ୟକାରୀ କମିଟିର ସଦସ୍ୟମାନଙ୍କ ମଧ୍ୟରୁ ସର୍ବସମ୍ମତିକ୍ରମେ ପୂର୍ବତନ ସଭାପତି ଶ୍ରୀଧର ବେହେରାଙ୍କୁ ପୁନର୍ବାର ସଭାପତି ଭାବେ ମନୋନୀତ କରାଯାଇଛି । ସଞ୍ଜୟ କୁମାର ମେହେର, କିଶୋର ଚନ୍ଦ୍ର ଦାସ, ନିତ୍ୟାନନ୍ଦ ମେହେର, ଶ୍ରୀକାନ୍ତ କୁମାର ନାୟକ, ଅନୀଲ କୁମାର ମହାପାତ୍ର ଉପସଭାପତି ଭାବେ ନିର୍ବାଚିତ ହେବା ସହିତ ସାଧାରଣ ସମ୍ପାଦକ ବିଜୟ କୁମାର ମେହେର, ସଂଗଠନ ସମ୍ପାଦକ ବିଜୟ କୁଣ୍ଡୁ ମନୋନୀତ ହୋଇଛନ୍ତି । ପ୍ରତାପ କୁମାର ଦାସ, ପ୍ରକାଶ ଚନ୍ଦ୍ର ଦାସ, ବିଶ୍ୱନାଥ ଦାସ, ସୁବାଷ ଚନ୍ଦ୍ର ସାହୁ, ସହଦେବ ମେହେର ସମ୍ପାଦକ ଏବଂ କୋଷାଧ୍ୟକ୍ଷ ଭାବେ ମିଳନ୍ କୁମାର ମେହେର ଏବଂ ତତ୍‌ସହିତ ସହ-ସମ୍ପାଦକ ଭାବେ ଗୋବିନ୍ଦ ସାହୁ, ଶରତ ଚନ୍ଦ୍ର ଦାସ, ରଂଜନ କୁମାର ପାତ୍ର, ପ୍ରଭାସ ଚନ୍ଦ୍ର ନାୟକ ଓ ଶ୍ରୀନିବାସ ମହାପାତ୍ର ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି । ଏହି ମହାସଂଘକୁ ଦିଗ୍‌ଦର୍ଶନ ଦେବାପାଇଁ ପଦ୍ମଶ୍ରୀ ପ୍ରଭାକର ମହାରଣା, ପଦ୍ମଶ୍ରୀ ଗୋବର୍ଦ୍ଧନ ପଣିକା, ଓଡ଼ିଶାର ବିଶିଷ୍ଟ ସମବାୟବିତ୍ ଜଜ୍ଞେଶ୍ୱର ବାବୁ, ରାଜ୍ୟ ବିଜେପି ସମବାୟ ପ୍ରକୋଷ୍ଠର ସଂଯୋଜକ ରଂଜନ ମଙ୍ଗରାଜ ଏବଂ ବରିଷ୍ଠ ବୁଣାକାର ଧ୍ରୁବ ଦାସ ଉପଦେଷ୍ଟା ଭାବେ ମନୋନୀତ ହୋଇଛନ୍ତି । ପ୍ରଦୀପ କୁମାର ବର୍ଦ୍ଧନ, ଅର୍ଜୁନ କଟୁଆଳ, ହୃଦାନନ୍ଦ ରାଉତ, ଶଙ୍କର ବେହେରା ପ୍ରମୁଖ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଆଗାମୀ ଦିନରେ ବୁଣାକାର ମହା ସଂଘକୁ ଶକ୍ତିଶାଳୀ କରି ଗଢିବାକୁ ନୂତନ କର୍ମକର୍ତ୍ତାମାନେ ନିଜ ନିଜ ମତ ରଖିଛନ୍ତି ।



## ପୋଷାକ କିଣାରେ ଦୁର୍ନୀତି ଅଭିଯୋଗ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

କୁକୁଡାଖଣ୍ଡି ବ୍ଲକରେ ଅଙ୍ଗନୱାଡି ଓ ସ୍କୁଲ ପୋଷାକ ଯୋଗାଇବା ତଥା ଚୟନରେ ବ୍ୟାପକ ବେନିୟମ ଓ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । ଚୟନ ପ୍ରକ୍ରିୟା ସରକାର ନିୟମକୁ ଅଣଦେଖା କରି କରାଯାଇଛି । ଏ ବିଷୟରେ ସିଡିପିଓ, ବିଇଓଙ୍କୁ ପଚାରିଲେ ବିଧାୟକ ଓ ମନ୍ତ୍ରୀଙ୍କ ନାମ ନେଇ ପାର ହେବାକୁ ଯୋଜନା କରୁଛନ୍ତି । ଏହାର ପ୍ରକୃତରେ ଯେଉଁମାନଙ୍କୁ ଚୟନ କରାଯାଇଛି ସେମାନଙ୍କର କୌଣସି ଭିତ୍ତିଭୂମି ନାହିଁ ସେମାନେ ବଜାରରୁ ଅତି ନିମ୍ନମାନର ପୋଷାକ କିଣି ବିତରଣ କରୁଛନ୍ତି । କିଏ କିଏ ଗତ ବର୍ଷର ପୋଷାକ କିଣି ମିଥ୍ୟା ବିଲ୍ କରି ନେଉଛନ୍ତି । ଏହାର ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି । ନଚେତ୍ ଜିଲ୍ଲାପାଳ, ଡିପିସି, ନିର୍ଦ୍ଦେଶକ ଶିକ୍ଷା ବିଭାଗଙ୍କ ନିକଟରେ ଅଭିଯୋଗ କରାଯାଇଥିବା ଜଣାପଡ଼ିଛି ।

## କ୍ରେଡିଟ୍ କୋ-ଅପରେଟିଭ ସୋସାଇଟି ପକ୍ଷରୁ ଯକୃତ ରୋଗୀଙ୍କୁ ସହାୟତା



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ଜଣାଶୁଣା ସମବାୟ ଆର୍ଥିକ ସଂସ୍ଥା କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ ସୋସାଇଟି ପକ୍ଷରୁ ପାଟକୁରାର ମୁସଲିମ ବସ୍ତିର ସାଦୋ ଖାନଙ୍କ ପତ୍ନୀ ଆନସାରୀ ବିବି ଦୀର୍ଘ ଦିନ ଧରି ଯକୃତ (କିଡ୍‌ନୀ) ରୋଗରେ ପୀଡିତ ହୋଇ ଡାଇଲିସିସ୍ ହେବା ସହ ଚିକିତ୍ସିତ ଅଛନ୍ତି । ରୋଗୀଙ୍କର ଆର୍ଥିକ ଅବସ୍ଥା ଅତି ଦୁର୍ବଳ ଥିବା ସହିତ କୌଣସି ରୋଜଗାର ବାଟ ନଥିବାର ଖବରପାଇ ସୋସାଇଟିର ପ୍ରତିଷ୍ଠାତା ସଭାପତି ପ୍ରମୋଦ କୁମାର ସାହୁ ପୀଡ଼ିତାଙ୍କ ଘରେ ପହଞ୍ଚି ତାଙ୍କର ଚିକିତ୍ସା ପାଇଁ ୧୦ ହଜାର ସହାୟତା ପ୍ରଦାନ କରିଛନ୍ତି । ଏହି ସହାୟତା ପ୍ରଦାନ ସମୟରେ ଗରଦପୁର ଶାଖା ପରିଚାଳକ ଅନୋଜ ସିଂହ, ନିର୍ଦ୍ଦେଶକ ବଲ୍ଲଭ ନନ୍ଦୀ, ଦିପକ ପାଣ ପ୍ରମୁଖଙ୍କ ସମେତ ବସ୍ତିର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ସୋସଇଟି ପକ୍ଷରୁ ଏହି ସହାୟତାକୁ ସ୍ଥାନୀୟ ଅଞ୍ଚଳରେ ବହୁ ବିଶିଷ୍ଟ ବ୍ୟକ୍ତି ପ୍ରଶଂସା କରିଛନ୍ତି ।

# ବଢୁଛି ଗଞ୍ଜେଇ ଚାଷ : ରୋକିବାରେ ଜଙ୍ଗଲ, ଅବକାରୀ, ପୁଲିସ କର୍ମଚାରୀ ବିଫଳ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଏବେ ଗଞ୍ଜେଇ ଚାଷ ଅହେତୁକ ବୃଦ୍ଧି ପାଇଛି । ଘଞ୍ଚ ଜଙ୍ଗଲ, ଅପହଞ୍ଚ, ଉପାନ୍ତ ଅଞ୍ଚଳରେ ଖୋଲାଖୋଲି ଗଞ୍ଜେଇ ଚାଷ ଚାଲିଛି । ଏସବୁକୁ ରୋକିବାରେ ଜଙ୍ଗଲ, ଅବକାରୀ ଓ ପୁଲିସ ବିଭାଗ ବିଫଳ ହୋଇଛି । ଏହି ତିନି ବିଭାଗର ନିଷ୍କ୍ରିୟତା ଯୋଗୁଁ ମାଓବାଦୀ ଏବଂ ମାଫିଆ ନିର୍ବିଘ୍ନରେ ନିଜ ବ୍ୟବସାୟକୁ ଆହୁରି ଜୋରଦାର କରିଛନ୍ତି । ରାଜ୍ୟରେ ବ୍ୟାପକ ଗଞ୍ଜେଇ ଚାଲାଣ ହେଉଥିବାବେଳେ ଏଥିରେ ହାତଗଣତି ଘଟଣାରେ ଅଭିଯୁକ୍ତ ଧରାପଡୁଛନ୍ତି । ତେବେ ସଂଖ୍ୟାଧିକ କ୍ଷେତ୍ରରେ ଗଞ୍ଜେଇ ମାଫିଆ, ଚାଷୀ ଏବଂ ବେପାରୀ ଆଇନର ପଞ୍ଝାରୁ ବାହାରେ ଅଛନ୍ତି । ଜଙ୍ଗଲ, ଅବକାରୀ ଓ ପୁଲିସ କର୍ମଚାରୀଙ୍କ ସକ୍ରିୟ ସହଯୋଗରୁ ଗଞ୍ଜେଇ ଚାଷ ରାଜ୍ୟର ଉପାନ୍ତ ଓ ଅପହଞ୍ଚ ଇଲାକାରେ କାୟା ବିସ୍ତାର କଲାଣି । ନିକଟରେ ଜଣେ ବରିଷ୍ଠ ଜଙ୍ଗଲ ବିଭାଗ ଅଧିକାରୀଙ୍କ ଘରେ ଭିଜିଲାନ୍ସ ଚଢ଼ଉ ବେଳେ କୋଟି କୋଟି ଟଙ୍କାର ସମ୍ପତ୍ତି ଠାବ କରାଯାଇଥିଲା । ସମ୍ପୃକ୍ତ ଅଧିକାରୀ ଜଣଙ୍କ ଯେଉଁ ଅଞ୍ଚଳରେ ନିୟୋଜିତ ଥିଲେ ସେଠାରେ ବ୍ୟାପକ ଗଞ୍ଜେଇ ଚାଷ ହେଉଛି । ଗଞ୍ଜେଇ ଚାଷରୁ ତାଙ୍କୁ ବହୁ ଅର୍ଥ ମିଳିଥିବା ନେଇ ଭିଜିଲାନ୍ସ ତଦନ୍ତ ବେଳେ ଜଣାପଡ଼ିଥିଲା । ଜଣେ ବରିଷ୍ଠ ଜଙ୍ଗଲ ବିଭାଗ ଅଧିକାରୀଙ୍କ ସହ ଗଞ୍ଜେଇ ମାଫିଆଙ୍କ ଲିଙ୍କ୍ ଜଣାପଡ଼ିବା ଘଟଣା ସରକାରଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି । ଅନ୍ୟପଟେ ଗଞ୍ଜେଇ ଚାଷ ଅଞ୍ଚଳକୁ ବଦଳି ହୋଇଯିବା ନିମନ୍ତେ ବହୁ ଜଙ୍ଗଲ ବିଭାଗ ଅଧିକାରୀ, କର୍ମଚାରୀଙ୍କ ଆଗ୍ରହ ଦେଖିବାକୁ ମିଳୁଛି ।

ଗଞ୍ଜେଇ କାରବାରରେ ଖାକି ହାତରେ ହାତକଡ଼ି ପଡ଼ିବାର ନଜିର ରହିଛି । ବିଭିନ୍ନ ସମୟରେ ଗୃହରକ୍ଷୀଠାରୁ ଆରମ୍ଭ କରି କନଷ୍ଟେବଳ ଗଞ୍ଜେଇ ଚାଲାଣ କରିବାବେଳେ ଧରାପଡ଼ିଛନ୍ତି । ଗଞ୍ଜେଇ କାରବାର ମାମଲାରେ କ୍ୟାପିଟାଲ ଥାନାରୁ ଚମ୍ପଟ ମାରିଥିବା ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଆଇଆଇସି ରାଜେଶ ବଳିୟାରସିଂ ଏବେ ମଧ୍ୟ ଫେରାର ଅଛନ୍ତି । ରାଜେଶ ପୂର୍ବରୁ ଜୟପୁର ଟାଉନ ଥାନାର ସବ୍-ଇନ୍ସପେକ୍ଟର ଥିଲେ । ଏହି ସମୟରେ ସେ ଗଞ୍ଜେଇ ମାଫିଆଙ୍କ ସହ ମିଶି ନିଶା କାରବାର ଚଳାଇଥିବା ନେଇ ଅଭିଯୋଗ ହୋଇଛି । ଜଙ୍ଗଲ ବିଭାଗର କର୍ମଚାରୀ ସେମାନଙ୍କ ଅଧୀନରେ ଥିବା ଫରେଷ୍ଟ ବିଟ୍ ଅଞ୍ଚଳରେ ଗଞ୍ଜେଇ ଚାଷ ସମ୍ପର୍କରେ ସରକାରଙ୍କୁ ଅବଗତ କରୁନାହାନ୍ତି । ବିଭାଗର କର୍ମଚାରୀଙ୍କ ଜାଣତରେ ଗଞ୍ଜେଇ ଚାଷ ହେଉଛି । ପୁଲିସ ଓ ଅବକାରୀ ବିଭାଗ ଯେତେ ପରିମାଣରେ ଗଞ୍ଜେଇ କ୍ଷେତ ନଷ୍ଟ କରୁଥିବା ନେଇ ପ୍ରଚାର କରୁଛନ୍ତି ତା'ର ଢେର ଅଧିକଗୁଣ ଅଞ୍ଚଳରେ ଗଞ୍ଜେଇ ଉତ୍ପାଦିତ ହେଉଛି । ସେମାନଙ୍କ ସହ ସ୍ଥାନୀୟ ସୁରକ୍ଷାକର୍ମୀ ହାତ ମିଳାଉଥିବା ବେଳେ ପ୍ରତି ବର୍ଷ ବ୍ୟାପକ ପରିମାଣରେ ଗଞ୍ଜେଇ ଗଛ କଟାଯାଉଛି । ହେଲେ ଏହି ଜମି କାହାର ମାଲିକାନାରେ ଅଛି ତା'ର କିଛି ତଥ୍ୟ ପ୍ରଦାନ କରାଯାଉନାହିଁ । ପ୍ରକାରାନ୍ତରେ ଏସବୁ ଚାଷ ମୁଖ୍ୟତଃ ଜଙ୍ଗଲ ବିଭାଗ ଜମିରେ କରାଯାଉଛି । ସବୁ ଜାଣିବା ସତ୍ତ୍ୱେ ଏହାକୁ ରୋକିବା ବଦଳରେ ଜଙ୍ଗଲ ବିଭାଗ ଅଧିକାରୀଙ୍କ ନିରବତା ପ୍ରଶ୍ନବାଚୀ ସୃଷ୍ଟି କରିଛି । କହିବାକୁ ଗଲେ ଗଞ୍ଜେଇ ଚାଷ ପଛରେ ଜଙ୍ଗଲ, ଅବକାରୀ ଓ ପୁଲିସ କର୍ମଚାରୀଙ୍କ ସିଧାସଳଖ ପ୍ରୋତ୍ସାହନ ରହିଛି । ଜିଲାସ୍ତରରେ ଗଞ୍ଜେଇ ମାଫିଆମାନେ ଖୋଲାଖୋଲି ସେମାନଙ୍କ ସାମ୍ରାଜ୍ୟ ଚଳାଉଛନ୍ତି ।

ଅବିଭକ୍ତ କଳାହାଣ୍ଡି, ବଲାଙ୍ଗିର ଭଳି ଅନେକ ଆଦିବାସୀବହୁଳ ଜିଲାରେ ବର୍ଷ ବର୍ଷ ଧରି ଗଞ୍ଜେଇ ଚାଷ ହୋଇଆସୁଛି । ଏପରିକି ଭୁବନେଶ୍ୱର, କଟକ ସହରଠାରୁ ଅଳ୍ପଦୂରରେ ଅବସ୍ଥିତ ଚନ୍ଦକା ଜଙ୍ଗଲରେ ମଧ୍ୟ ଗଞ୍ଜେଇ ଚାଷ ହେଉଥିବା ନେଇ ତଥ୍ୟ ମିଳିଛି । ଅବିଭକ୍ତ ଗଞ୍ଜାମ, କୋରାପୁଟ, ଫୁଲବାଣୀ ଠାରୁ ଆରମ୍ଭ କରି ସମ୍ବଲପୁର, ଢେଙ୍କାନାଳ ଏମିତିକି ନୟାଗଡ଼ ଜିଲାରେ ବ୍ୟାପକ ଗଞ୍ଜେଇ ଚାଷ ଚାଲୁଛି ।

ଓଡ଼ିଶାରୁ ଦେଶର ବିଭିନ୍ନ ରାଜ୍ୟକୁ ଏମିତିକି ବିଦେଶକୁ ବି ଚୋରାରେ ଗଞ୍ଜେଇ ଚାଲାଣ କରାଯାଉଥିବା ପ୍ରମାଣ ରହିଛି । ବିଦେଶରେ ଓଡ଼ିଶା ଗଞ୍ଜେଇର ଚାହିଦା ରହିଛି । ବେଆଇନ ଚାଷୀଙ୍କୁ ଗଞ୍ଜେଇ ବିକ୍ରି କରିବାରେ କୌଣସି ଅସୁବିଧା ହେଉନଥିବା ଜଣାପଡ଼ିଛି । ଅନ୍ୟପଟେ ପୁଲିସ କିମ୍ବା ଅବକାରୀ ବିଭାଗ ଯେତିକି ପରିମାଣର ଗଞ୍ଜେଇ ଗଛ ନଷ୍ଟ କରନ୍ତୁ ନା କାହିଁକି, ଜଣେ ହେଲେ ବି ସମ୍ପୃକ୍ତ ଚାଷୀକୁ ଗିରଫ କରିବା ନଜିର ନାହିଁ । ଜଙ୍ଗଲରେ କିଏ ଚାଷ କରୁଛି, ସେ ସମ୍ପର୍କରେ ସ୍ଥାନୀୟ ଲୋକ ଜାଣିଥିଲେ ସୁଦ୍ଧା ପୁଲିସ, ଜଙ୍ଗଲ ଏବଂ ଅବକାରୀ ବିଭାଗ କର୍ମଚାରୀ ଜାଣି ପାରୁନାହାନ୍ତି ।

ଜଙ୍ଗଲର ସୁରକ୍ଷା ଜଙ୍ଗଲ ବିଭାଗର ଦାୟିତ୍ୱ । ଶହ ଶହ ଜଙ୍ଗଲ ଜମିରେ ମାଓବାଦୀ ଗଞ୍ଜେଇ ଚାଷ କରୁଛନ୍ତି । ନିଜ ସଂଗଠନ ମଜଭୁତ କରିବା ଲାଗି ମାଓବାଦୀଙ୍କ ରୋଜଗାର ଉତ୍ସ ହୋଇଛି ଗଞ୍ଜେଇ । ଓଡ଼ିଶା ପୁଲିସ ଏବେ ମାଓବାଦୀଙ୍କ ଉପରେ ନଜର ରଖିଛି । ୨୦୨୬ ଶେଷ ସୁଦ୍ଧା ମାଓବାଦୀ ମୂଳପୋଛ କରିବା ଲାଗି ପୁଲିସ ରଣନୀତି ପ୍ରସ୍ତୁତ କରିଛି । ମାଓବାଦୀଙ୍କ ରୋଜଗାର ଉତ୍ସ ଗଞ୍ଜେଇ ଗଛ ନଷ୍ଟ କରିବାକୁ ପୁଲିସ ଯୋଜନା କରିଥିବାବେଳେ ଢୋଲ ଭିତରେ ମୂଷା ନ୍ୟାୟରେ କିଛି ନିର୍ଦ୍ଦିଷ୍ଟ ପୁଲିସ କର୍ମଚାରୀ ନିଶା ବେପାରୀଙ୍କ ସହ ସାମିଲ ହୋଇଛନ୍ତି । ବୈଷୟିକ ଜ୍ଞାନ ଜରିଆରେ ଗଞ୍ଜେଇ ଚାଷ ଅଞ୍ଚଳକୁ ଚିହ୍ନଟ କରାଯାଇ ନଷ୍ଟ କରାଯାଉଥିବା ପୁଲିସ କହୁଛି ।

ପୁଲିସ ସୂଚନା ଅନୁସାରେ ୨୦୨୪ ନଭେମ୍ବର ୧ରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ ଗତ ଫେବୃୟାରୀ ସୁଦ୍ଧା ରାଜ୍ୟର ବିଭିନ୍ନ ଥାନାରେ ୫୯୧ଟି ମାମଲା ରୁଜୁ କରାଯାଇଥିଲା । ପ୍ରାୟ ୨୫ ହଜାର ଏକରରୁ ଅଧିକ ଗଞ୍ଜେଇ ଚାଷକୁ ପୁଲିସ ନଷ୍ଟ କରିଥିଲା । ୨୦୨୪ରେ ୩୫୦ଟି ମାମଲା ରୁଜୁ କରାଯାଇଥିବାବେଳେ ୧୫ ହଜାର ଏକରରୁ ଅଧିକ ଗଞ୍ଜେଇ ଚାଷକୁ ନଷ୍ଟ କରାଯାଇଥିଲା । ୨୦୨୩ରେ ୪୨୮ଟି ମାମଲା ରୁଜୁ କରାଯାଇଥିବାବେଳେ ୧୦ ହଜାର ୫୪୧ ଏକର ଜମିରୁ ଗଞ୍ଜେଇ ନଷ୍ଟ କରିଥିଲା ପୁଲିସ । ସେହିପରି ୨୦୨୨ରେ ୫୭୦ଟି ମାମଲା ରୁଜୁ ହୋଇଥିବାବେଳେ ୨୪ ହଜାର ୩୯୫ ଏକର ଗଞ୍ଜେଇ ଚାଷ ନଷ୍ଟ କରାଯାଇଥିଲା । ୮ଟି ଜିଲ୍ଲାରେ ଗଞ୍ଜେଇ ଚାଷ ବିରୋଧରେ ସ୍ୱତନ୍ତ୍ର ଅଭିଯାନ ଚାଲିଥିଲା ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୬ ଅଗଷ୍ଟ ୨୦୨୫ ମଙ୍ଗଳବାର





# ସମସ୍ୟା ଘେରରେ ଚରଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଗ୍ରାମାଞ୍ଚଳରେ ଶିକ୍ଷାରେ ଉନ୍ନତି ପାଇଁ ସରକାର ବିଭିନ୍ନ ବିଦ୍ୟାଳୟ ପ୍ରତିଷ୍ଠା ସହ ଆନୁସଙ୍ଗିକ ବ୍ୟବସ୍ଥା କରିଛନ୍ତି । ସରକାରୀ ବିଦ୍ୟାଳୟ ପ୍ରତି ଛାତ୍ରଛାତ୍ରୀ କିପରି ଆକୃଷ୍ଟ ହେବେ ସେଥିପାଇଁ ମାଗଣା ପୋଷାକ, ବହି ଓ ମଧ୍ୟାହ୍ନ ଭୋଜନ ଆଦି ବ୍ୟବସ୍ଥା କରଛନ୍ତି । ତଥାପି ଶିକ୍ଷାର ଭିତ୍ତିଭୂମି, ଶ୍ରେଣୀ ଗୃହ ଅଭାବ, ଶିକ୍ଷକ ଅଭାବ ଯୋଗୁ ସରକାରୀ ବିଦ୍ୟାଳୟ ପ୍ରତି ଛାତ୍ରଛାତ୍ରୀ ମାନେ ବିମୁଖ ହେଉଛନ୍ତି । ତେବେ ବୌଦ୍ଧ ଜିଲ୍ଲା ସଦର ବ୍ଲକ ପଦ୍ମନପୁର ପଞ୍ଚାୟତ ଅନ୍ତର୍ଗତ ଚରଦା





ଗ୍ରାମରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବର୍ତମାନ ନାନା ସମସ୍ୟା ଦେଇ ଗତି କରୁଥିବା ସୂଚନା ମିଳିଛି । ୧୯୫୩ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟରୁ ଅନେକ କୃତି ଛାତ୍ର ବିଭିନ୍ନ କ୍ଷେତ୍ରରେ ନିଜ ସେବା ଯୋଗାଇ ନିଜର କାର୍ଯ୍ୟ ଦକ୍ଷତା ପ୍ରତିପାଦନ କରିଛନ୍ତି । ଦେଶ ସ୍ୱାଧୀନତାର ପାଞ୍ଚବର୍ଷ ପରେ ପ୍ରତିଷ୍ଠା ହୋଇଥିବା ଚରଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବର୍ତମାନ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୩୮ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଏମାନଙ୍କ ପାଇଁ ୪ଟି ଶ୍ରେଣୀ ଗୃହ ଅଛି । ଶିକ୍ଷାଦାନ ପାଇଁ ୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଛନ୍ତି । ଶ୍ରେଣୀ ଗୃହ ଅଭାବରୁ ଗୋଟିଏ କୋଠରୀରେ ୨/୩ ଶ୍ରେଣୀର ପିଲା ବସି ପାଠ ପଢୁଛନ୍ତି । ସ୍କୁଲ ଆରମ୍ଭରୁ ତିଆରି ହୋଇଥିବା ଘର ଏବେ ବିପଦ ସଂକୁଳ ଅବସ୍ଥାରେ ଅଛି । ଯାହାକି ବିପଦକୁ ଆମନ୍ତ୍ରଣ କରୁଛି । ବିଦ୍ୟାଳୟର ଶାରୀରିକ ଶିକ୍ଷା ପାଇଁ କୌଣସି ଖେଳ ପଡିଆ ନଥିବାରୁ ଛାତ୍ର ଛାତ୍ରୀମାନେ ଖେଳରୁ ବଞ୍ଚିତ ହେଉଛନ୍ତି । ଭଙ୍ଗା ଦଦରା ପୁରୁଣା ଘରକୁ ଭାଙ୍ଗି ନୂତନ ଶ୍ରେଣୀ ଗୃହ ନିର୍ମାଣ, ସ୍କୁଲ ନିକଟରେ ଥିବା ପଡିଆକୁ ସ୍କୁଲ ନାମରେ ରେକର୍ଡ ଭୁକ୍ତ କରିବା ଓ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦେବାକୁ ଜିଲ୍ଲା ଶିକ୍ଷା ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ଜିଲ୍ଲାପାଳଙ୍କ ଫେସ୍‌ବୁକ୍ ହ୍ୟାକ୍:ଲୋକଙ୍କୁ କରୁଛି ଟଙ୍କା ଦାବି

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଫେସ୍‌ବୁକ୍ ହ୍ୟାଣ୍ଡଲ୍‌କୁ ଅଜଣା ଲୋକେ ହ୍ୟାକ୍ କରିଛନ୍ତି । ସାଇବର ଅପରାଧୀ ମାନେ ଏହାକୁ ହ୍ୟାକ୍ କରି ସାଧାରଣ ଲୋକଙ୍କୁ ଟଙ୍କା ଦାବି କରୁଛନ୍ତି । ଏନେଇ ଜନସାଧାରଣଙ୍କୁ ମୟୁରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ସଚେତନ କରାଯାଇଛି । ସାଇବର ଠକମାନେ ବର୍ତ୍ତମାନ ଜିଲ୍ଲାପାଳ, ନେତା, ମନ୍ତ୍ରୀ ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ଫେସ୍‌ବୁକ୍ ଆଇଡି ଜରିଆରେ ଠକେଇ ପାଇଁ ମାଧ୍ୟମ ପାଇଛନ୍ତି । ବିଭିନ୍ନ ମିଥ୍ୟା ବାହାନା ଓ ପ୍ରଲୋଭନ ଦେଖାଇ ଲୋକଙ୍କ ଠାରୁ ଟଙ୍କା ଦାବି କରୁଛନ୍ତି । ଏନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରିଛନ୍ତି ଯେ, ପ୍ରଶାସନ କିମ୍ବା କୌଣସି ଅଧିକାରୀଙ୍କ ପକ୍ଷରୁ କେବେବି ଏପରି ଅନୁରୋଧ ହୋଇନି । ଜିଲ୍ଲାପାଳଙ୍କ ଫେସ୍‌ବୁକ୍ ପୃଷ୍ଠାରୁ ଯଦି କୋଣସି ଟଙ୍କା ଦାବି କରି ମେସେଜ୍ ଯାଇଥିବ, ତେବେ ତାହାକୁ କୌଣସି ପ୍ରତିକ୍ରିୟା ଦିଅନ୍ତୁ ନାହିଁ କିମ୍ବା ଟଙ୍କା ପଠାନ୍ତୁ ନାହିଁ ବୋଲି ଜନସାଧାରଣ ମାନଙ୍କୁ ଜିଲ୍ଲାପାଳ ଶ୍ରୀ ସୟ ଅନୁରୋଧ କରିଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ହ୍ୟାକିଂ ବିଷୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପଦକ୍ଷେପ ନେଇଛନ୍ତି । ଏନେଇ ସାଇବର୍ ସେଲ୍‌କୁ ଅବଗତ କରାଯାଇଛି । ତଦନ୍ତ ପ୍ରକ୍ରିୟା ଜାରି ରହିଛି । କେବଳ ସରକାରୀ ୱେବ୍‌ସାଇଟ୍ କିମ୍ବା ପ୍ରେସ୍ ବିଜ୍ଞପ୍ତିକୁ ଜନସାଧାରଣ ବିଶ୍ୱାସ କରନ୍ତୁ । କୌଣସି ସନ୍ଦେହଜନକ ମେସେଜ୍ ଦେଖିଲେ, ତାହାକୁ ତୁରନ୍ତ ଜିଲ୍ଲା ପ୍ରଶାସନଙ୍କୁ ସୂଚନା ଦେବାକୁ ଜିଲ୍ଲାପାଳ ନିବେଦନ କରିଛନ୍ତି । ବିଶେଷକରି କୌଣସି ଓଟିପି, ବ୍ୟାଙ୍କ ବିବରଣୀ କିମ୍ବା ବ୍ୟକ୍ତିଗତ ସୂଚନା କୌଣସି ପରିସ୍ଥିତିରେ ଏହି ହ୍ୟାକ୍ ହୋଇଥିବା ପୃଷ୍ଠାକୁ ଦିଅନ୍ତୁନାହିଁ ବୋଲି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଜରିଆରେ ଅନୁରୋଧ କରାଯାଇଛି ।

# ଭିନ୍ନକ୍ଷମମାନଙ୍କ ଗୋଷ୍ଠି ଭିତ୍ତିକ ସାମଗ୍ରୀକ ବିକାଶ ଓ ଥଇଥାନ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଅଧିନସ୍ତ ସମଲେଇଚୁଆଁ ସରକାରୀ ଉଚ୍ଚ ବିଦ୍ୟାଳୟ ଶ୍ରେଣୀ କକ୍ଷରେ ଟାଟା ପାୱାର ପଶ୍ଚିମ ଓଡ଼ିଶା ବିତରଣ ପ୍ରା.ଲି. ସହାୟତା ଏବଂ ରେଆର, ସୋନପୁର ପରିଚାଳନାରେ ୧୩ ଗୋଟି ପଞ୍ଚାୟତର ୩୮ଟି ବିଦ୍ୟାଳୟର ଜଣେ ଲେଖାଏଁ ଶିକ୍ଷକ/ ଶିକ୍ଷୟିତ୍ରୀ ସମସ୍ତ ବ୍ଲକ ସମ୍ବଳ ଶିକ୍ଷକ, ଅନ୍ତର୍ନିବେଶି ଶିକ୍ଷା, ସ୍ୱେଚ୍ଛାସେବୀ ମାନଙ୍କ ଉପସ୍ଥିତିରେ ଶିକ୍ଷକ ପରାମର୍ଶ ଏବଂ ଶ୍ରେଣୀ ପରିଚାଳନା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ସମଲେଇଚୂଆଁ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲୋକନାଥ ମେହେର ଆସନ ଅଳଂକୃତ କରି ଏହି ଶିବିରର ଲକ୍ଷ୍ୟ ଉଦ୍ଦେଶ୍ୟ ବିଷୟରେ ଅଲୋଚନା କରି ସମସ୍ତଙ୍କୁ ସକ୍ରିୟ ଅଂଶଗ୍ରହଣ କରିବା ପାଇଁ ଜଣାଇଥିଲେ । ସାଧନ କର୍ମୀ ତଥା ଅନ୍ତର୍ନିବେଶି ଶିକ୍ଷା ଭାରପ୍ରାପ୍ତ ସଂଯୋଜକ




ସଚ୍ଚିଦାନନ୍ଦ ସାହୁ, ଅନ୍ତର୍ନିବେଶି ଶିକ୍ଷା, ତାହାର ପ୍ରାଧାନ୍ୟ, ମେକାନିଜମ, ଶ୍ରେଣୀ ପରିଚାଳନା ଓ ତାହାର ଆବଶ୍ୟକତା ଏବଂ ଯୋଜନା ବିଷୟରେ ଭିଜୁଆଲ ଓ ଉଦାହରଣ ମାଧ୍ୟମରେ ଦିଗ୍‌ଦର୍ଶନ ଦେଇଥିବା ବେଳେ ଭୌତିକ ଚିକିତ୍ସକ ଡାକ୍ତର ଅରୁପ କୁମାର ମେହେର ବିଭିନ୍ନ ଶ୍ରେଣୀର ଭିନ୍ନକ୍ଷମ ମାନଙ୍କ ଚିହ୍ନଟି କରଣ, ପ୍ରତିକାର ପ୍ରକ୍ରୀୟ ଶିକ୍ଷା ପ୍ରଣାଳୀର ଆବଶ୍ୟକ ଓ ସହଯୋଗ ବିଷୟରେ ଉପସ୍ଥାପନା କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଭିନ୍ନକ୍ଷମ ଗୋଷ୍ଠିଭିତ୍ତିକ ସାମଗ୍ରୀକ ବିକାଶ ଓ ଥଇଥାନ, ଡୁଙ୍ଗୁରୀପାଲିର କାର୍ଯ୍ୟକ୍ରମ ସଂଯୋଜକ ମନଗଡୁ ଜୁଆଡି ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ ଓ ଅଭିନନ୍ଦନ ସହ ଅତିଥି ପରିଚୟ ପ୍ରଦାନ କରି ପ୍ରକଳ୍ପର ଆଭିମୁଖ୍ୟ ଉପସ୍ଥାପନା କରିଥିଲେ । ରେଆରର ପ୍ରୋଗ୍ରାମ ମେନେଜର ମନୋଜ କୁମାର ସ୍ୱାଇଁ ରେଆର ଅନୁଷ୍ଠାନର ବିଭିନ୍ନ ପ୍ରକଳ୍ପ ଓ ଆଭିମୁଖ୍ୟ ବିଷୟରେ ଉପସ୍ଥାପନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ପ୍ରକଳ୍ପର ସି.ବି.ଆର. କର୍ମୀ ନବୀନ ବଗର୍ତୀ, ସମ୍ପିତ ନେଗୀ, ବିଭୁତି ଭୂଷଣ ଅମାତ ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ ମଣ୍ଡିତ କରିଥିଲେ ।

# ବନ୍ଧୁକ ପାହାଡ଼ରେ ଗଞ୍ଜାମ:ପୁଣି ଫୁଟିଲା ଗୁଳି

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ବନ୍ଧୁକ ପାହାଡ୍‌ରେ ଠିଆ ହୋଇଛି ଗଞ୍ଜାମ । ଅପରାଧୀଙ୍କୁ ହାତ ମାରିଲେ ମିଳୁଛି ବନ୍ଧୁକ । ଜିଲ୍ଲାରେ ପୋଲିସ ୫୫ରୁ ଅଧିକ ବନ୍ଧୁ ସହ ୩୦୦ ରାଉଣ୍ଡ ଗୁଳି ଜବତ କଲାଣି । ବନ୍ଧୁକ ର୍ୟାକେଟ୍ ଧରିବାକୁ ପୋଲିସ ମାସେ ଡ୍ରାଇଭ କରିବା ପରେ ନୀରବ ହୋଇଯାଇଥିବାରୁ ପୁଣି ଅପରାଧୀ ସକ୍ରିୟ ହେଉଥିବା ଦେଖାଯାଉଛି । ଶେରଗଡ଼ ଥାନା ସୁନାନ୍ତର ଗ୍ରାମରେ କାଳିଆ ଜେନାଙ୍କ ଉପରକୁ ଗୁଳିମାଡ଼, ବଡ଼ ବଜାର ଥାନା ଶାସ୍ତ୍ରୀ ନଗରରେ ଗୁଳି ଫୁଟାଇ ହୀରା ଲୁଟ୍ ଭଳି ଘଟଣା ଜିଲ୍ଲାରେ ଚର୍ଚ୍ଚିତ ହୋଇଛି । ଗଞ୍ଜାମ ଜିଲ୍ଲାରେ ବଡ଼ ଧରଣର ମାଉଜର କାରବାର ର୍ୟାକେଟ୍ ଚାଲିଥିବା ଆସିକା ଏସ୍‌ଡ଼ିପିଓ ସନ୍ତୋଷ କୁମାର ଜେନା ସୁରାକ୍ ପାଇବା ପରେ ଗଞ୍ଜାମ ଏସ୍‌ପିଙ୍କ ନିର୍ଦ୍ଦେଶ ପ୍ରକାରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଚଢ଼ଉ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ୨୦୨୫ ମଇ ୪ ତାରିଖରେ ଗଞ୍ଜାମ ପୋଲିସ ୧୭ଟି ମାଉଜର ଜବତ କରି ସମ୍ପୃକ୍ତ ମାମଲାରେ ୧୮ ଜଣଙ୍କୁ ଗିରଫ କରିଥିଲା । ପୁଣି ମଇ ୧୩ ତାରିଖରେ ଆଉ ୭ଟି ମାଉଜର ଓ ବିପୁଳ ପରିମାଣର ଗୁଳି

**ମିଳିଛି ୫୫ ମାଉଜର, ତିନି ଶହ ଗୁଳି**

ଜବତ ହୋଇଥିଲା । ପରବର୍ତ୍ତୀ ସମୟରେ ଭଞ୍ଜନଗର ଓ ଖଲ୍ଲିକୋଟରେ ମଧ୍ୟ ୮ଟି ମାଉଜର ଓ ଗୁଳି ଜବତ ହୋଇଥିଲା । ବ୍ରହ୍ମପୁର ପୋଲିସ ମଧ୍ୟ ପରବର୍ତ୍ତୀ ସମୟରେ ପର୍ଯ୍ୟାୟକ୍ରମେ ୧୫ଟି ମାଉଜର ସହ ବହୁ ସଂଖ୍ୟାରେ ଗୁଳି ଜବତ କରିଥିଲା । ଏତିକିରେ ଜିଲ୍ଲାରେ ଆଉ ବନ୍ଧୁକ ନଥିବ ବୋଲି ଆଶା କରାଯାଉଥିଲା । ତେବେ ପରବର୍ତ୍ତୀ ସମୟରେ ପୁଣି ଗୁଳି ଫୁଟିଲା । ୨୦୨୫ ମଇ ୨୨ ତାରିଖରେ କୋଦଳା ଥାନା ରାମପଲ୍ଲୀରେ ଗୁଳି ମାଡ଼ ହୋଇଥିଲା । ଗତ ୨୫ ତାରିଖ ସନ୍ଧ୍ୟାରେ ଶେରଗଡ଼ ଥାନା କାଳିଆ ଓରଫ୍ ନିରଞ୍ଜନ ଜେନାଙ୍କ ଘର ଉପରକୁ ବୋମା ଓ ଗୁଳି ମାଡ଼ ହୋଇଥିଲା । ସେ ଚିକିତ୍ସିତ ହୋଇ ଘରକୁ ଫେରିଥିବା ବେଳେ ପୋଲିସ ଏହି ମାମଲାରେ ୧୧ ଜଣଙ୍କୁ ଗିରଫ କରିଛି ଏବଂ ସେମାନଙ୍କ ଠାରୁ ୧୦ଟି ମାଉଜର ଜବତ ହୋଇଛି । କାଳିଆ ଜେନାଙ୍କୁ ହତ୍ୟା କରିବାକୁ ମାଷ୍ଟରପ୍ଲାନ୍ ହୋଇଥିଲା । ଗୋଟିଏ ଘଟଣାରେ ଅପରାଧୀଙ୍କ ଠାରୁ ୧୦ଟି ମାଉଜର ଜବତ ହେବା ଘଟଣା ସାମାନ୍ୟ ନୁହେଁ । ଅପରାଧୀଙ୍କ ଟାର୍ଗେଟ୍‌ରେ ଆଉ କଣ ଥିଲା ତାହା ଖୋଜିବା ବି ଏବେ ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି । ସେପଟେ ବ୍ରହ୍ମପୁର ବଡ଼ ବଜାର ଥାନା ଶାସ୍ତ୍ର ନଗରରେ ଅଗଷ୍ଟ ୩ ତାରିଖରେ ହୀରା ବ୍ୟବସାୟୀ ରୁନା ଆଚାରୀଙ୍କୁ ଗୁଳି କରି ହୀରା ଲୁଟ୍ ହୋଇଥିଲା । ସମ୍ପୃକ୍ତ ମାମଲାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି । ତେବେ ମାଉଜର କିମ୍ବା ହୀରା ଜବତ ହୋଇନାହିଁ । ଏବେ ମୋଷ୍ଟ ୱାଣ୍ଟେଡ୍ ସୁନୀଲ୍ ନାୟକଙ୍କୁ ଏନ୍‌କାଉଣ୍ଟର ସମୟରେ ଆଉ ଗୋଟିଏ ମାଉଜର ଜବତ ହୋଇଥିଲା । ଗଞ୍ଜାମ ପୋଲିସର ଜଣେ ମୋଷ୍ଟ ୱାଣ୍ଟେଡ୍ ଅପରାଧୀ ଏବେ ବିହାର ଜେଲ୍‌ରେ ଥିବା ବେଳେ ସେ ଜିଲ୍ଲାରେ ମାଉଜର ଯୋଗାଣ କରିଥିବା ପୋଲିସ ତଦନ୍ତରେ ଜଣାପଡ଼ିଛି । ତେବେ ଆଉ କେତେ ଅପରାଧୀଙ୍କ ପାଖରେ ମାଉଜର ଅଛି ପୁଣି ସ୍ୱେଶାଲ୍ ଡ୍ରାଇଭର ହେଲେ ହିଁ ଜଣାପଡ଼ିବ ବୋଲି ଚର୍ଚ୍ଚା ହେଉଛି ।



# ବିପଦଜନକ ଅବସ୍ଥାରେ ଚାଲିଛି ଗୋପ ହାଟ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ପାରାଦ୍ୱୀପ ଚଣ୍ଡିଖୋଲ ରାସ୍ତାର ଗୋପ ଛକ ଠାରେ ଜାତୀୟ ରାଜପଥ କଡକୁ ଲାଗି ବିପଦ ଶଙ୍କୁଳ ଅବସ୍ଥାରେ ଗୋପ ହାଟ ଚାଲୁଥିବା ଦେଖିବାକୁ ମିଳୁଛି । ଏହି ରାସ୍ତା ପ୍ରଶସ୍ତିକରଣ ଚାଲୁଥିବା ବେଳେ ଭାରୀଯାନ ଗୁଡିକ ଓ ମାଲ ବୋଝେଇ ଯାନ ଗୁଡିକ ସହିତ ତେଲ ଟ୍ୟାଙ୍କର ଶହ ଶହ ସଂଖ୍ୟାରେ କ୍ରମାଗତ ଭାବେ ଯାତାୟାତ କରୁଥିବା ବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ବ୍ୟବସାୟୀମାନେ ପସରା ଖୋଲି ବସି ରହୁଥିବାରୁ ଯେକୌଣସି ସମୟରେ ଦୁର୍ଘଟଣା ଘଟିବାର ଆଶଙ୍କା ବଢି ଚାଲିଛି । ପ୍ରକାଶ ଥାଉକି ଜିଲ୍ଲା ନିୟନ୍ତ୍ରିତ ବଜାର କମିଟି ଦ୍ୱାରା କରାଯାଇଥିବା ହାଟଗୃହ ଭିତରେ ଜାବତୀୟ ଅଳିଆ, ଆବର୍ଜନା, ଆଣ୍ଠୁଏ ପାଣି, କାଦୁଅ ଓ ପଚାସଢା ଜିନିଷ ପଡି ରହିଥିବାରୁ ପ୍ରବଳ ଦୁର୍ଗନ୍ଧ ହେଉଛି । ଯାହାଫଳରେ ବ୍ୟବସାୟୀମାନେ ହାଟ ଭିତରକୁ ଯିବାକୁ ରାଜି ହେଉନାହାଁନ୍ତି । ନିୟନ୍ତ୍ରିତ ବଜାର କମିଟି ଏହି ହାଟ ଗୃହ ଗୁଡିକୁ ଗୁରୁତ୍ୱ ଦେଉନାହିଁ କିମ୍ବା କେବେବି ସଫାସୁତରା କରୁନଥିବାରୁ ବ୍ୟବସାୟୀଙ୍କ ଭିତରେ ଅସନ୍ତୋଷ ଦେଖାଦେଇଛି ।

# ଗଣେଶ ପୂଜା:୬୫ ଡେସିବଲ ସାଉଣ୍ଡ ବ୍ୟବହାର ଉପରେ ଗୁରୁତ୍ୱାରୋପ

**କଟକ, ନ୍ୟୁଜ୍ ବ୍ୟୁରୋ**

ଜଗତପୁର ଥାନା ପକ୍ଷରୁ ଗଣେଶ ପୂଜା ପାଳନ ପାଇଁ ପ୍ରସ୍ତୁତି ବୈଠକ ଥାନା ଅଧିକାରୀ ଅନିରୁଦ୍ଧ ନାୟକଙ୍କ ଆବାହକତ୍ୱରେ ତରୋଳ ପୂଜା ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଛି । ଏଥିରେ କଟକ ଜୋନ୍-୧ ଏସିପି ଅରୁଣ କୁମାର ସ୍ୱାଇଁ ସଭାପତିତ୍ୱ କରି ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପାଳନ କରିବାକୁ ସମସ୍ତ କମିଟି ସଭାପତି, ସମ୍ପାଦକମାନଙ୍କୁ ଅନୁରୋଧ କରିଥିଲେ । ଭସାଣି ଉତ୍ସବ ୩ଟି ପର୍ଯ୍ୟାୟରେ ଯଥାକ୍ରମେ ଅଗଷ୍ଟ ୩୧, ସେପ୍ଟେମ୍ବର ୭ ଓ ୧୪ ତାରିଖରେ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଥିବା ବେଳେ ପ୍ରତ୍ୟେକ ମେଢ ୬୫ ଡେସିବଲ୍ ସାଉଣ୍ଡ ବ୍ୟବହାର କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ନାନକାର, ତରୋଳ, ନଜରପୁର, ଭୁବନପୁର, ବଉଳେଇ, ଫକିରପୁର, ଶିକାରୀପୁର, ପୁରୁଣା ଜଗତପୁର, ଲକ୍ଷ୍ମଣପୁର, ରମାଦେବୀ ନଗର, ତ୍ରିନାଥ ସାହି, ଇମାମନଗର, ଗୋପବନ୍ଧୁ ନଗର, ଖଇରା, ପାଗା, ପଦ୍ମପୁର, ସାତବାଟିଆ ପ୍ରଭୃତି ପୂଜା କମିଟି ସଭାପତି ଓ ସମ୍ପାଦକ ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ୪୮ନଂ ୱାର୍ଡ କର୍ପୋରେଟର ନଳିନୀ ବେହେରା, ସିଏମ୍‌ସି ଡେପୁଟି ମେୟର ଦମୟନ୍ତୀ ମାଝୀ, ଜଗତପୁର ଶାନ୍ତି କମିଟି ସଭାପତି ନିରଞ୍ଜନ ବିଶ୍ୱାଳ ଓ ସମ୍ପାଦକ ଦିଲ୍ଲୀପ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଆରମ୍ଭ ହେଲା ପିଏମ୍ ସୂର୍ଯ୍ୟଘର ବିଜୁଳି ଯୋଜନା

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ଟିପିଡବ୍ଲୁଓଡିଏଲ୍ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଦ୍ୱାରା ଏ କିଲୋୱାଟ୍ ପର୍ଯ୍ୟନ୍ତ ଚୁକ୍ତି କରିଥିବା ବିଦ୍ୟୁତ୍ ଗ୍ରାହକଙ୍କ ପାଇଁ ଏକ କିଲୋୱାଟର ସୋଲାର ସିଷ୍ଟମର ନୂତନ ଯୋଜନାର ଘୋଷଣା କରାଯାଇଥିଲା । ଏହି ଅବସରରେ କମ୍ପାନୀ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ଏହି ଯୋଜନା ବାବଦରେ ବିସ୍ତୃତ ବିବରଣୀ ପ୍ରଦାନ କରି ଘୋଷଣା କରିଥିଲେ ଯେ, ପଶ୍ଚିମ ଓଡ଼ିଶାର ଏକ କିଲୋୱାଟ୍ ଚୁକ୍ତି କରିଥିବା ବିଦ୍ୟୁତ୍ ଗ୍ରାହକ ଯଦି ଏକ କିଲୋୱାଟର ରୁଫ୍‌ଟପ୍ ସୋଲାର ସିଷ୍ଟମ୍ ନିଜ ଘର ଉପରେ ସ୍ଥାପନ କରିବାକୁ ଚାହାଁନ୍ତି । ତେବେ ସେମାନଙ୍କୁ କେବଳ ୫୦୦୦ ଟଙ୍କା ଏବଂ ସୋଲାର୍ ମିଟର୍ ବାବଦକୁ ୩ ହାଜର ୭୪୭ ଟଙ୍କା ସର୍ବମୋଟ୍ ୮ ହଜାର ୭୪୭ ଟଙ୍କା ଦେବାକୁ ପଡ଼ିବ । ଗ୍ରାହକମାନେ ଏହି ଯୋଜନା ପାଇଁ ବିଦ୍ୟୁତ୍ ବିତରକ କମ୍ପାନୀକୁ ଏକ ସ୍ୱାକ୍ଷରିତ ସମ୍ମତିପତ୍ର ପ୍ରଦାନ କରିବେ, ଯାହାଫଳରେ ବିଦ୍ୟୁତ୍ ବିତରକ କମ୍ପାନୀ ସମ୍ପୂର୍ଣ୍ଣ ଯନ୍ତ୍ରପାତି ପ୍ରଥମେ ଗ୍ରାହକଙ୍କ ଛାତ ଉପରେ ସ୍ଥାପନ କରି ଭାରତର ସରକାର ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ୫୫ ହଜାର ଟଙ୍କା (ଭାରତ ସରକାରଙ୍କ



ରିହାତି ୩୦ ହଜାର ଏବଂ ରାଜ୍ୟ ସରକାରଙ୍କ ରିହାତି ୨୫ ହଜାର) ଗ୍ରାହକଙ୍କ ତରଫରୁ ପ୍ରାପ୍ତ କରିବେ । ଏହି ସୋଲାର ସିଷ୍ଟମ୍ ଲଗାଇ ଗ୍ରାହକ ହାରହାରି ମାସକୁ ୧୦୦ ୟୁନିଟ୍ ବିଜୁଳି ଉତ୍ପାଦନ କରିବା ସହ ବର୍ଷରେ ୫୦୦୦ ଟଙ୍କା ପର୍ଯ୍ୟନ୍ତ ବିଦ୍ୟୁତ୍ ବିଲ୍‌ରୁ ବଞ୍ଚାଇ ପାରିବେ । ଏତଦ୍ ବ୍ୟତିତ୍ ବିଦ୍ୟୁତ୍ ବିତରକ କମ୍ପାନୀ ତରଫରୁ ସ୍ଥାପନ କରିଯାଇଥିବା ଯନ୍ତ୍ରପାତି ଉପରେ ୫ ବର୍ଷ ପର୍ଯ୍ୟନ୍ତ ୱାରେଣ୍ଟି ଏବଂ ସ୍ଥାପନ କରାଯାଇଥିବା ସୋଲାର ପ୍ୟାନେଲ ଉପରେ ୨୫ ବର୍ଷ ପର୍ଯ୍ୟନ୍ତ ୱାରେଣ୍ଟି ପ୍ରଦାନ କରାଯିବ । ଏହି ସୋଲାର ସିଷ୍ଟମ ଘଣ୍ଟା ପ୍ରତି ପବନର ବେଗ ୧୮୦ କିଛି କ୍ଷତି କରିପାରିବନାହିଁ ବୋଲି ସାମ୍ବାଦିକ ସମ୍ମିଳନୀରେ ଟିପିଡବ୍ଲୁଓଡିଏଲ୍ ତରଫରୁ ପ୍ରକାଶ କରାଯାଇଥିଲା । ଯେଉଁମାନେ ମଧ୍ୟବିତ୍ତ ପରିବାର, ସେମାନେ ଏକକାଳୀନ ଅର୍ଥ ବିନିମୟ କରି ସୋଲାର ପ୍ୟାନେଲ୍ ସ୍ଥାପନ କରିବାକୁ ସକ୍ଷମ ନୁହଁନ୍ତି ସେମାନେ କେବଳ ୮ ହାଜର ୭୪୭ ଟଙ୍କା ବିନିୟମରେ ଦେଶର ସବୁଜ ବିପ୍ଳବରେ ନିଜକୁ ସାମିଲ୍ କରିପାରିବେ । ଏହା ଗ୍ରାମ, ଜିଲ୍ଲା, ରାଜ୍ୟ ତଥା ଦେଶର ପର୍ଯ୍ୟାବରଣକୁ ସୁରକ୍ଷା ଦେବା ପାଇଁ ଦେଶରେ ଚାଲିଥିବା ସବୁଜ ଶକ୍ତି ଆନ୍ଦୋଳନ ସହ ନିଜକୁ ଭାଗିଦାର କରି ଦେଶର ଉନ୍ନତିରେ ସହଯୋଗ କରିପାରିବେ । ପ୍ରକାଶଥାଉ କି, ଏହି ଯୋଜନା ଦେଶରେ ପ୍ରଚଳିତ ପିଏମ୍ ସୂର୍ଯ୍ୟଘର ମୁଫ୍ତ ବିଜୁଳି ଯୋଜନାର ଏକ ଅଂଶ । ଏହା କେବଳ ଏକ କିଲୋୱାଟ୍ ଚୁକ୍ତି କରିଥିବା ବିଦ୍ୟୁତ୍ ଘରୋଇ ଗ୍ରାହକଙ୍କ ପାଇଁ ଏକ କିଲୋୱାଟ୍ ସୋଲାର ସିଷ୍ଟମ ପାଇଁ ପ୍ରଯୁଜ୍ୟ ଅଟେ । କର୍ପୋରେଟ୍ ଯୋଗାଯୋଗ ଏବଂ ସରକାରୀ ସମ୍ପର୍କ ମୁଖ୍ୟ ଟିପିଡବ୍ଲୁଓଡିଏଲ୍, କର୍ପୋରେଟ୍ କାର୍ଯ୍ୟାଳୟ, ବୁର୍ଲା ସହ ଏ ନେଇ ଯୋଗାଯୋଗ କରିପାରିବେ ବୋଲି କହିଛନ୍ତି ।

# ୭୦ ଲକ୍ଷ ବ୍ୟୟରେ ଗୋପାଳପୁରରେ ନିର୍ମାଣ ହେବ 'ସମୁଦ୍ର ପଥ'

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଦେଶର ଅନ୍ୟତମ ଶାନ୍ତ ବେଳାଭୂମି ମଧ୍ୟରେ ଗୋପାଳପୁର ବେଳାଭୂମି ଅନ୍ୟତମ । ଯେଉଁଥିପାଇଁ ଅଧିକ ସଂଖ୍ୟାରେ ଏଠାକୁ ଆକର୍ଷିତ ହୋଇଥାନ୍ତି । ଆଗକୁ ସ୍ୱାୟତ ଶାସନ ଦିବସ ପାଳନ ହେବାକୁ ଥିବାବେଳେ ଗୋପାଳପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ କେତେକ ନୂତନ ପ୍ରକଳ୍ପ ହାତକୁ ନେବାକୁ ଯୋଜନା ରହିଛି । ସେଥିମଧ୍ୟରୁ ଅନ୍ୟତମ ହେଉଛି ସମୁଦ୍ର ଭିତରେ ଭାସମାନ ସି-ୱେ ନିର୍ମାଣ ନେଇ ପ୍ରସ୍ତାବ କରାଯାଇଛି । ବେଳାଭୂମିରୁ ସମୁଦ୍ର ଭିତରକୁ ଅନ୍ୟୁନ ଏକ କିଲୋମିଟର ପର୍ଯ୍ୟନ୍ତ ସମୁଦ୍ର ପଥ ନିର୍ମାଣ କରିବାକୁ ଯୋଜନା ରହିଥିବା ଜଣାପଡ଼ିଛି । ଏନେଇ ସୂଚନା ଦେଇଛନ୍ତି କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତମ ବେଣିଆ । ପୂର୍ବରୁ ତାମିଲନାଡୁରେ ଏଭଳି ଏକ ସି-ୱେ ରହିଥିବା ବେଳେ ପ୍ରଶାସନିକ ଅନୁମୋଦନ ମିଳିଲେ ଏହି ପ୍ରକଳ୍ପ କାର୍ଯ୍ୟ ଆଗକୁ ବଢ଼ିବ ବୋଲି ସେ କହିଛନ୍ତି । ଏହା ହେଲେ ଗୋପାଳପୁର ବେଳାଭୂମି ପ୍ରତି ଅଧିକ ସଂଖ୍ୟାରେ ପର୍ଯ୍ୟଟକ ଆକର୍ଷିତ ହେବେ ବୋଲି ସେ କହିଛନ୍ତି । ତେବେ ଏହି ସି-ୱେ ବା ଭାସମାନ ସମୁଦ୍ର ପଥକୁ ଉପଭୋଗ କରିବାକୁ ହେଲେ ପର୍ଯ୍ୟଟକଙ୍କୁ ନିର୍ଦ୍ଧାରିତ ଫି' ବା ଦେୟ ଦେବାକୁ ପଡ଼ିବ ବୋଲି ମଧ୍ୟ ସେ କହିଛନ୍ତି । ଫଳରେ ଗୋପାଳପୁର ଏନ୍‌ଏସିର ରାଜସ୍ୱ ମଧ୍ୟ ବୃଦ୍ଧି ପାଇପାରିବ । ସମୁଦ୍ର ଭିତରେ ଏକ କିଲୋମିଟର ପର୍ଯ୍ୟନ୍ତ ପ୍ରସ୍ତାବିତ ସି-ୱେ କାର୍ଯ୍ୟକ୍ଷମ ହେଲେ ପର୍ଯ୍ୟଟକଙ୍କ ସୁରକ୍ଷା ଉପରେ ଦୃଷ୍ଟି ଦେଇ ସୁରକ୍ଷାକର୍ମୀଙ୍କୁ ମଧ୍ୟ ନିୟୋଜିତ କରାଯିବ ବୋଲି ଜଣାପଡ଼ିଛି ।

# ଜାରକାକୁ ଏନ୍‌ଏସି କରିବା ଦାବିରେ କଂଗ୍ରେସର ଧାରଣା, ପ୍ରତିବାଦ ସଭା




**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଜାରକା (ଧର୍ମଶାଳା)କୁ ବିଗତ ସରକାର ବାରମ୍ବାର ଏନ୍‌ଏସି ଘୋଷଣା କରିଥିବାବେଳେ ବିଜେପି ସରକାର ମାତ୍ର ୯ଟି ଏନ୍‌ଏସି ଘୋଷଣାକୁ ନେଇ ଧର୍ମଶାଳା ନିର୍ବାଚନଣ୍ଡଳୀରେ ତୀବ୍ର ଅସନ୍ତୋଷ ପ୍ରକାଶପାଇଛି । କଂଗ୍ରେସ ଦଳ ପକ୍ଷରୁ କିଶାନ ପଣ୍ଡାଙ୍କ ନେତୃତ୍ୱରେ ଜାରକା ଓଭର ବ୍ରିଜ୍ ତଳେ ହଜାର ହଜାର କର୍ମୀ ଧାରଣାରେ ବସିରହି ପ୍ରତିବାଦ କରିଛନ୍ତି । ଏଠାରେ ପ୍ରତିବାଦ ସଭାରେ ବକ୍ତାମାନେ ୧୯୮୯ ମସିହାରେ ତତ୍କାଳୀନ କଂଗ୍ରେସ ସରକାର ଧର୍ମଶାଳାକୁ ଏନ୍‌ଏସି ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲେ । ବିଜେଡ଼ି ସରକାର ଫେବୃୟାରୀ ୨୦୨୪ରେ ବିଜ୍ଞପ୍ତିରେ ଜାରକାକୁ ଏନ୍‌ଏସି ଘୋଷଣା କଲେ । କିନ୍ତୁ ଦୁଃଖର ବିଷୟ ଏବେ ୯ଟି ଏନ୍‌ଏସି ଘୋଷଣା ହୋଇଥିବା ବେଳେ ଜାରକାର ନାଁ ନାହିଁ । ରାଜ୍ୟ ସରକାର ଜାରକାକୁ ଏନ୍‌ଏସି ଘୋଷଣା ନକରିବା ପର୍ଯ୍ୟନ୍ତ କଂଗ୍ରେସ ଦଳ ପକ୍ଷରୁ ଆନ୍ଦୋଳନ ଚାଲୁ ରହିବ ବୋଲି ବକ୍ତାମାନେ ପ୍ରକାଶ କରିଛନ୍ତି । ଏହି ପ୍ରତିବାଦ ସଭାରେ କୃଷକ ନେତା ବସନ୍ତ କୁମାର ପରିଡ଼ା, ପ୍ରଫୁଲ୍ଲ କୁମାର ରାୟ, ସଞ୍ଜୟ କୁମାର ରାଉତ, ଉଗ୍ରେସେନ ମହାନ୍ତି, ନରୋତ୍ତମ ନାୟକ ପ୍ରମୁଖ ବହୁବରିଷ୍ଠ କର୍ମୀ ଯୋଗଦେଇଥିଲେ ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମେଶବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୨ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୭, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୮ଙ୍କ

**ତା୨୬।୮।୨୦୨୫, ଭାଦ୍ରବ ଦି୧୦ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୨୯।୪୯** **ଚନ୍ଦ୍ରୋଦୟ- ପ୍ରାଘ ୭।୫୫।୧୩**

**ତୃତୀୟା-** ଦିଘ ୧।୫୫ ପର୍ଯ୍ୟନ୍ତ । **ଉତ୍ତରା ଫାଲ୍‌ଗୁନୀ ନକ୍ଷତ୍ର-** ରାଘ ୩।୫୦ ପର୍ଯ୍ୟନ୍ତ । **ସିଂହ ଚନ୍ଦ୍ର-** ଦିଘ ୮।୨୯ ପର୍ଯ୍ୟନ୍ତ । **ହସ୍ତା ନକ୍ଷତ୍ର ଓ କନ୍ୟା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ବୃଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ଦିଘ ୧।୫୫ ପରେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୪୧ ଗତେ ଘ ୧୦।୩୩ ମଧ୍ୟେ । ଦିଘ ୧।୦୩ ଗତେ ଘ ୧।୨୨ ମଧ୍ୟେ । **ପର୍ବୋତ୍ସବ-** ବାଲି ତୃତୀୟା ଗୌରୀ ବ୍ରତ, ହରିତାଳିକା ଚତୁର୍ଥୀ, ସାମବେଦୀୟ ଉପାକର୍ମ, ମଦର ଟେରେସା ଜୟନ୍ତୀ ।



**ମେଷ:** କର୍ମକ୍ଷେତ୍ରରେ ଆଶାନୁରୂପକ ସଫଳତା ହାସଲ କରିବେ । ମନରେ ସାହାସ ଆସିବ । ବନ୍ଧୁ ବାନ୍ଧବଙ୍କ ସହଯୋଗ ଲାଭ ହେବ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ପରିବାରରେ ଶାନ୍ତି ଲାଭ ।



**ବୃଷ:** କର୍ମକ୍ଷେତ୍ରରେ ସହକର୍ମୀ ମାନଙ୍କ ସହ କଳହ ହୋଇପାରେ । ଆୟ ଓ ବ୍ୟୟ ହିସାବପତ୍ର ପାଇଁ ଦିନଟି ଅତି ଉତ୍ତମ । ଘାତଚନ୍ଦ୍ର ହେତୁ ସାବଧାନ ସହକାରେ ଚଳିବେ । ରୋଜଗାର ମଧ୍ୟମ ହେବ ।



**ମିଥୁନ:** ମନରେ ବିରକ୍ତି ସହିତ ଦୁଶ୍ଚିନ୍ତା ବଢ଼ିବ । ବିନା କାରଣରେ କଳହ ଲାଗିପାରେ । ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ । କର୍ମକ୍ଷେତ୍ରରେ ଅଶାନ୍ତି । ଘରୋଇ ଜଞ୍ଜାଳ ଦେଖାଦେବ ।



**କର୍କଟ:** ନିଜର ଆଧିପତ୍ୟ ବିସ୍ତାର କରିବେ । ବନ୍ଧୁ ବାନ୍ଧବଙ୍କ ପାଇଁ ଖର୍ଚ୍ଚାନ୍ତ ହେବେ । ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ରୋଜଗାରରେ ଉନ୍ନତି ହେବ । ଗୃହେ ଶାନ୍ତି ପ୍ରତିଷ୍ଠା ହେବାର ସୂଚନା ।



**ସିଂହ:** ପରିବାରରେ ଅସହଯୋଗ ଯୋଗୁ ଚିନ୍ତିତ ହେବେ । ମନୋବଳ ଦୃଢ଼ ରଖି କାର୍ଯ୍ୟ କରିବେ । ନିଶ୍ଚିତ ଫଳ ପ୍ରାପ୍ତି ହେବ । ଶ୍ରମ ଜନିତ ଦୁର୍ବଳତା ଅନୁଭବ କରିବେ । ଦୂରଯାତ୍ରା କରି ସଫଳତା ପ୍ରାପ୍ତ ହେବ । ଆୟ ବଢ଼ିବ ।



**କନ୍ୟା:** କର୍ମକ୍ଷେତ୍ରରେ ସମସ୍ୟା ସୃଷ୍ଟି ହେବ । ବିଭିନ୍ନ ଦିଗରୁ ସାହାର୍ଯ୍ୟ ସହଯୋଗ ପ୍ରାପ୍ତ ହେବ । ଦୂରଯାତ୍ରା କରି ସଫଳତା ହାସଲ କରିବେ । ଉତ୍ତମ ଭୋଜନ ଲାଭ । ରୋଜଗାର ଭଲ ହେବ ।



**ତୁଳା:** ବାକିଥିବା କାମକୁ ଅଧିକ ଗୁରୁତ୍ୱ ଦେଇ ଶେଷ କରିବେ । ଖର୍ଚ୍ଚର ପରିମାଣ ଅଧିକ ହେବ । ପଡ଼ୋଶୀମାନେ ଇର୍ଷା କରିବେ । ଦୂର ସ୍ଥାନକୁ ଯାତ୍ରା କରିବାକୁ ବାଧ ହେବେ । ପରିବାରରେ କଳହ ସୃଷ୍ଟି ହେବ ।



**ବିଛା:** ଦୀର୍ଘ ଦିନରୁ ଅଟକି ରହିଥିବା କାମଟି ସୁରୁଖୁରୁରେ ହୋଇଯିବ । ସାମାଜିକ କାର୍ଯ୍ୟରେ ଯୋଗ ଦେବେ । ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ କରିବେ । ଆୟ ଓ ବ୍ୟୟ ପୂର୍ବ ପରି ସମାନ ରହିବ । ଗୃହେ ଆନନ୍ଦ ।



**ଧନୁ:** ସତ୍ୟ କଥା କହି ବିରୋଧୀ ହେବେ । ରୋଜଗାରର ପରିମାଣ ବଢ଼ିବ । ପରିବହନରେ ଉନ୍ନତି କରିବେ । ସମ୍ମାନିତ ହେବାର ଆଶା । ପାରିବାରିକ ସୁଖ ଶାନ୍ତି ଲାଭ କରିବେ । ଦେହ ଭଲ ରହିବ ।



**ମକର:** ଯୋଜନା ମୁତାବକ କାମରେ ସଫଳତା ହାସଲ କରିବେ । କର୍ମକ୍ଳାନ୍ତି ଅନୁଭବ କରିବେ । ଆଳସ୍ୟପଣରୁ ପରିବାରରେ ଅଶାନ୍ତି । କୌଣସି କାର୍ଯ୍ୟରେ ମନ ଲାଗିବନାହିଁ । ରୋଜଗାର ଉତ୍ତମ ହେବ ।



**କୁମ୍ଭ:** ଦୂରଯାତ୍ରା କରିପାରନ୍ତି । ବନ୍ଧୁ ସହଯୋଗ ପ୍ରାପ୍ତ ହେବ । ଆୟ ଅବ୍ୟାହତ ରହିବ । ଅଯଥା ଧନ କ୍ଷୟ ଚିନ୍ତାର କାରଣ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ପାରିବାରିକ ସୁଖ ଶାନ୍ତି ଲାଭ କରିବେ ।



**ମୀନ:** ଦେହ ସୁସ୍ଥ ରହିବ । ଚାକିରୀ କ୍ଷେତ୍ରରେ ସମ୍ମାନ ଓ ପଦମର୍ଯ୍ୟାଦା ବୃଦ୍ଧି ହେବ । ଗୃହରେ ସମସ୍ୟା ଦେଖାଦେବ । ଆୟ ଓ ବ୍ୟୟ ସମାନ ରହିବ । ବନ୍ଧୁ ସହଯୋଗ ପ୍ରାପ୍ତି । ମନ ଭଲ ରହିବ ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୨ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୭, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୮ଙ୍କ

**ତା୨୭।୮।୨୦୨୫, ଭାଦ୍ରବ ଦି୧୧ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୫।୩୦।୦୩** **ଚନ୍ଦ୍ରୋଦୟ- ଦିଘ ୮।୪୪।୦୬**

**ଚତୁର୍ଥୀ-** ଦିଘ ୩।୪୫ ପର୍ଯ୍ୟନ୍ତ । **ହସ୍ତା ନକ୍ଷତ୍ର-** ପ୍ରାଘ ୬।୦୪ ପର୍ଯ୍ୟନ୍ତ । **କନ୍ୟା ଚନ୍ଦ୍ର-** ସଂଘ ୭।୨୧ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । ସଂଘ ୭।୨୧ ଗତେ ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ସଂଘ ୭।୨୧ ମଧ୍ୟେ ବୃଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ମୂଳା ପ୍ରାଘ ୭।୨୧ ପରେ ବେଲ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୩ ଗତେ ଘ ୭।୧୩ ମଧ୍ୟେ । ଦିଘ ୧।୫୩ ଗତେ ଘ ୫।୧୨ ମଧ୍ୟେ । **ପର୍ବୋତ୍ସବ-** ଶ୍ରୀ ଗଣେଶ ପୂଜା, ବିନାୟକ ଚତୁର୍ଥୀ ବ୍ରତ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ୭.୬ ବିଲିୟନ ଡଲାରର ଭାରତୀୟ ରପ୍ତାନିକୁ ପ୍ରଭାବିତ କରିଛି ଆମେରିକା ଶୁଳ୍କ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ଉପରେ ଲଗାଇଥିବା ଶୁଳ୍କର ପାଲଟା ଜବାବ ଦେବ ଭାରତ। ଆମେରିକାରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ଭାରତ ସମାନୁପାତିକ ଭାବରେ ଟାରିଫ୍ ଲଗାଇବ। ଏ ସଂକ୍ରାନ୍ତରେ ଭାରତ ସରକାର ଅର୍ଥନୈତିଜ୍ଞମାନଙ୍କ ସହ ବିଚାରବିମର୍ଶ ଆରମ୍ଭ କରିଛନ୍ତି ଓ ଖୁବ୍ ଶୀଘ୍ର ଏ ସଂକ୍ରାନ୍ତରେ ନିଷ୍ପତ୍ତି ହୋଇପାରେ ବୋଲି କୁହାଯାଉଛି। ଟାରିଫ୍ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ ଭାରତ ସହ ଦ୍ୱିପାକ୍ଷିକ ବାଣିଜ୍ୟ ଆଲୋଚନା ହେବ ନାହିଁ ବୋଲି ଆମେରିକା ରାଷ୍ଟ୍ରପତି ଡ଼ୋନାଲ୍ଡ ଟ୍ରମ୍ପ ସ୍ପଷ୍ଟ କରିଛନ୍ତି। ଭାରତ ମଧ୍ୟ ଏ ପ୍ରସଙ୍ଗରେ ଆମେରିକା ସହ ଆଉ କୌଣସି ଆଲୋଚନା ହେବ ନାହିଁ ବୋଲି ପରୋକ୍ଷରେ ଆଭାସ ଦେଇଛି। ଏହି ସମୟରେ ଭାରତ ଆମେରିକାରୁ କ୍ରୟ କରିବାକୁ ଥିବା ୩୫୦୦୦ କୋଟି ଟଙ୍କାର ବୋଇଂ କ୍ରୟକୁ ସ୍ଥଗିତ ରଖି ନିଜର ଆଭିମୁଖ୍ୟର କିଞ୍ଚିତ୍ ଆଭାସ ଦେଇଛି। ସେହିପରି ଆଗାମୀ ମାସରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହଙ୍କ ଆମେରିକା ଗସ୍ତ କାର୍ଯ୍ୟକ୍ରମ ସ୍ଥଗିତ ରହିପାରେ ବୋଲି ମଧ୍ୟ କୁହାଯାଉଛି। ଏହା ସହ ଆମେରିକା ଉପରେ ଭାରତ ଅନୁରୂପ ଭାବରେ ୫୦% ଟାରିଫ୍ ଲଗାଇବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଭାରତ ସରକାର ଭାରତୀୟ ରପ୍ତାନିକାରୀଙ୍କ ଦ୍ୱାରା ହୋଇଥିବା କ୍ଷତି ସହିତ ସମାନ ଅନୁପାତରେ କିଛି ଆମେରିକୀୟ ଉତ୍ପାଦ ଉପରେ ଶୁଳ୍କ ଲଗାଇବେ। ତେବେ ଏହି ନିଷ୍ପତ୍ତି ପ୍ରଧାନମନ୍ତ୍ରୀ ମୋଦୀଙ୍କ ବେଜିଂ ଗସ୍ତ କାର୍ଯ୍ୟକ୍ରମ ପରେ ହେବ। ଚଳିତ ବର୍ଷ ଫେବୃଆରୀ ମାସରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଭାରତୀୟ ଇସ୍ପାତ ଏବଂ ଆଲୁମିନିୟମ ଉପରେ ୨୫% ଶୁଳ୍କ ଲଗାଇଥିଲେ। ପରେ ଏହାକୁ ୫୦% ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଯାହା ଦ୍ୱାରା ପ୍ରାୟ ୭.୬ ବିଲିୟନ ଡଲାରର ଭାରତୀୟ ରପ୍ତାନିକୁ ପ୍ରଭାବିତ କରିଛି। ଆମେରିକାକୁ ଭାରତରୁ ବର୍ଷକୁ ପ୍ରାୟ ୨୦୦୦ କୋଟି ଟଙ୍କାର ଚିଙ୍ଗୁଡ଼ି ରପ୍ତାନୀ ହେଉଥିବାବେଳେ ଶୁଳ୍କ ବୃଦ୍ଧି ଯୋଗୁଁ ଚଳିତ ବର୍ଷ ପ୍ରଥମାର୍ଦ୍ଧରେ ମାତ୍ର ୫୦ କୋଟି ଟଙ୍କାର ଚିଙ୍ଗୁଡ଼ି ରପ୍ତାନୀ ହୋଇ ପାରିଛି। ସେହିପରି ଫାର୍ମା, ଆଇଟି ଓ ପେଟ୍ରୋ କେମିକାଲ ଶିଳ୍ପମଧ୍ୟ ପ୍ରଭାବିତ ହୋଇଛି। ଭାରତ ଏହା ବିରୋଧରେ ବିଶ୍ୱ ବାଣିଜ୍ୟ ସଂଗଠନରେ ଯୁକ୍ତି ରଖିଥିଲେ ମଧ୍ୟ ଆମେରିକା ଏ ସମ୍ପର୍କରେ ଆଲୋଚନା ପାଇଁ ମନା କରି ଦେଇଛି। ଫଳରେ ଭାରତ ନିଜର ସ୍ୱାର୍ଥ ପାଇଁ ଆମେରିକା ଉପରେ ପାଲଟା ଶୁଳ୍କ ଲଗାଇବାକୁ ଯୋଜନା କରୁଛି। ପ୍ରଥମ ପର୍ଯ୍ୟାୟରେ ସୀମିତ ଆମେରିକୀୟ ସାମଗ୍ରୀ ଉପରେ ଭାରତ ଏହି ପ୍ରତିଶୋଧମୂଳକ ଶୁଳ୍କ ଲଗାଇବ। ଏହି ସାମଗ୍ରୀଗୁଡ଼ିକୁ ଏପରି ଭାବରେ ଚୟନ କରାଯିବ, ଯେପରି ଶୁଳ୍କରୁ ସୃଷ୍ଟି ହେଉଥିବା ରାଜସ୍ୱ ଆମେରିକାର ପଦକ୍ଷେପ ଦ୍ୱାରା ଭାରତୀୟ ରପ୍ତାନିକାରୀଙ୍କ କ୍ଷତି ସହିତ ସମାନ ହେବ। ଆମେରିକା ପ୍ରତିବର୍ଷ ଭାରତକୁ ୪୫ ବିଲିୟନ ଡଲାରରୁ ଅଧିକ ମୂଲ୍ୟର ସାମଗ୍ରୀ ରପ୍ତାନୀ କରୁଛି। ଯେତେବେଳେ ସାମ୍ପ୍ରତିକ ଶୁଳ୍କ ଲାଗୁ ହେବା ପୂର୍ବରୁ ଭାରତର ଆମେରିକାକୁ ରପ୍ତାନି ୮୬ ବିଲିୟନ ଡଲାର ପର୍ଯ୍ୟନ୍ତ ଥିଲା। ଫେବୃୟାରୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଷ୍ଟ୍ରପତି ଟ୍ରମ୍ପ୍ ଦ୍ୱିପାକ୍ଷିକ ବାଣିଜ୍ୟକୁ କାରବାର ୫୦୦ ବିଲିୟନ ଡଲାରକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଥିଲେ, କିନ୍ତୁ ଭାରତ ଏହାର କୃଷି ଏବଂ ଅନ୍ୟ କେତେକ ସମ୍ବେଦନଶୀଳ କ୍ଷେତ୍ର ଉପରେ ଆମେରିକୀୟ କମ୍ପାନୀଙ୍କ ପ୍ରବେଶ ଦାବିକୁ ପ୍ରତ୍ୟାଖ୍ୟାନ କରିବାରୁ ଆମେରିକା ପ୍ରତିଶୋଧାତ୍ମକ ପଦକ୍ଷେପ ନେଇ ଭାରତ ଉପରେ ଅତ୍ୟଧିକ ଟାରିଫ୍ ଲଗାଇଛି।

# କୃତ୍ରିମ ବୁଦ୍ଧିମତ୍ତାର ଭବିଷ୍ୟତ: ଏକ ପରିବର୍ତ୍ତନଶୀଳ ଦିଗନ୍ତ !



ଅସିତ ମହାନ୍ତି
ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ
ସୁଜନପୁର, ଯାଜପୁର
୯୪୩୭୨୮୮୦୨୮

କୃତ୍ରିମ ବୁଦ୍ଧିମତ୍ତା (AI) ଆଉ ଏକ ଅନୁମାନିକ ସୀମା ନୁହେଁ - ଏହା ଏକ ଦ୍ରୁତ ଗତିରେ ବିକଶିତ ହେଉଥିବା ଶକ୍ତି ଯାହା ଶିଳ୍ପ, ଶାସନ ଏବଂ ମାନବ ଅଭିଜ୍ଞତାକୁ ପୁନଃଆକାର ଦିଏ। ସୃଜନଶୀଳତାକୁ ଅନୁକରଣ କରୁଥିବା ଉତ୍ପାଦକ ମଡେଲଗୁଡ଼ିକ ଠାରୁ ଆରମ୍ଭ କରି ଶ୍ରମକୁ ପୁନଃପରିଭାଷିତ କରୁଥିବା ସ୍ୱୟଂଶାସିତ ସିଷ୍ଟମଗୁଡ଼ିକ ପର୍ଯ୍ୟନ୍ତ, AI ପରିବର୍ତ୍ତନର ଏକ ସର୍ବବ୍ୟାପୀ ଏଜେଣ୍ଟ ହେବାକୁ ପ୍ରସ୍ତୁତ। ଆମେ ୨୦୩୫ ପର୍ଯ୍ୟନ୍ତ ପହଞ୍ଚିବା ସହିତ, AIର ଗତିପଥ କେବଳ ପ୍ରଯୁକ୍ତିବିଦ୍ୟା ଉନ୍ନତି ନୁହେଁ, ବରଂ ସାମାଜିକ ମାନଦଣ୍ଡ, ନୈତିକ ଢାଞ୍ଚା ଏବଂ ବିଶ୍ୱ ଶକ୍ତି ଗତିଶୀଳତାର ଏକ ଗଭୀର ପୁନଃବିନ୍ୟାସକୁ ସୂଚାଇଥାଏ।

AI ନିୟମ-ଆଧାରିତ ସିଷ୍ଟମ ଏବଂ ସଂକୀର୍ଣ୍ଣ ପ୍ରୟୋଗରୁ ବିକଶିତ ହୋଇଛି ଯାହା ଯୁକ୍ତି, ବିଷୟବସ୍ତୁ ସୃଷ୍ଟି କରିବା ଏବଂ ମୋଡାଲିଟି ମଧ୍ୟରେ ପାରସ୍ପରିକ କ୍ରିୟା କରିବାରେ ସକ୍ଷମ ଅତ୍ୟାଧୁନିକ ମଡେଲ।

ଜେନେରେଟିଭ୍ AI : ChatGPT, DALL•E, Gaõ MidJourney ପରି ଉପକରଣଗୁଡ଼ିକ ବର୍ତ୍ତମାନ ଅଭୁତ ପ୍ରଚଳନ ସହିତ ପାଠ୍ୟ, ପ୍ରତିଛବି ଏବଂ ଏପରିକି ସଙ୍ଗୀତ ଉତ୍ପାଦନ କରନ୍ତି, ଯାହା ମାନବ ଏବଂ ମେସିନ୍ ସୃଜନଶୀଳତା ମଧ୍ୟରେ ରେଖାକୁ ଝାପ୍ସା କରିଥାଏ। ମଲ୍ଟିମୋଡାଲ୍ ସିଷ୍ଟମଗୁଡ଼ିକ: OpenAI e CLIP Gaõ DeepMind ର Flamingo ପରି ମଡେଲଗୁଡ଼ିକ ପାଠ୍ୟ, ପ୍ରତିଛବି ଏବଂ ଭିଡିଓ ଇନପୁଟଗୁଡ଼ିକୁ ଏକୀକୃତ କରନ୍ତି, ଯାହା ଡୋମେନ୍ ମଧ୍ୟରେ ଜଟିଳ ଯୁକ୍ତିକୁ ସକ୍ଷମ କରିଥାଏ। ଏଜ୍ AI ଏବଂ ଫେଡେରେଟେଡ୍ ଲର୍ଣ୍ଣିଂ: AI ବ୍ୟବହାରକାରୀଙ୍କ ନିକଟତର ହେଉଛି—ସ୍ମାର୍ଟଫୋନ୍, IoT ଡିଭାଇସ୍ ଏବଂ ବିକେନ୍ଦ୍ରୀକରଣ ନେଟୱାର୍କରେ ଚାଲୁଛି, ଯାହା ଗୋପନୀୟତା ଏବଂ ପ୍ରତିକ୍ରିୟାଶୀଳତାକୁ ବୃଦ୍ଧି କରୁଛି। ବ୍ୟାଖ୍ୟାଯୋଗ୍ୟ AI (XAI): SHAP ଏବଂ LIME ଭଳି କୌଶଳ AI ନିଷ୍ପତ୍ତିଗୁଡ଼ିକୁ ଅଧିକ ସ୍ୱଚ୍ଛ କରୁଛି, ବିଶେଷକରି ସ୍ୱାସ୍ଥ୍ୟସେବା, ଅର୍ଥ ଏବଂ ଆଇନରେ ଗୁରୁତ୍ୱପୂର୍ଣ୍ଣ।

AI ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ ବିପ୍ଳବ ଆଣି ଦେଉଛି: ସ୍ୱାସ୍ଥ୍ୟସେବା: ପ୍ରୋଟିନ୍ ଫୋଲ୍ଡିଂ (ଆଲଫାଫୋଲ୍ଡ) ଠାରୁ ଡାଇଗ୍ନୋଷ୍ଟିକ୍ ଇମେଜିଂ ପର୍ଯ୍ୟନ୍ତ, AI ଔଷଧ ଆବିଷ୍କାର ଏବଂ ବ୍ୟକ୍ତିଗତ ଔଷଧକୁ ତ୍ୱରାନ୍ୱିତ କରେ। ଶିକ୍ଷା: ଅନୁକୂଳିତ ଶିକ୍ଷା ପ୍ଲାଟଫର୍ମ ଏବଂ AI ଟ୍ୟୁଟରମାନେ ନିର୍ଦ୍ଦେଶକୁ ବ୍ୟକ୍ତିଗତ କରନ୍ତି, ସମ୍ଭାବ୍ୟ ଭାବରେ ଗୁଣାତ୍ମକ ଶିକ୍ଷାର ପ୍ରବେଶକୁ ଗଣତାନ୍ତ୍ରିକ କରନ୍ତି। ଉତ୍ପାଦନ ଏବଂ ପରିବହନ: ପୂର୍ବାନୁମାନିକ ରକ୍ଷଣାବେକ୍ଷଣ, ରୋବୋଟିକ୍ ଅଟୋମେସନ୍ ଏବଂ ସ୍ୱୟଂଶାସିତ ଯାନଗୁଡ଼ିକ ଲଜିଷ୍ଟିକ୍ସ ଏବଂ ଉତ୍ପାଦନକୁ ପୁନଃଆକୃତି ଦେଉଛନ୍ତି। ଅର୍ଥ: AI -ଚାଳିତ ବାଣିଜ୍ୟ, ଠକେଇ ଚିହ୍ନଟ ଏବଂ ଗ୍ରାହକ ସେବା ଶିଳ୍ପ ମାନକ ହୋଇପଡୁଛି। ମିଡିଆ ଏବଂ ସୃଜନଶୀଳତା: AI ଉତ୍ପନ୍ନ କଳା, ସାମ୍ବାଦିକତା ଏବଂ ମନୋରଞ୍ଜନ ଲେଖକତା ଏବଂ ମୌଳିକତାର ପାରମ୍ପରିକ ଧାରଣାକୁ ଚ୍ୟାଲେଞ୍ଜ କରେ।

ସାମାଜିକ ପରିବର୍ତ୍ତନ: ସମନ୍ୱୟ, ବାଧା ଏବଂ ଅନ୍ତର୍ଭୁକ୍ତି: ୨୦୩୪ ସୁଦ୍ଧା, AI ଦୈନନ୍ଦିନ ଜୀବନରେ ଗଭୀର ଭାବରେ ସ୍ଥାପିତ ହେବାର ଆଶା କରାଯାଉଛି—ବୟସ୍କ ଯତ୍ନରୁ କାର୍ଯ୍ୟକ୍ଷେତ୍ର ସହଯୋଗ ପର୍ଯ୍ୟନ୍ତ। ତଥାପି, ଏହି ସମନ୍ୱୟ ପ୍ରତିଶ୍ରୁତି ଏବଂ ବିପଦ ଉଭୟ ଆଣିଥାଏ: ଚାକିରି ବିସ୍ଥାପନ ବନାମ ବୃଦ୍ଧି: ଯଦିଓ AI ନିୟମିତ କାର୍ଯ୍ୟଗୁଡ଼ିକୁ ସ୍ୱୟଂଚାଳିତ କରିପାରେ, ଏହା ମାନବ-AI ସହଯୋଗ ପାଇଁ ସୁଯୋଗ ମଧ୍ୟ ସୃଷ୍ଟି କରେ। ଚ୍ୟାଲେଞ୍ଜ ପୁନଃ ଦକ୍ଷତା ଏବଂ ସମାନ ପରିବର୍ତ୍ତନରେ ରହିଛି। ପକ୍ଷପାତ ଏବଂ ଅସମାନତା: ଅନ୍ତର୍ଭୁକ୍ତ ଡିଜାଇନ୍ ଏବଂ ନିୟନ୍ତ୍ରଣ ମାଧ୍ୟମରେ ସକ୍ରିୟ ଭାବରେ ହ୍ରାସ କରାନଗଲେ ଆଲଗୋରିଦମିକ୍ ପକ୍ଷପାତ ସାମାଜିକ ଅନ୍ୟାୟକୁ ସ୍ଥାୟୀ କରିପାରେ। ଡାଟା ଗୋପନୀୟତା ଏବଂ ନିରୀକ୍ଷଣ: ଯେତେବେଳେ AI ସିଷ୍ଟମଗୁଡ଼ିକ ବିପୁଳ ତଥ୍ୟ ଅମଳ ଏବଂ ବିଶ୍ଳେଷଣ କରନ୍ତି, ନିରୀକ୍ଷଣ ଏବଂ ସମ୍ମତି ଉପରେ ଚିନ୍ତା ତୀବ୍ର ହୁଏ।

AI ର ବୃଦ୍ଧି ଦୃଢ଼ ନୈତିକ ଏବଂ ନୀତିଗତ ଢାଞ୍ଚାର ଦାବି କରେ: ବିଶ୍ୱ AI ରଣନୀତି: ନିୟମ ସହିତ ନବସୃଜନକୁ ସନ୍ତୁଳିତ କରିବା ପାଇଁ ୬୦ ରୁ ଅଧିକ ଦେଶ ଜାତୀୟ AI ରଣନୀତି ଗ୍ରହଣ କରିଛନ୍ତି। ନିୟାମକ ଚ୍ୟାଲେଞ୍ଜ: ଡିପଫେକ୍, ସ୍ୱୟଂଚାଳିତ ଅସ୍ତ୍ରଶସ୍ତ୍ର ଏବଂ ଭୁଲ ସୂଚନା ପରି ସମସ୍ୟାଗୁଡ଼ିକ ଅନ୍ତର୍ଜାତୀୟ ସହଯୋଗ ଏବଂ ଆଇନଗତ ସୁରକ୍ଷା ଆବଶ୍ୟକ କରେ। ମାନବ-କେନ୍ଦ୍ରିତ ଡିଜାଇନ୍: AIର ଭବିଷ୍ୟତ ମର୍ଯ୍ୟାଦା, ସ୍ୱାୟତ୍ତତା ଏବଂ ନ୍ୟାୟକୁ ପ୍ରାଥମିକତା ଦେବା ଉଚିତ - ବିଶେଷକରି ସୀମାନ୍ତ ସମ୍ପ୍ରଦାୟ ପାଇଁ।

ଆର୍ଥିକ ଦୃଷ୍ଟିକୋଣ: ଏକ ଟ୍ରିଲିୟନ-ଡଲାର ଉତ୍ପ୍ରେରକ - ଅପ୍ଟିମାଇଜେସନ୍, ନବସୃଜନ ଏବଂ ନୂତନ ବ୍ୟବସାୟ ମଡେଲ ମାଧ୍ୟମରେ AI ବିଶ୍ୱ ଅର୍ଥନୀତିରେ ୧୪.୪ ଟ୍ରିଲିୟନରୁ ଅଧିକ ଯୋଡ଼ିବ ବୋଲି ଆକଳନ କରାଯାଇଛି। AI ଷ୍ଟାର୍ଟଅପ୍, ଭିତ୍ତିଭୂମି ଏବଂ ଗବେଷଣାରେ ନିବେଶ ବୃଦ୍ଧି ପାଇବାରେ ଲାଗିଛି, ଯାହା ଏହାର ପରିବର୍ତ୍ତନଶୀଳ ସମ୍ଭାବନା ଉପରେ ଦୀର୍ଘକାଳୀନ ବିଶ୍ୱାସକୁ ସଙ୍କେତ ଦେଉଛି।

ଏକ ସହଜୀବୀ ଭବିଷ୍ୟତ ଆଡ଼କୁ - AIର ଭବିଷ୍ୟତ କେବଳ ସ୍ମାର୍ଟ ମେସିନ ବିଷୟରେ ନୁହେଁ - ଏହା ମାନବ ସମ୍ଭାବନା, ସାମାଜିକ ଗଠନ ଏବଂ ନୈତିକ ସୀମାକୁ ପୁନଃକଳ୍ପନା କରିବା ବିଷୟରେ। ଆମେ ଏହି ପରିବର୍ତ୍ତନ ବିନ୍ଦୁରେ ଠିଆ ହୋଇଥିବାବେଳେ, ଜରୁରୀ କଥା ସ୍ପଷ୍ଟ: AIକୁ ପ୍ରଭୁତ୍ୱ କିମ୍ବା ବିସ୍ଥାପନର ଏକ ଉପକରଣ ଭାବରେ ନୁହେଁ, ବରଂ ଅନ୍ତର୍ଭୁକ୍ତ ପ୍ରଗତିର ଏକ ଅଂଶୀଦାର ଭାବରେ ରୂପ ଦେବା। ଆଜି ଆମେ ଯେଉଁ ପସନ୍ଦ କରୁଛୁ - ସ୍ୱଚ୍ଛତା, ସମାନତା ଏବଂ ଉଦ୍ଦେଶ୍ୟ ବିଷୟରେ - ତାହା AI ମୁକ୍ତି କିମ୍ବା ନିୟନ୍ତ୍ରଣ ପାଇଁ ଏକ ଶକ୍ତି ହେବ କି ନାହିଁ ତାହା ନିର୍ଣ୍ଣୟ କରିବ।

କୃତ୍ରିମ ବୁଦ୍ଧିମତ୍ତା (AI) ର ଭବିଷ୍ୟତକୁ ଘେରି ରହିଥିବା ନୈତିକ ଚିନ୍ତାଧାରା ବହୁମୁଖୀ, ନ୍ୟାୟ, ଦାୟିତ୍ୱ, ଗୋପନୀୟତା ଏବଂ ସାମାଜିକ ପ୍ରଭାବକୁ ସ୍ପର୍ଶ କରୁଛି। AI ସିଷ୍ଟମଗୁଡ଼ିକ ଅଧିକ ସ୍ୱୟଂଶାସିତ ଏବଂ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଏକୀକୃତ ହେବା ସହିତ, ଏହି ଚିନ୍ତାଗୁଡ଼ିକ ଜରୁରୀତା ଏବଂ ଜଟିଳତାରେ ବୃଦ୍ଧି ପାଏ। ଏଠାରେ ଏକ ଗଭୀର ଅନୁସନ୍ଧାନ ଅଛି:

ପକ୍ଷପାତ ଏବଂ ଭେଦଭାବ: AI ସିଷ୍ଟମଗୁଡ଼ିକ ପ୍ରାୟତଃ ସେମାନଙ୍କୁ ତାଲିମ ଦିଆଯାଇଥିବା ତଥ୍ୟରୁ ପକ୍ଷପାତିତା ଉତ୍ତରାଧିକାରୀ ଭାବରେ ପାଏ। ଏହା ନିଯୁକ୍ତି, ଋଣ ଦେବା, ଆଇନ ପ୍ରବର୍ତ୍ତନ ଏବଂ ସ୍ୱାସ୍ଥ୍ୟସେବା ଭଳି କ୍ଷେତ୍ରରେ ପକ୍ଷପାତିତାମୂଳକ ଫଳାଫଳ ଆଣିପାରେ। ମୂଳ କାରଣ: ତାଲିମ ତଥ୍ୟରେ ସନ୍ନିହିତ ଐତିହାସିକ ପୂର୍ବାଗ୍ରହ। ପ୍ରଭାବ: ସୀମାନ୍ତ ଗୋଷ୍ଠୀଙ୍କ ପ୍ରତି ଅନୁଚିତ ବ୍ୟବହାର, ବ୍ୟବସ୍ଥାଗତ ଅସମାନତାର ସ୍ଥାୟୀତ୍ୱ। ସମାଧାନ: ବିବିଧ ଡାଟାସେଟ୍ ବ୍ୟବହାର, ଆଲଗୋରିଦମକୁ ଡିବିଆଇଜିଂ କରିବା ଏବଂ ପକ୍ଷପାତକୁ ଚିହ୍ନଟ ଏବଂ ହ୍ରାସ କରିବା ପାଇଁ ନିୟମିତ ଅଡିଟ୍। ସ୍ୱଚ୍ଛତା ଏବଂ ବ୍ୟାଖ୍ୟାଯୋଗ୍ୟତା: ଅନେକ AI ମଡେଲ୍, ବିଶେଷକରି ଗଭୀର ଶିକ୍ଷା ପ୍ରଣାଳୀ, 'କଳା ବାକ୍ସ' ଭାବରେ କାର୍ଯ୍ୟ କରନ୍ତି, ଯାହା ନିଷ୍ପତ୍ତି ନେବା କଷ୍ଟକର ହୋଇଥାଏ ଯାହା ବ୍ୟାଖ୍ୟା କରିବା କଷ୍ଟକର। ଚ୍ୟାଲେଞ୍ଜ: ନିଷ୍ପତ୍ତି କିପରି ନିଆଯିବ ସେ ବିଷୟରେ ସ୍ପଷ୍ଟତାର ଅଭାବ ବିଶ୍ୱାସ ଏବଂ ଦାୟିତ୍ୱକୁ ଦୁର୍ବଳ କରେ।

ପ୍ରଭାବ: ବ୍ୟବହାରକାରୀ ଏବଂ ନିୟାମକମାନେ AI-ଚାଳିତ ଫଳାଫଳଗୁଡ଼ିକୁ ବୁଝିବା କିମ୍ବା ବିରୋଧ କରିବାକୁ ସଂଘର୍ଷ କରନ୍ତି। ସମାଧାନ: ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ସ୍ପଷ୍ଟ କରୁଥିବା ବ୍ୟାଖ୍ୟାଯୋଗ୍ୟ AI(XAI) କୌଶଳର ବିକାଶ। ଗୋପନୀୟତା ଏବଂ ତଥ୍ୟ ସୁରକ୍ଷା: AI ସିଷ୍ଟମଗୁଡ଼ିକ ବହୁ ପରିମାଣର ବ୍ୟକ୍ତିଗତ ତଥ୍ୟ ଉପରେ ନିର୍ଭର କରନ୍ତି, ଯାହା ନିରୀକ୍ଷଣ, ସମ୍ମତି ଏବଂ ତଥ୍ୟ ଅପବ୍ୟବହାର ବିଷୟରେ ଗମ୍ଭୀର ଚିନ୍ତା ସୃଷ୍ଟି କରେ। ଚ୍ୟାଲେଞ୍ଜ: ତଥ୍ୟ ଉଲ୍ଲଂଘନ, ଅନଧିକୃତ ବ୍ୟବହାର ଏବଂ ଅସ୍ୱଚ୍ଛ ତଥ୍ୟ ସଂଗ୍ରହ ଅଭ୍ୟାସ। ପ୍ରଭାବ: ବ୍ୟକ୍ତିଗତ ଗୋପନୀୟତା ଏବଂ ସ୍ୱାୟତ୍ତତାର କ୍ଷୟ। ସମାଧାନ: ଦୃଢ଼ ତଥ୍ୟ ଶାସନ ନୀତି, ତଥ୍ୟ ଉପରେ ବ୍ୟବହାରକାରୀ ନିୟନ୍ତ୍ରଣ ଏବଂ ନୈତିକ ତଥ୍ୟ ପରିଚାଳନା ମାନଦଣ୍ଡ। ଦାୟିତ୍ୱ ଏବଂ ଦାୟିତ୍ୱ: ଯେତେବେଳେ AI ସିଷ୍ଟମଗୁଡ଼ିକ ଭୁଲ କରନ୍ତି - ଯେପରିକି ରୋଗୀଙ୍କୁ ଭୁଲ ନିର୍ଣ୍ଣୟ କରିବା କିମ୍ବା ଦୁର୍ଘଟଣା ଘଟାଇବା - ସେତେବେଳେ କିଏ ଦାୟୀ ତାହା ପ୍ରାୟତଃ ସ୍ପଷ୍ଟ ହୁଏ ନାହିଁ। ଚ୍ୟାଲେଞ୍ଜ: ଡେଭଲପର, ବ୍ୟବହାରକାରୀ ଏବଂ ପ୍ରତିଷ୍ଠାନ ମଧ୍ୟରେ ବିବିଧ ଦାୟିତ୍ୱ। ପ୍ରଭାବ: ଦୋଷ ଦେବା କିମ୍ବା ପ୍ରତିକାର ଖୋଜିବାରେ ଆଇନଗତ ଏବଂ ନୈତିକ ଅସ୍ପଷ୍ଟତା। ସମାଧାନ: AI ନିୟୋଜନ ପାଇଁ ସ୍ପଷ୍ଟ ନିୟାମକ ଢାଞ୍ଚା ଏବଂ ଦାୟିତ୍ୱ ପ୍ରୋଟୋକଲ। ଚାକିରି ବିସ୍ଥାପନ ଏବଂ ଆର୍ଥିକ ଅସମାନତା: AI-ଚାଳିତ ସ୍ୱୟଂଚାଳିତତା ବିଭିନ୍ନ କ୍ଷେତ୍ରରେ କର୍ମଚାରୀମାନଙ୍କୁ ବିସ୍ଥାପିତ କରିବାକୁ ଧମକ ଦିଏ, ସମ୍ଭାବ୍ୟ ଭାବରେ ଆର୍ଥିକ ବିଭାଜନକୁ ବୃଦ୍ଧି କରେ। ଚ୍ୟାଲେଞ୍ଜ: ଦ୍ରୁତ ପ୍ରଯୁକ୍ତିବିଦ୍ୟା ପରିବର୍ତ୍ତନ କର୍ମଶକ୍ତି ଅନୁକୂଳନକୁ ପଛରେ ପକାଇଥାଏ। ପ୍ରଭାବ: ଜୀବିକା ହରାଇବା, ବିଶେଷକରି ଦୁର୍ବଳ ସମ୍ପ୍ରଦାୟଗୁଡ଼ିକରେ। ସମାଧାନ: ପୁନଃ କୌଶଳୀକରଣ, ସାମାଜିକ ସୁରକ୍ଷା ଜାଲ ଏବଂ ଅନ୍ତର୍ଭୁକ୍ତ ନବସୃଜନ ରଣନୀତିରେ ନିବେଶ। ସ୍ୱାୟତ୍ତତା ଏବଂ ମାନବ ମର୍ଯ୍ୟାଦା: AI ପ୍ରଣାଳୀ ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ଶାସନରେ ନିଷ୍ପତ୍ତିକୁ ପ୍ରଭାବିତ କରିପାରେ, ମାନବ ଏଜେନ୍ସିକୁ ଦୁର୍ବଳ କରିବା ବିଷୟରେ ଚିନ୍ତା ସୃଷ୍ଟି କରିପାରେ। ଚ୍ୟାଲେଞ୍ଜ: AI ଉପରେ ଅତ୍ୟଧିକ ନିର୍ଭରଶୀଳତା ମାନବ ବିଚାର ଏବଂ ନୈତିକ ଯୁକ୍ତିକୁ ହ୍ରାସ କରିପାରେ। ପ୍ରଭାବ: ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟାଗୁଡ଼ିକର ମାନବୀକରଣ ଏବଂ ବ୍ୟକ୍ତିଗତ ସ୍ୱାୟତ୍ତତାର କ୍ଷୟ। ସମାଧାନ: ମାନବ-ଇନ୍-ଦି-ଲୁପ୍ ସିଷ୍ଟମ ଏବଂ ମାନବ ମୂଲ୍ୟବୋଧକୁ କେନ୍ଦ୍ରିତ କରୁଥିବା ନୈତିକ ଡିଜାଇନ୍। ଅସ୍ତ୍ରୀକରଣ ଏବଂ ଭୁଲ ସୂଚନା: AIକୁ ସ୍ୱୟଂଶାସିତ ଅସ୍ତ୍ରଶସ୍ତ୍ର ତିଆରି କରିବା କିମ୍ବା ଡିପ୍ ଫେକ୍ ଏବଂ ଭୁଲ ତଥ୍ୟ ସୃଷ୍ଟି କରିବା ପାଇଁ ବ୍ୟବହାର କରାଯାଇପାରିବ, ଯାହା ବିଶ୍ୱ ସୁରକ୍ଷା ଏବଂ ଗଣତାନ୍ତ୍ରିକ ଆଲୋଚନାକୁ ବିପଦରେ ପକାଇଥାଏ। ଚ୍ୟାଲେଞ୍ଜ: AI ପ୍ରଯୁକ୍ତିବିଦ୍ୟାର ଦ୍ୱୈତ-ବ୍ୟବହାର ପ୍ରକୃତି। ପ୍ରଭାବ: ଦ୍ୱନ୍ଦ୍ୱର ବୃଦ୍ଧି, ଜନମତକୁ ହେରଫେର ଏବଂ ସତ୍ୟର କ୍ଷୟ। ସମାଧାନ: ଅନ୍ତର୍ଜାତୀୟ ଚୁକ୍ତିନାମା, ନୈତିକ ମାନଦଣ୍ଡ ଏବଂ ଦୃଢ଼ ବିଷୟବସ୍ତୁ ଯାଞ୍ଚ ବ୍ୟବସ୍ଥା।

AI ସମ୍ବନ୍ଧୀୟ ନୈତିକ ଚିନ୍ତାଗୁଡ଼ିକ ପରିଧିଗତ ନୁହେଁ - ଏଗୁଡ଼ିକ ଏହାର ଦାୟିତ୍ୱପୂର୍ଣ୍ଣ ବିକାଶ ଏବଂ ନିୟୋଜନର କେନ୍ଦ୍ରବିନ୍ଦୁ। ଏହି ଚ୍ୟାଲେଞ୍ଜଗୁଡ଼ିକର ସମାଧାନ ପାଇଁ ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞ, ନୀତିନିର୍ଦ୍ଧାରକ, ନୀତିବିଦ୍ ଏବଂ ନାଗରିକ ସମାଜ ମଧ୍ୟରେ ଏକ ସହଯୋଗପୂର୍ଣ୍ଣ ପ୍ରୟାସ ଆବଶ୍ୟକ। ଲକ୍ଷ୍ୟ ହେଉଛି ପ୍ରଗତିକୁ ବନ୍ଦ କରିବା ନୁହେଁ, ବରଂ ନିଶ୍ଚିତ କରିବା ଯେ AI ନିରପେକ୍ଷତା, ସ୍ୱଚ୍ଛତା ଏବଂ ମାନବିକ ମର୍ଯ୍ୟାଦା ପ୍ରତି ସମ୍ମାନ ସହିତ ମାନବତାକୁ ସେବା କରେ।

# ପେଟ ପାଇଁ ସବୁ ନାଟ – ଶିଶୁ ସାଜୁଛି ଶ୍ରମିକ



ଉମାଶଙ୍କର ପ୍ରସାଦ
ସମ୍ପାଦକ,
ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ- ୬୩୭୦୬ ୭୫୫୬୨

ଭାରତୀୟ ଜନସଂଖ୍ୟାର ତିନି ଭାଗରୁ ଏକ ଭାଗ ହେଉଛନ୍ତି ଶିଶୁ। ସେମାନଙ୍କ ମଧ୍ୟରୁ କେତେକ ଅଭାବ ଅନାଟନ, ବିଭିନ୍ନ ପ୍ରକାର ରୋଗ ବୈରାଗ ଏବଂ ଦାରିଦ୍ର୍ୟର ଶିକାର ହୋଇ ନିଜର ଶୈଶବକୁ ବିଭିନ୍ନ ବିପର୍ଯ୍ୟୟ ପରସ୍ଥିତିକୁ ଆଦରି ନେଇଥାନ୍ତି। ପୃଥିବୀର ୩୦ ଲକ୍ଷ ପଥଧାରର ଶିଶୁ ଏଣେ ତେଣେ ଆତଯାତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୧୧ ଲକ୍ଷ ଭାରତରେ ବାସ କରନ୍ତି। ଦରିଦ୍ରର କଷାଘାତରେ ପ୍ରପିଡିତ ହୋଇ ପେଟ ଚାଖଣ୍ଡକ ପାଇଁ ସେମାନେ ନିଜର ଜୀବନକୁ ପାଣିଛଡାଇ ଅନେକ ଦୁଃସାହସିକ କାର୍ଯ୍ୟକରି ଦର୍ଶକଙ୍କ ମନୋରଞ୍ଜନ କରି ନିଜର ପେଟ ତଥା ପରିବାର ପ୍ରତିପୋଷଣ କରିଥାନ୍ତି। ଏଇ କିଛି ଦିନ ତଳେ ଝାରଖଣ୍ଡରୁ ଫେରିବା ସମୟରେ ଭୁବନେଶ୍ୱର ନାଲକୋ ଛକରେ ୧୦ ରୁ ୧୧ ବର୍ଷର ଝିଅଟିଏ ବାଉଁଶରେ ବନ୍ଧା ଯାଇଥିବା ଏକ ଦଉଡି ଉପରେ ବାଡିଟିଏ ଧରି ନିଜର ସନ୍ତୁଳନ ରକ୍ଷାକରି ଦୁଃସାହସିକ ବାଉଁଶରାଣୀ ଖେଳ, ତଳେ ନିଜର ବାପା, ଭାଇ ବଜାଉଥିବା ଢୋଲ ଓ ଚାଙ୍ଗୁର ତାଳେ ତାଳେ ଦେଖାଇ କିଛି ଅର୍ଥ ରୋଜଗାର କରୁଛି। ମୁଁ ଏହି ଖେଳ ପ୍ରଦର୍ଶନ କରୁଥିବା ନୀରିହ ଝିଅଟିର ବାପାକୁ ପଚାରିବାରୁ ସେ ଲୁହ ଛଳ ଛଳ ଆଖିରେ କହିଥିଲା ବାବୁ ଆମର ସମ୍ବଳ କିଛି ନାହିଁ ତେଣୁ ପିଲାଟି ଦିନୁ ଏଇ ଆମର ପିଲାମାନଙ୍କୁ ଗୁଜୁରାଣ ମେଣ୍ଟାଇବା ପାଇଁ ବିଭିନ୍ନ ପ୍ରକାର ଖେଳ ଶିଖାଇ ଥାଉ। ତେବେ ଏ ଦୁଃସାହସିକ ଖେଳ ଜୀବନକୁ ପାଣିଛଡାଇ ଦର୍ଶକଙ୍କ ମନୋରଂଜନ କରିବା ପଛର କାରଣ ହେଉଛି ଏ ଅମାନିଆ ପେଟ ପାଇଁ ନାଟ। ନୀରିହ ଡୋମ୍ବାରୀ ତଥା ଅନେକ ଆଦିବାସୀ ସମ୍ପ୍ରଦାୟର ପରିବାର ନିଜର ଏପରି ଦୁଃସାହସିକ ଖେଳ ପ୍ରଦର୍ଶିତ କଲାବେଳେ ସମଗ୍ର ସମାଜକୁ ଏକ ବାର୍ତ୍ତା ଦେଇଥାଏ ଯାହା ହେଉଛି ଆଜି ମଧ୍ୟ ଦାରିଦ୍ର୍ୟର କଷାଘାତରେ ସଢୁଥିବା ଲୋକ ଏବଂ ଧନୀକ ମଧ୍ୟରେ ରହିଛି ବିରାଟ ପାର୍ଥକ୍ୟ। ଏହି ପାର୍ଥକ୍ୟର କେବେ ଅବସାନ ଘଟିବ ଏହି ନୀରିହ ଶିଶୁମାନେ ନିଜ ଜୀବନ ସହିତ ଖେଳିବା ବନ୍ଦ କରି ନିଜ ଜୀବନକୁ ବିକଶିତ କରିବେ ତାହା ଏକ ବିରାଟ ପ୍ରଶ୍ନ ବାଚୀ ସୃଷ୍ଟି କରେ। ଆମ ସରକାର କିନ୍ତୁ ଏହି ସମ୍ପ୍ରଦାୟର ବିକାଶ ପାଇଁ ବହୁତକିଛି କରାଯାଉଥିବା କହୁଥିବା ବେଳେ ଏହା ପଛରେ ଥିବା ବାସ୍ତବତାକୁ ଏ ପର୍ଯ୍ୟନ୍ତ ଉପଲବ୍ଧି କରି ନପାରିବା ଦୁଃଖ ଓ ପରିତାପର ବିଷୟ।

କେବଳ ଡୋମ୍ବାରୀ ସମାଜର ସେହି ପିଲାମାନେ ନୁହଁନ୍ତି, ଆମ ଦେଶରେ ୧୬ ବର୍ଷ ବୟସର ପିଲା ତିନି ଭାଗରୁ ଭାଗେ ଶିଶୁ ଶ୍ରମରେ ନିୟୋଜିତ ହୋଇ ନିଜର ପରିବାରର ପ୍ରତିପୋଷଣ କରିଥାନ୍ତି। ସାରା ପୃଥିବୀରେ ୧୦ ରୁ ୧୪ ବର୍ଷ ମଧ୍ୟରେ ଅଗଣିତ ବାଳକ ବାଳିକା ଶିଶୁ ଶ୍ରମିକ ଭାବେ କାମ କରିବାର ଦେଖାଯାଏ ! ବାଲ୍ୟକାଳୁ ମଣିଷ ଜୀବନ ଗଠନ ପ୍ରଣାଳୀର ଆଦ୍ୟଭୂମି ବୋଲି କୁହାଯାଏ କିନ୍ତୁ ଏହି ସମୟରେ ପିଲାଟି ବିଦ୍ୟାଳୟ ଯିବା ପରିବର୍ତ୍ତେ ଜୀବିକାର୍ଜନ କରିବା ପାଇଁ ଶ୍ରମ ଭୂମିକୁ ଯାଏ ଖଟିବାକୁ। ନିଜ ଜୀବନରେ ଥିବା ଆଖିରେ ଆଖିଏ ସପନ ବାଉଁଶରାଣୀ ଦଉଡି ଉପରେ ଝୁଲି ରହିଥାଏ। ତେବେ ଏହି ପରିସ୍ଥିତି ପାଇଁ ଦାୟୀ କିଏ ? ଉଭୟ ଗ୍ରାମ ଓ ସହରାଞ୍ଚଳରେ ଏ ଦୃଶ୍ୟ ଅତୀବ ମର୍ମସ୍ପର୍ଶୀ। ପିତା ମାତାଙ୍କ ଦାରିଦ୍ର୍ୟ, ନିରକ୍ଷରତା ଏବଂ ସମାଜର ପଛୁଆ ଜାତି ହିସାବରେ ସେମାନଙ୍କ ପିଲା ଯେକୌଣସିମତେ ଗୋଡି ଖଟିବା ସହ ଏପରି ବିପଦପୂର୍ଣ୍ଣ ଖେଳ ଖେଳିବାକୁ ବାଧ ହୋଇଥାନ୍ତି। ଏହି ଶୈଶବଙ୍କ ଶ୍ରମ ଓ ଦୁସାହସିକ ବାଉଁଶରାଣି ଖେଳ ଜୀବନ ବଂଚିବାର ମାଧ୍ୟମ ହୋଇଥିବା ଦେଖି ପ୍ରକୃତରେ ସମାଜରୁ ଦାରିଦ୍ର୍ୟତା ହଟିଛି କି ନାହିଁ ବୋଲି ମନକୁ ପ୍ରଶ୍ନ ଆସେ ବୋଲି ବୁଦ୍ଧିଜୀବୀ ମତ ଦେଇଥାନ୍ତି। ପାଠ ପଢିବା ସମୟରେ ଏହି ସମ୍ପ୍ରଦାୟର ପିଲାମାନଙ୍କୁ ଛୋଟ ବୟସରୁ ଦୁଃସାହାସିକ ବାଉଁଶ ରାଣୀ ଖେଳର ତାଲିମ ଦିଆ ଯାଇଥାଏ। ସାଇକଲ ରିମ ଭିତରେ ନିଜର ସମଗ୍ର ଶରୀରକୁ ପ୍ରବେଶ କରାଇବା ଏବଂ ବାହାର କରିବା ପ୍ରକ୍ରିୟା ଶିଖା ଯାଇଥାଏ। ଛୋଟ ପିଲାମାନଙ୍କୁ ବିଦ୍ୟାଳୟକୁ ପାଠ ପଢିବାକୁ ଯିବା ପରିବର୍ତ୍ତେ ଏହି ଦୁଃସାହସିକ ଖେଳର ତାଲିମ ଦିଆଯାଇଥାଏ। ଆଦିବାସୀ ସମ୍ପ୍ରଦାୟର ପିଲାମାନଙ୍କ ଛଡା ଅନ୍ୟାନ୍ୟ ସମ୍ପ୍ରଦାୟର ୧୦ ରୁ ୧୫ ବର୍ଷର ପିଲାମାନେ ପରଦୁଆରେ ଶ୍ରମ କରି ନିଜର ତଥା ପରିବାରର ପ୍ରତିପୋଷଣ କରନ୍ତି।

ଯଦି ଆମେ ଭାରତର ସମ୍ବିଧାନକୁ ଆଖି ପକାଇବା ତେବେ ଆମେ ପାଇବା ସମ୍ବିଧାନର ଧାରା ୨୪ରେ ସ୍ପଷ୍ଟ ଉଲ୍ଲିଖିତ ହୋଇଛି ଯେ ୧୪ ବର୍ଷରୁ କମ୍ ବୟସର କୌଣସି ପିଲା କୌଣସି କଳକାରଖାନା, ଖଣିଖାଦାନ ବା କୌଣସି ବିପଦ ସଙ୍କୁଳ ସ୍ଥାନରେ କାମ କରିପାରିବେ ନାହିଁ। କନ୍ତୁ ଆଇନ ତା ବାଟରେ, ଆଜି ମଧ୍ୟ ସ୍ୱଳ୍ପ ବୟସର ଶିଶୁ ଶ୍ରମିକମାନେ ବାଣ କାରଖାନା, ହାତବୁଣା ଗାଲିଚା ଶିଳ୍ପ, କାଚ କାରଖାନାରେ ଏବେବି ଖଟୁଥିବାର ଦେଖାଯାଏ ! ଏପରି ହେବାର କାରଣ ଆଇନକୁ କାର୍ଯ୍ୟକାରୀ କରିବା ଦାୟିତ୍ୱରେ ଥିବା ବାବୁମାନଙ୍କ ଉପରେ ସଠିକ୍ ପଦକ୍ଷେପ ନିଆଯାଉନାହିଁ। ଗ୍ରାମାଂଚଳରେ ସମୁଦାୟ ବାଳ ଶ୍ରମିକଙ୍କ ମଧ୍ୟରୁ ୮୭ ପ୍ରତିଶତ ଶ୍ରମିକ ଖଟିଥାନ୍ତି। ସେମାନେ କ୍ଷେତ, ବୃକ୍ଷରୋପଣ, ମତ୍ସ୍ୟ ଏବଂ କୁଟୀର ଶିଳ୍ପରେ ନିୟୋଜିତ ହେବାର ଦେଖାଯାଏ। ସରକାରୀ ବିଦ୍ୟାଳୟରେ ମାଗଣା ପାଠ ପଢିବାର ସମସ୍ତ ସୁବିଧା ଏବଂ ମଧ୍ୟାହ୍ନ ଭୋଜନ, ପୁସ୍ତକ, ପୋଷାକ ଆଦି ଯୋଗାଇ ଦିଆ ଯାଉଥିଲେ ସୁଦ୍ଧା ବାଳକ ବାଳିକା ମାନେ ପରିବାରର ଆୟ ବୃଦ୍ଧି ନିମନ୍ତେ ଅର୍ଥ ଲୋଭରେ ପଡି ପାଠ ପଢା ଛାଡି ଦେଇଥାନ୍ତି। ବାଳ ଶ୍ରମିକ ନିଯୁକ୍ତି ନ ଦେବା ପାଇଁ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବାର କାର୍ଯ୍ୟକ୍ରମ ହାତକୁ ନିଆ ଯାଇଛି। ପାଶ୍ଚାତ୍ୟ ଦେଶ ମାନଙ୍କରେ ବାଳ ଶ୍ରମିକ ନିଯୁକ୍ତି ବନ୍ଦ କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଗଲାଣି। ଯେଉଁ ଶିଳ୍ପ କାରଖାନାରେ ବାଳଶ୍ରମିକ ଖଟୁଛନ୍ତି , ତା'ର ଉତ୍ପାଦ କ୍ରୟ କରିବାକୁ ଲୋକେ ସଂଘବଦ୍ଧ ହୋଇ ବାରଣ କରୁଛନ୍ତି। ୧୯୯୫ ମସିହାରେ ଭାରତୀୟ ଗାଲିଚା ଉତ୍ପାଦନକାରୀ, ରପ୍ତାନୀକାରି ଏବଂ ସ୍ୱେଚ୍ଛାସେବୀ ସଂଘମାନେ 'ରୁଗମାର୍କ' ନାମରେ ଏକ ବ୍ରାଣ୍ଡ ନାମ ସୃଷ୍ଟି କରିଛନ୍ତି, ଯାହା ସାର୍ଟିଫିକେଟ ପରି କାମ କରେ। ଏହି ନାମର ମୋହର ବସିବା ଦ୍ୱାରା ଜଣାଯାଏ ଉକ୍ତ ଉତ୍ପାଦନ କାରି ପଦାର୍ଥରେ ବାଳଶ୍ରମିକ ନିଯୁକ୍ତି ହୋଇନାହାଁନ୍ତି। ଆଜିକାଲି ବୈଷୟିକ ଶିକ୍ଷା ଏକ ବାଧ ପାଠ୍ୟକ୍ରମ ରୂପେ ସରକାରଙ୍କ ଦ୍ୱାରା ପ୍ରଚଳିତ ହୋଇଛି ଯାହା ଶିଶୁ ଶ୍ରମିକଙ୍କ ପେଟ ପାଇଁ ନାଟର ପରିସମାପ୍ତି ଘଟାଇ ଆଶାର କିରଣ ସଂଚରଣ କରୁଛି। କିନ୍ତୁ ଏହାକୁ ଫଳପ୍ରଦ କରିବା ପାଇଁ ସରକାର ବିହିତ ପଦକ୍ଷେପ ନେଲେ ଏହି ସମସ୍ୟାର ସମାଧାନ ହେବା ସହ ଶିଶୁ ତାର ଆଦ୍ୟ ଜୀବନରେ କୌଣସି ପ୍ରକାର ବାଧାପ୍ରାପ୍ତ ନ ହୋଇ ତା'ର ଭବିଷ୍ୟତ ଗଢିବାକୁ ସକ୍ଷମ ହେବ ବୋଲି ଆଶା।

# 'ଆଣ୍ଡ୍ରଏଡ୍ ଫୋନ୍‌ର କଲ୍ ଏବଂ ଡାଏଲର୍ ସେଟିଂ'



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

ବର୍ତ୍ତମାନ ମୋବାଇଲ୍ ଫୋନ୍‌ର କଲ୍ ଏବଂ ଡାଏଲର୍ ସେଟିଂସରେ ହଠାତ୍ ପରିବର୍ତ୍ତନ ହୋଇଛି। ଏହି ପରିବର୍ତ୍ତନ ଅଧିକାଂଶ ଆଣ୍ଡ୍ରଏଡ୍ ବ୍ୟବହାରକାରୀଙ୍କ ଫୋନ୍‌ରେ ହୋଇଛି । ଲୋକମାନେ କଲିଂ ଇଣ୍ଟରଫେସ୍‌ରେ ଏହି ପରିବର୍ତ୍ତନ ପଛରେ କାରଣ ଜାଣିବାକୁ ଚାହୁଁଛନ୍ତି। ଲୋକମାନେ ଏହାକୁ ନେଇ ସୋସିଆଲ ମିଡିଆରେ ବିଭିନ୍ନ ପ୍ରତିକ୍ରିୟା ମଧ୍ୟ ଦେଉଛନ୍ତି। ଏହାର କାରଣ କଣ। ତେବେ କଣ ଆହୁରି ପରିବର୍ତ୍ତନ ହୋଇଛି। କଲ୍ ସ୍କ୍ରିନର ଉପର ଭାଗରେ ଏକ ବାରରେ ସର୍ଚ୍ଚ କନଟାକ୍ଟ, ଭଏସ ଅପସନ ଅର୍ଥାତ ନେଭିଗେସନ ଡ୍ରୟାରରେ ବାମ ପଟ କୋଣରେ କନଟାକ୍ଟ, ସେଟିଙ୍ଗ, କଲ ହିଷ୍ଟ୍ରି ଏବଂ ହେଲ୍ପ ଫିଡବ୍ୟାକ ରଖାଯାଇଛି। ସ୍କ୍ରିନର ତଳ ଭାଗରେ ହୋମ୍ ବଟମ ସହ କିପ୍ୟାଡ୍ ବି ରଖାଯାଇଛି । ନମ୍ବର ପ୍ୟାଡ ମଝିରେ ଏବେ ରହୁଥିବା ବେଳେ ସବୁ ନମ୍ବର ଗୋଲାକାର ଭିତରେ ରହୁଛି। ଭିୟୁ କଣ୍ଟାକ୍ଟକୁ ଡାହାଣ ପଟେ ଉପରେ ସ୍ଥାନ ଦିଆଯାଇଥିବା ବେଳେ ଫେଭରାଇଟ ତଳେ ଆଡ୍ କନଟାକ୍ଟର ଅପସନ ରହିଛି। ସେହିପରି ଏବେ ସବୁ କଲକୁ ଅଲଗା କରାଯାଇଛି । ଅଲ୍ କଲ୍, ମିସଡ କଲ୍, କନଟାକ୍ଟ, ସ୍ପାମ୍, ନନ-ସ୍ପାମକୁ ଅଲଗା କରାଯାଇଛି । ସବୁଠାରୁ ବଡ କଥା ହେଉଛି କଲ୍ କଲା ବେଳେ ଯାହାଙ୍କୁ ଆମେ କଲ୍ କରୁଛେ ତାଙ୍କ ଫଟୋ କିମ୍ବା ତାଙ୍କ ନାମର ପ୍ରଥମ ଅକ୍ଷର ଗୋଟିଏ ଗୋଲାକାର କୁଞ୍ଚିତ ଶୈଳୀରେ ଦୃଶ୍ୟମାନ ହେଉଛି । ଏଥିସହ ଫୋନ୍ ଆସିବା ବେଳେ ଡିକ୍ଲାଇ ଏବଂ ଆନସରର ଅପ୍ସନ ରହୁଛି ଏବଂ ଉପରେ ମେସେଜ୍ କରିବାର ବିକଳ୍ପ ବି ଦେଖାଉଛି। ଅନ୍ୟପଟେ କଲ୍ କାଟିବା ପାଇଁ ଏଣ୍ଡ କଲ୍ ବଟନକୁ ବଡ ଆକାର ଦିଆଯାଇଛି । ନାଲି ରଙ୍ଗରେ ଏହା ସବୁଠାରୁ ବଡ଼ ଦେଖାଯାଉଛି ।

ଗୁଗୁଲ୍ ଫୋନ୍ ଆପକୁ ମ୍ୟାଟେରିଆଲ୍ ୩ ଏକ୍ସପ୍ରେସିଭ୍ ରିଡିଜାଇନ୍ ପୁସ କରିଛି । ତେଣୁ ଏହି ପରିବର୍ତ୍ତନ କେବଳ ସେହି ସ୍ମାର୍ଟଫୋନରେ ହୋଇଛି । ଯେଉଁଠାରେ ଗୁଗୁଲ୍ ଫୋନ୍ ଆପ୍ ଡାଏଲର୍ ଆପ୍ ଭାବରେ ସେଟ୍ କରାଯାଇଛି । ଗୁଗୁଲ୍ ଏହାର ଫୋନ୍ ଆପ୍‌ରେ ମ୍ୟାଟେରିଆଲ୍ ୩ ଏକ୍ସପ୍ରେସିଭ୍ ପୁନଃଡିଜାଇନ୍ କାର୍ଯ୍ୟକାରୀ କରିଛି । ଯାହା ବର୍ତ୍ତମାନ ବ୍ୟବହାରକାରୀଙ୍କ ପାଖରେ ପହଞ୍ଚିବା ଆରମ୍ଭ କରିଛି । ଏହି ନୂତନ ଡିଜାଇନ୍ ବିଶେଷ ଭାବରେ ଏହାକୁ ଅଧିକ ଆଧୁନିକ, ସରଳ ଏବଂ ୟୁଜର ଫ୍ରେଣ୍ଡଲି କରିବା ପାଇଁ ଡିଜାଇନ୍ କରାଯାଇଛି । ସବୁଠାରୁ ବଡ଼ ପରିବର୍ତ୍ତନ ଆପ୍‌ର ନାଭିଗେସନ୍ ସିଷ୍ଟମରେ ଦେଖାଯାଉଛି । ଆସନ୍ତୁ ଜାଣିବା ଏହି ଅପଡେଟ୍ ପରେ ଆପଣଙ୍କ ଫୋନରେ କଣ କଣ ପରିବର୍ତ୍ତନ ହୋଇଥିବ । ଅପଡେଟ ପରେ ଆପଣଙ୍କୁ ଡ଼ାଏଲର ଆପରେ ତିନୋଟି ଟବ୍ ଦେଖିବାକୁ ମିଳିବ, ଯେଉଁଥିରୁ ଫୋନ୍ ଟବ୍‌ରେ କଲ୍ ହିଷ୍ଟ୍ରି ଏବଂ କରାଉଜଲ୍‌ରେ ଫେବରାଇଟ କଣ୍ଟାକ୍ଟ ଦେଖିହେବ । ଏହା ଆପଣଙ୍କର ଫୋନ୍ ବ୍ୟବହାର କରିବାର ଶୈଳୀରେ ପରିବର୍ତ୍ତନ ଆଣିବ। କାହିଁକି ନା କାହାକୁ କଣ୍ଟାକ୍ଟ କରିବା ପାଇଁ ଆପଣଙ୍କୁ ବାରମ୍ବାର କଣ୍ଟାକ୍ଟ ସେକ୍ସନକୁ ଯିବାକୁ ପଡିବ ନାହିଁ। ତେଣୁ ଏହା ଗୁଗୁଲର ଏକ ବଡ ଓ ୟୁଜର ଫ୍ରେଣ୍ଡଲୀ ଅପଡେଟ କହିଲେ ଅତ୍ୟୁକ୍ତି ହେବ ନାହିଁ । ଗୁଗୁଲର କହିବା କଥା ଏହି ଡିଜାଇନର ପରିବର୍ତ୍ତନ ଏକ ଗବେଷଣା ପରେ ହୋଇଛି । କମ୍ପାନୀ ୧୮ ହଜାରରୁ ଅଧିକ ଫୋନ୍ ବ୍ୟବହାରକାରୀଙ୍କୁ ନେଇ ଏହି ଗବେଷଣା କରିଥିବା ବେଳେ ଅନେକ ଲୋକ ଫୋନ୍ ରିସିଭ କରିବାରେ ସମସ୍ୟା ଭୋଗୁଛନ୍ତି । କେବେକେବେ ଫୋନ୍ ଆସିଲେ ପକେଟରୁ ଫୋନ ବାହାର କରିବା ବେଳେ ସ୍ୱାଇପ ବଟନ ପାଇଁ ରିସିଭ ହୋଇଯାଉଥିବା ଦେଖିବାକୁ ମିଳିଥିବା ବେଳେ କେବେକେବେ ପକେଟରେ ରହି ବି ଆପେଆପେ ଫୋନ ଅନ୍ୟ ପାଖକୁ ଲାଗିଯାଏ । ଯାହା ଏହି ପରିବର୍ତ୍ତନ କରିବା ପରେ ସମସ୍ୟା ଏତେ ହେବନି ବୋଲି ଆଶା କରାଯାଉଛି । ଏହି ପରିବର୍ତ୍ତନ କିଛି ୟୁଜର୍ସଙ୍କୁ ଖୁସି ଦେଇଥିବା ବେଳେ ଅନେକ ଲୋକ ସମସ୍ୟାରେ ପଡୁଥିବା ଦେଖିବାକୁ ମିଳିଛି।

ଗୁଗଲ ଏହାର ଫୋନ ଆପରେ Material 3 Expressive redesign କାର୍ଯ୍ୟକାରୀ କରିଛି, ଏହା ଏବେ ସ୍ଥିର ବ୍ୟବହାରକାରୀଙ୍କ ପାଖରେ ପହଞ୍ଚିବା ଆରମ୍ଭ କରିଛି। ଏହି ନୂତନ ଡିଜାଇନ ଏହାକୁ ଅଧିକ ଆଧୁନିକ, ସରଳ ଏବଂ ବ୍ୟବହାରକାରୀ-ଅନୁକୂଳ କରିବା ପାଇଁ ସ୍ୱତନ୍ତ୍ର ଭାବରେ ଡିଜାଇନ କରାଯାଇଛି। ବର୍ତ୍ତମାନ ଆପ୍‌ରେ ତିନୋଟି ଟ୍ୟାବ ଅଛି। ଏଠାରେ ଫେଭରେଟ ଏବଂ ରିସେଣ୍ଟକୁ ମିଶାଇ ଏକ ନୂତନ ହୋମ ଟ୍ୟାବ ତିଆରି କରାଯାଇଛି। କିପ୍ୟାଡ ବିଭାଗକୁ ମଧ୍ୟ ପୁନଃ ଡିଜାଇନ କରାଯାଇଛି। ପୂର୍ବରୁ ଫ୍ଲୋଟିଂ ଆକ୍ସନ ବଟନ (FAB) ରୁ ଯାହା ଆକ୍ସେସ କରାଯାଇଥିଲା, ତାହା ଏବେ ଆପ୍‌ର ଦ୍ୱିତୀୟ ଟ୍ୟାବ ପାଲଟିଛି। ନମ୍ବର ପ୍ୟାଡ ସିଟ ଏବେ ଗୋଲାକାର ଡିଜାଇନ୍‌ରେ ଦେଖାଯାଉଛି, ଯାହା ଇଣ୍ଟରଫେସ୍କୁ ଆହୁରି ସଫା ଦେଖାଉଛି। ସେହି ସମୟରେ, ଭଏସ କଲ ବିଭାଗରେ କୌଣସି ବଡ଼ ପରିବର୍ତ୍ତନ କରାଯାଇ ନାହିଁ, କେବଳ ଏହାର ତାଲିକା ଶୈଳୀକୁ ଏକ ନୂତନ ରୂପ ଦିଆଯାଇଛି। କଣ୍ଟାକ୍ଟସ ବ୍ୟତୀତ, ସେଟିଂସ, କ୍ଲିୟର୍ସ କଲ ହିଷ୍ଟ୍ରି ଏବଂ ହେଲ୍ପ ଏବଂ ଫିଡବ୍ୟାକ ଭଳି ବିକଳ୍ପଗୁଡ଼ିକ ମଧ୍ୟ ଏହି ଡ୍ରୟାରରେ ରହିବ। ଗ୩ ଏକ୍ସପ୍ରେସିଭ ଡିଜାଇନ୍‌ର ପ୍ରଭାବ ଏବେ ସେଟିଂସ ପେଜ୍‌ରେ ମଧ୍ୟ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଛି। ଏହି ନୂତନ ଡିଜାଇନ ଜୁନ ମାସରୁ ପରୀକ୍ଷଣ ପର୍ଯ୍ୟାୟରେ ଥିଲା ଏବଂ ଏବେ ଶେଷରେ Google Phone ର ୧୮୬ ସଂସ୍କରଣ ସହିତ ସ୍ଥିର ୟୁଜର୍ସଙ୍କ ପାଖରେ ପହଞ୍ଚିପାରୁଛି। ଏହି ଅପଡେଟ Google Contactsର ନୂତନ ଡିଜାଇନ୍‌ରେ ଯୋଗ ଦେଇଛି ଏବଂ ଖୁବ ଶୀଘ୍ର ଗ୩ Expressive c¤ Google Messages ଆପ୍‌ରେ ରୋଲ ଆଉଟ ହେବାକୁ ଯାଉଛି।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ





# ଏମ୍‌କେସିଜିରେ ବାରମ୍ବାର ଅଗ୍ନିକାଣ୍ଡ:ବିପଦ ସାଜିଛି ସ୍ପ୍ଲିଟ୍ ଏସି

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଏମ୍‌କେସିଜି ମେଡ଼ିକାଲ୍ କଲେଜ ଓ ହସ୍‌ପିଟାଲ୍ ପାଇଁ ଏବେ ବିପଦ ପାଲଟିଛି ସ୍ପ୍ଲିଟ୍ ଏସି । ସ୍ପ୍ଲିଟ୍ ଏସି ଯୋଗୁ ଏମ୍‌କେସିଜିର ବିଭିନ୍ନ ବିଭାଗରେ ବାରମ୍ବାର ଅଗ୍ନିକାଣ୍ଡ ଘଟୁଛି । ଗତ ୭ ମାସ ଭିତରେ ଏସି ୟୁନିଟ୍‌ରୁ ସର୍ଟସର୍କିଟ୍ ଘଟି ୪ରୁ ଅଧିକ ବିଭାଗରେ ଅଗ୍ନିକାଣ୍ଡ ଘଟିସାରିଥିବା ବେଳେ ରୋଗୀ ଓ କର୍ମଚାରୀ ଅଳ୍ପକେ ବର୍ତି ଯାଇଛନ୍ତି । ତେବେ ଏହି ସ୍ପ୍ଲିଟ୍ ଏସି ଗୁଡ଼ିକ ନିୟମିତ ଭାବେ ରକ୍ଷଣାବେକ୍ଷଣ କରାଯାଉନଥିବାରୁ ସେଥିରେ ସର୍ଟସର୍କିଟ୍ ଘଟି ନିଆଁ ଲାଗିଯାଉଥିବା ଅଭିଯୋଗ ହେଉଛି । ସୂଚନାଥାଉକି, ଗତ ୧୭ ତାରିଖ ବିଳମ୍ବିତ ରାତ୍ରିରେ ଏମ୍‌କେସିଜିର ଆଞ୍ଚଳିକ ରୋଗ ନିଦାନ କେନ୍ଦ୍ର କୋଠାରେ ଅଗ୍ନିକାଣ୍ଡ ଘଟିଥିଲା । ଏହି କୋଠାର ତଳ ମହଲାରେ ଥିବା ବାୟୋକେମିଷ୍ଟ୍ରି ବିଭାଗରେ ଲାଗିଥିବା ଏକ ଏସିରେ ସର୍ଟସର୍କିଟ୍ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ବିଭାଗର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲା । ଅଗ୍ନିକାଣ୍ଡ ଯୋଗୁ ଉକ୍ତ କୋଠରୀରେ ଥିବା କିଛି ରାସାୟନିକ ସାମଗ୍ରୀ ପୋଡ଼ିଯାଇଥିବା ବେଳେ ଏକାଧିକ ଯନ୍ତ୍ରାଂଶ ୧୨ ଘଣ୍ଟାରୁ ଅଧିକ ସମୟ ଧରି ଅଚଳ ହୋଇପଡ଼ିଥିଲା । ଫଳରେ ଏହି ବିଭାଗରେ କିଛି ପରୀକ୍ଷା ନିରୀକ୍ଷା ଦୀର୍ଘ ସମୟ ଯାଏ ବନ୍ଦ ରହିଥିଲା । ଏହା ପୂର୍ବରୁ ଜୁଲାଇ ୨୮ ତାରିଖରେ ଏମ୍‌କେସିଜିର ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗରେ ଥିବା ଏହି ୟୁନିଟ୍‌ରେ ଅଗ୍ନିକାଣ୍ଡ ଘଟିଥିଲା । ଏହି ଏସି ୟୁନିଟ୍‌ର ବାହାର ପଟରେ ରହିଥିବା କମ୍ପ୍ରେସରରେ ସର୍ଟସର୍କିଟ୍ କାରଣରୁ ନିଆଁ ଲାଗିଯାଇଥିଲା । ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ । ସେହିପରି ଚଳିତବର୍ଷ ଜାନୁଆରୀ ମାସରେ ଏମ୍‌କେସିଜିର ମେଡ଼ିସିନ୍ ବିଭାଗ କୋଠାର ପିଜି ସେମିନାର ହଲ୍‌ରେ ଲାଗିଥିବା ଏକ ଏସି ୟୁନିଟ୍‌ରେ ସର୍ଟସର୍କିଟ୍ ହୋଇ ଅଗ୍ନିକାଣ୍ଡ ଘଟିଥିଲା । ସେହି ସମୟରେ ଏସିର ଇନ୍‌ଡ଼ୋର ୟୁନିଟ୍ ସମ୍ପୂର୍ଣ୍ଣ ଜଳି ନଷ୍ଟ ହୋଇଯାଇଥିଲା । ଏସି ମେକାନିକ୍ ସଜାଡ଼ିବାକୁ ଯାଇଥିବା ବେଳେ ସୁଇଚ୍ ଟିପିବା ମାତ୍ରେ ଇନ୍‌ଡ଼ୋର ୟୁନିଟ୍‌ରୁ ସର୍ଟସର୍କିଟ୍ ହୋଇ ନିଆଁ ଲାଗିଯାଇଥିଲା । କେବଳ ଏତିକି ନୁହଁ ଏହା ପୂର୍ବରୁ ମଧ୍ୟ ଏମ୍‌କେସିଜିର ବିଭିନ୍ନ କୋଠାରେ ଲାଗିଥିବା ସ୍ପ୍ଲିଟ୍ ଏସିର ଇନ୍‌ଡ଼ୋର ଓ ଆଉଟ୍‌ଡ଼ୋର ୟୁନିଟ୍‌ରେ ସର୍ଟସର୍କିଟ୍‌ରୁ ନିଆଁ ଲାଗିଥିବା ନଜିର ରହିଛି । ଏମ୍‌କେସିଜିର ବିଭିନ୍ନ ବିଭାଗରେ ଶତାଧିକ ଏସି ସଂଯୋଗ ହୋଇଥିବା ବେଳେ ସେହି ଏସି ୟୁନିଟ୍‌ଗୁଡ଼ିକର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ବାର୍ଷିକ ପ୍ରାୟ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ସୂଚନା ମିଳିଛି । ହେଲେ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଘରୋଇ ସଂସ୍ଥା ଏବଂ ଜିଇଡ଼ି ବିଭାଗ ପକ୍ଷରୁ ଠିକ୍ ଭାବେ ଯାଞ୍ଚ କରାଯାଉନଥିବାରୁ ଅନେକ ସମୟରେ ସର୍ଟସର୍କିଟ୍ ହୋଇ ଜଳିଯାଉଥିବା ଅଭିଯୋଗ ହେଉଛି । ତେବେ ଏମ୍‌କେସିଜିର ସର୍ଜରୀ ବିଭାଗ କୋଠା ଓ ପିଏମ୍ଏସ୍ଏସ୍‌ୱାଇ କୋଠାରେ ଚିଲ୍ଲର ଏସି ତଥା ସେଣ୍ଟ୍ରାଲ୍ ଏସି ଲଗାଯାଉଥିବାରୁ ସେଥିରେ କେବଳ ସମସ୍ୟା ଦେଖିବାକୁ ମିଳୁନଥିବା ବେଳେ ଅନ୍ୟ ବିଭାଗରେ ଲାଗିଥିବା ସ୍ପ୍ଲିଟ୍ ଏସିରେ ହିଁ ଅଗ୍ନିକାଣ୍ଡ ଘଟୁଛି । ସ୍ପ୍ଲିଟ୍ ଏସିରେ ସର୍ଟସର୍କିଟ୍ ହୋଇ ବଡ଼ ଅଘଟଣ ପୂର୍ବରୁ ଏମ୍‌କେସିଜି କର୍ତ୍ତୃପକ୍ଷ ଆବଶ୍ୟକ ପଦକ୍ଷେପ ନିଅନ୍ତୁ ବୋଲି ସାଧାରଣରେ ଦାବି ହୋଇଛି ।

## ପଦାର୍ଥ ବିଜ୍ଞାନ ବିଭାଗରେ ଜାତୀୟ ଆଲୋଚନା ଚକ୍ର

# ଅମ୍ଳଜାନର ଉପସ୍ଥିତି ପଦାର୍ଥର ଗୁଣାତ୍ମକ ପରିବର୍ତ୍ତନ ଘଟାଏ

**କେନ୍ଦୁଝର, ନ୍ୟୁଜ୍**

ଧରଣୀଧର ବିଶ୍ୱ ବିଦ୍ୟାଳୟ ଉତ୍ତର ପରିସରରେ ପଦାର୍ଥ ବିଜ୍ଞାନ ବିଭାଗ ଦ୍ୱାରା "ଫ୍ରମ ଦି ମାଇକ୍ରୋସ୍କୋପିକ ଟୁ ଦି କସମିକ୍ : ଆଡଭାନ୍ସେସ ଇନ୍ ମଡର୍ଣ୍ଣ ଫିଜିକ୍ସ" ବିଷୟ ବସ୍ତୁ ଭିତ୍ତିକ ଦୁଇ ଦିନିଆ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଅତିଥିମାନେ ଦୀପ ପ୍ରଜ୍ୱଳନ କରି ଆଲୋଚନା ଚକ୍ରକୁ ଉଦ୍‌ଘାଟନ କଲାପରେ ଛାତ୍ରୀମାନେ ବିଶ୍ୱ ବିଦ୍ୟାଳୟ ସଙ୍ଗୀତ ଗାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ସ୍ଥିତ ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. କରୁଣାକର ନନ୍ଦ ଯୋଗଦେଇ ଅମ୍ଳଜାନର ଉପସ୍ଥିତି କିପରି ପଦାର୍ଥର ଗୁଣାତ୍ମକ ପରିବର୍ତ୍ତନ କରି ଆଧୁନିକ ନାନୋ ପ୍ରଯୁକ୍ତି ବିଦ୍ୟାକୁ ପ୍ରଭାବିତ କରିପାରେ ସେ ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ । ସମ୍ମାନୀତ ଅତିଥିଭାବେ ପାଟନା ସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ବରିଷ୍ଠ ବୈଜ୍ଞାନିକ ଡ. ମନୋରଞ୍ଜନ କର ନିଜ ଅଭିଭାଷଣରେ ନାନୋ ପ୍ରଯୁକ୍ତି ବିଦ୍ୟାର ଉପଯୋଗ ବିଷୟରେ ଆଲୋଚନା କରିଥିଲେ । ଅନ୍ୟତମ ସମ୍ମାନୀତ ଅତିଥି କଲିକତା ସ୍ଥିତ ଭାରିଏବୁଲ ଏନର୍ଜି ସାଇକ୍ଲୋଟ୍ରନ ସେଣ୍ଟରର ବିଶିଷ୍ଟ ବୈଜ୍ଞାନିକ ଡ. ଯଯାତି କେଶରୀ ନାୟକ ନିଜ ବକ୍ତବ୍ୟରେ ବିଶ୍ୱ ବ୍ରହ୍ମାଣ୍ଡର ଉତ୍ପତି ଓ ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ । ସଭାପତି ତଥା ବିଶ୍ୱ ବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର




ଅଧ୍ୟକ୍ଷ ଡ. ପ୍ରଭୁପ୍ରସାଦ ଦାସ ନିଜ ବକ୍ତବ୍ୟରେ ଏପରି ଆଲୋଚନାଚକ୍ର ଗବେଷଣାକୁ ଉତ୍ସାହିତ କରିବ ବୋଲି କହିଥିଲେ । ଉକ୍ତ ଆଲୋଚନାଚକ୍ରରେ କନଭେନର ଦୋଳଗୋବିନ୍ଦ ରାଉତ ଅତିଥିମାନଙ୍କ ପରିଚୟ ପ୍ରଦାନ ସହ ଆଲୋଚନାଚକ୍ରର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ । ଏହି ଅବସରରେ ଆଲୋଚନାଚକ୍ର ସମ୍ପର୍କିତ ଏକ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଶେଷରେ ବିଭାଗୀୟ ମୁଖ୍ୟ ଡ. କୃଷ୍ଣଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଦୁଇ ଦିନିଆ ଏହି ଆଲୋଚନା ଚକ୍ରରେ ରାଜ୍ୟ ଓ ରାଜ୍ୟ ବାହାରୁ ବିଭିନ୍ନ ସ୍ଥାନରୁ ବହୁ ଗବେଷକ, ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ଉଦ୍‌ଯାପନୀ ଉତ୍ସବରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଭୁପ୍ରସାଦ ଦାସ ସଭାପତିତ୍ୱ କରି ଭବିଷ୍ୟତରେ ବିଭାଗ ଏହିପରି ଆଲୋଚନାଚକ୍ର କରିବାକୁ ପରାମର୍ଶ ଦେଇଥିଲେ । ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିବା ସମସ୍ତଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ପ୍ରଫେସର ବିଜୟ କୁମାର ବେହେରା, ଡ. ତନ୍ମୟ ଦାସ, ଡ. ଇପ୍ସିତା ମହାନ୍ତି, ଡ. ପୂଜାଶ୍ରୀ ପ୍ରିୟଦର୍ଶିନୀ ସେଠୀ, ଡ. ପତିତପାବନ ସାହୁ, ଡ. ସ୍ୱରୂପ ଆଚାର୍ଯ୍ୟ, ନୈସର୍ଗିକା ନାୟକ, ରଶ୍ମିକାନ୍ତ ପ୍ରଧାନ ତଥା ବିଭାଗର ସମସ୍ତ କର୍ମଚାରୀ ସକ୍ରୀୟ ସହଯୋଗ କରିଥିଲେ ।

# ବୋର୍ଡ ହାଇସ୍କୁଲ୍ ମଣିଷ ତିଆରି କାରଖାନା

**କଟକ, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କଟକ ସ୍ଥିତ ବୋର୍ଡ ହାଇସ୍କୁଲ ପରିଦର୍ଶନ କରି ଅନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀଙ୍କୁ ଭେଟିବା ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ସ୍ମାର୍ଟ କ୍ଲାସ୍‌ରୁମ୍‌ରେ ପିଲାମାନଙ୍କ କେନ୍ଦ୍ରମନ୍ତ୍ରୀ ସହ ବସି ପାଠ ପଢାର ଶୈଳୀ ଦେଖିବା ସହ ସେମାନଙ୍କ ସହ କଥା ହୋଇଛନ୍ତି । କହିଛନ୍ତି ଯେ, ଓଡ଼ିଶା ରାଜ୍ୟ ବୋର୍ଡ ବ୍ୟବସ୍ଥାରେ ଶିକ୍ଷା ପ୍ରଦାନ ପାଇଁ ଏକ ଆଦର୍ଶ ହାଇସ୍କୁଲ ଭାବରେ ବିକଶିତ ହୋଇଥିବା ଏହି ଅନୁଷ୍ଠାନର ଏକ ଅନନ୍ୟ ପରିଚୟ ରହିଛି। ବିଗତ ୬୬ ବର୍ଷ ଧରି ଏହି ବିଦ୍ୟାଳୟ ମଣିଷ ତିଆରି କାରଖାନାର ଏକ ପ୍ରୟୋଗଶାଳା ହୋଇଛି। 'ଜାତୀୟ ମହାକାଶ ଦିବସ' ଅବସରରେ ଏହି ଶିକ୍ଷାନୁଷ୍ଠାନକୁ ଆସିବା ତାଙ୍କ ପାଇଁ ଗର୍ବର ବିଷୟ ବୋଲି ସେ କହିଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ହାଇସ୍କୁଲର ଡାଇମଣ୍ଡ୍ ଜୁବୁଲିର ଏକ ଲୋଗୋ ଉନ୍ମୋଚନ କରିଥିଲେ । ଏଠାରେ କାର୍ଯ୍ୟରତ ଶିକ୍ଷୟିତ୍ରୀମାନେ ପାୱାର ପଏଣ୍ଟ ଜରିଆରେ ଡିଜିଟାଲ କଣ୍ଟେଣ୍ଟ ପ୍ରସ୍ତୁତ କରି ଯେଉଁ ଆଧୁନିକ ପଦ୍ଧତିରେ ଶିକ୍ଷା ପ୍ରଦାନ କରୁଛନ୍ତି, ତାହା ବେଶ୍ ପ୍ରଶଂସନୀୟ ବୋଲି କହିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କଳ୍ପନାରେ ଜାତୀୟ ଶିକ୍ଷା ନୀତିର ପରାମର୍ଶ ଅନୁସାରେ ମାତୃଭାଷାରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ପ୍ରଦାନ କରିବା ପାଇଁ ସ୍କୁଲ କର୍ତ୍ତୃପକ୍ଷଙ୍କୁ କେନ୍ଦ୍ରମନ୍ତ୍ର ମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏହାଛଡ଼ା ହାଇସ୍କୁଲର ପୁରାତନ ଛାତ୍ରଛାତ୍ରୀଙ୍କୁ ଭେଟିବା ସହ ଶିକ୍ଷାନୁଷ୍ଠାନର ଐତିହ୍ୟ ଓ ବିଶେଷତାକୁ ବଜାୟ ରଖି ସ୍କୁଲ ପରିଚାଳନା ଉପରେ କେନ୍ଦ୍ରମନ୍ତ୍ରୀ ଆଲୋଚନା କରିବା ସହ ଏହି ଶିକ୍ଷାରୂପକ ମନ୍ଦିରର ଗୌରବ ବଢାଇବାରେ ପୁରାତନ ଛାତ୍ରଛାତ୍ରୀଙ୍କୁ ଯୋଗଦାନ ଅତୁଳନୀୟ ବୋଲି କହିଥିଲେ ।

# ଟୁଟୁନି ମହାମାୟୀ ମହିଳା ମହାବିଦ୍ୟାଳୟ ଦ୍ୱିତୀୟ କ୍ୟାମ୍ପସ୍ ସମସ୍ୟା

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

- ଉଚ୍ଚଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶକଙ୍କ ପରିଦର୍ଶନ
- ଭିତ୍ତିଭୂମି ଓ ଛାତ୍ରୀଙ୍କ ସମସ୍ୟା ନେଇ ଆଲୋଚନା

ସ୍ଥାନୀୟ ପୁରୁଣା ଆମ୍ବ ମାର୍କେଟ୍ ନିକଟରେ ମହାମାୟୀ ମହିଳା ମହାବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ୍ ନିର୍ମାଣର ଦୀର୍ଘ ମାସ ପରେ ବି ଏଠାରେ ଲାଗି ରହିଥିବା ସମସ୍ୟାର ସମାଧାନ ହେଉନି । ଉକ୍ତ କୋଠାରେ ବର୍ତ୍ତମାନ ଯୁକ୍ତ ତିନି କଳା ଓ ବାଣିଜ୍ୟ ଏବଂ ପିଜି ପାଠ୍ୟକ୍ରମରେ ୧୨ ଶହରୁ ଅଧିକ ଛାତ୍ରୀ ପାଠ ପଢୁଛନ୍ତି । କିନ୍ତୁ କୋଠାରେ ମୌଳିକ ସୁବିଧା ନଥିବାରୁ ପ୍ରତିଦିନ ଶତାଧିକ ଛାତ୍ରୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଗୋଟିଏ ପକ୍ଷରେ ଛାତ୍ରୀଙ୍କ ଅଧ୍ୟୟନ ନିମନ୍ତେ ଅଧ୍ୟାପକ ଓ ଅଧ୍ୟାପିକା ଅଭାବ ରହିଛି । ଅନ୍ୟପକ୍ଷରେ ମହାବିଦ୍ୟାଳୟ ତଥା ଦ୍ୱିତୀୟ କ୍ୟାମ୍ପସ୍‌ରେ କ୍ଲାସ୍ କରୁଥିବା ଛାତ୍ରୀଙ୍କ ନିମନ୍ତେ ବିଶୁଦ୍ଧ ପାନୀୟ ଜଳ ସହ ଟେବୁଲ୍ ଚୌକିର ଘୋର ଅଭାବ ଦେଖାଦେଇଛି । ସେହିପରି ସହରର ଶେଷ ମୁଣ୍ଡରେ ଏହି କ୍ୟାମ୍ପସ୍ ରହିଥିବା ବେଳେ ବ୍ରହ୍ମପୁର ତଥା ସହର ବାହାରକୁ କଲେଜକୁ ଆସୁଥିବା ଛାତ୍ରୀଙ୍କ ଯିବା ଆସିବା ନିମନ୍ତେ କୌଣସି ସୁବିଧାନାହିଁ । ପୂର୍ବରୁ କ୍ୟାମ୍ପସ୍ ଦେଇ ଆମ ବସ୍ ଯାତାୟାତ କରୁଥିବା ବେଳେ କିଛି ଦିନ ହେବ ତାହା ବନ୍ଦ ରହିଛି । ଫଳରେ ଦିନକୁ ଦିନ ମହାବିଦ୍ୟାଳୟରେ ଛାତ୍ରୀଙ୍କ ଉପସ୍ଥାନ ହ୍ରାସ ପାଇବାରେ ଲାଗିଛି । ସେହିପରି ମହାବିଦ୍ୟାଳୟ ସମ୍ମୁଖରେ ହମ୍ପସ୍ ନଥିବାରୁ ବିଭିନ୍ନ ସମୟରେ ଛାତ୍ରୀମାନେ ଦୁର୍ଘଟଣାର ଶିକାର ହେଉଛନ୍ତି । ଏଭଳି ବିଭିନ୍ନ ଦାବି ନେଇ ଦୀର୍ଘ ଦିନ ହେବ ମହାବିଦ୍ୟାଳୟର ଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଏହାକୁ ଦୃଷ୍ଟିରେ ରଖି ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ଡ଼. ସିଦ୍ଧାର୍ଥ ପାଢ଼ୀ ମହାବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ୍ ପରିଦର୍ଶନ କରବା ସହ କ୍ୟାମ୍ପସରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ବୁଲି ଦେଖିଥିଲେ । ଏହାପରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼. ନିବେଦିତା ମହାପାତ୍ରଙ୍କ ସହ କ୍ୟାମ୍ପସର ସମସ୍ୟା ନେଇ ଆଲୋଚନା କରିଥିଲେ । କିଛି ଦିନ ମଧ୍ୟରେ କ୍ୟାମ୍ପସରେ ରହିଥିବା ପାନୀୟ ଜଳ, ଚୌକି ଓ ଇ-ଲାଇବ୍ରେରୀ ସମସ୍ୟା ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଉଥିବା ଡ଼. ପାଢ଼ୀ କହିଛନ୍ତି । ଏହାସହ କ୍ୟାମ୍ପସ ଦେଇ କିଭଳି ଆମ ବସ୍ ଚଳାଚଳ କରିବ ସେନେଇ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରାଯିବ ବୋଲି କହିଛନ୍ତି । ସୂଚନାପ୍ରକାରେ ପୂର୍ବ ସରକାର ଅମଳରେ ମହାମାୟୀ ମହିଳା ମହାବିଦ୍ୟାଳୟ ରୂପାନ୍ତରିତ ହୋଇଥିଲା । ମହାବିଦ୍ୟାଳୟର ଯୁକ୍ତ ତିନି ଛାତ୍ରୀମାନଙ୍କ ପାଇଁ ଦ୍ୱିତୀୟ ନୂତନ କ୍ୟାମ୍ପସ୍ ନିର୍ମାଣ କରାଯାଇଥିଲା । ଏଥିରେ ଉନ୍ନତମାନର ସରଞ୍ଜାମ ସ୍ଥାନିତ ପାଇଥିଲା । ଗତ ୨୦୨୪ ମାର୍ଚ୍ଚ ୧୪ ତାରିଖରେ ଏହାକୁ ଉଦ୍ଘାଟନ କରିଥିଲେ । ଇତିମଧ୍ୟରେ ମହାବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ୍ ଉଦ୍ଘାଟନକୁ ଦୀର୍ଘ ଦେଢ଼ ବର୍ଷ ବିତିଯାଇଛି । କିନ୍ତୁ ମହାବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ୍‌ର ପୂର୍ଣ୍ଣ କାର୍ଯ୍ୟକ୍ଷମ ଓ ଲାଗି ରହିଥିବା ବିଭିନ୍ନ ସମସ୍ୟା ଏ ପର୍ଯ୍ୟନ୍ତ ସମାଧାନ ହୋଇପାରିନି ।

# କନ୍ୟା ସୁରକ୍ଷା ଓ ସଶକ୍ତିକରଣ ଉପରେ ଗୁରୁତ୍ୱ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ଗୃହରେ ବେଟୀ ବଚାଓ ବେଟୀ ପଢାଓ କାର୍ଯ୍ୟକ୍ରମକୁ ନେଇ ଜିଲ୍ଲା ସ୍ତରୀୟ ସମିଶ୍ରଣ ସଭା ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସାର୍ଥକ ରାୟ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସମେତ ଅନ୍ୟ ଜିଲ୍ଲା ସ୍ତରୀୟ ସମସ୍ତ ସରକାରୀ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ସଭାରେ କନ୍ୟା ସୁରକ୍ଷା, ସଶକ୍ତିକରଣ ଓ କନ୍ୟାମାନଙ୍କୁ ସମାନ ସ୍ଥାନ ଦିଆଯିବା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ଏହାସହିତ ଲିଙ୍ଗାନୁପାତରେ ଅସମତାକୁ କିପରି ବାରଣ କରାଯିବ ସେଥିପ୍ରତି ଦୃଷ୍ଟି ଆକର୍ଷଣ କରାଗଲା । ବେଟୀ ବଚାଓ ବେଟୀ ପଢାଓ କାର୍ଯ୍ୟକ୍ରମ ଜରିଆରେ ନାରୀ ସଶକ୍ତିକରଣ ଉପରେ ଏକ ସୁନ୍ଦର ଅଭିନବ ବାର୍ତ୍ତା ଜିଲ୍ଲାପାଳ ପ୍ରକାଶ କଲେ।




ସଭା ଆରମ୍ଭରେ ଭାରପ୍ରାପ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଗୋପାଳ ଚରଣ ମଲ୍ଲିକ ସମସ୍ତଙ୍କୁ ସ୍ୱାଗତ କରିବା ସହ ବୈଠକର ମୂଳ ଲକ୍ଷ ଓ ଉଦ୍ଦେଶ୍ୟରେ ଉପସ୍ଥାପନ କରିଥିଲେ । ବୈଠକ ଶେଷରେ ପ୍ରୋଗ୍ରାମ ଅଫିସର ରିନା ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଡିପିସି, ମମତା ଆଶିଷ ମହାନ୍ତି ପାୱାର ପଏଣ୍ଟ ମାଧ୍ୟମରେ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ । ଏହି ବୈଠକରେ ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ବିଭାଗ, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ, ବନ ବିଭାଗ, ଜିଲ୍ଲା ମଙ୍ଗଳ ବିଭାଗ, ସମନ୍ୱିତ ଶିଶୁ ବିକାଶ ବିଭାଗ ଆଦି ବିଭିନ୍ନ ବିଭାଗ ପକ୍ଷରୁ ବେଟୀ ବଚାଅ, ବେଟୀ ପଢାଅ ଉପରେ ନେଉଥିବା ବିଭିନ୍ନ ପଦକ୍ଷେପ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଉପଜିଲ୍ଲାପାଳ ବିନୟ କୁମାର ଭୋଇ ମାନସିକ ସ୍ତରରେ ଝିଅ, ପୁଅ ସମାନ, ଏହି ବାର୍ତ୍ତା ସମସ୍ତଙ୍କ ପାଖରେ ପହଞ୍ଚାଇବାକୁ ଆହ୍ୱାନ୍ କରିଥିଲେ। ଜିଲ୍ଲାପାଳ ଶ୍ରୀ ନାୟକ ସମସ୍ତ ବିଭାଗକୁ ସମନ୍ୱୟ ରକ୍ଷା କରି କାମ କଲେ ସଫଳତା ମିଳିବ ଓ ଜିଲ୍ଲା ବିକାଶ ପଥରେ ଆଗେଇ ଏକ ନମ୍ବର ସ୍ଥାନରେ ରହିପାରିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ।



# ଅନୁଦାନ ଆମ ଅଧିକାର ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି

**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ପାଟଣାଗଡ଼ ବ୍ଲକର ପାଟଣେଶ୍ୱରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଟଣାଗଡ଼ ଅନୁଦାନ ଆମ ଅଧିକାର ଆନ୍ଦୋଳନ ଜାରି ରହିଛି । ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ରାଜ୍ୟ ସଭାପତି ବିଶ୍ୱରଞ୍ଜନ ଦାଶଙ୍କ ଆହ୍ୱାନ କ୍ରମେ ୨୦୦୮-୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀ ମାନଙ୍କୁ ସରକାର ଅନୁଦାନ ଦେଇ ସରକାରୀଭୁକ୍ତ କରିବା ପାଇଁ ତା ୧୬-୦୮-୨୦୨୫ ଦାବି ଦିବସରୁ ସମଗ୍ର ରାଜ୍ୟରେ ସଂଘ ତରଫରୁ ଆରମ୍ଭ ହୋଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲୁ ରହିଛି । ପାଟଣାଗଡ଼ ଉପଖଣ୍ଡ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଏହି ଶାନ୍ତିପୂର୍ଣ୍ଣ ଆନ୍ଦୋଳନରେ ୨୦୦୮-୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ପାଇଥିବା ସମସ୍ତ ଅଧ୍ୟାପକ ଓ କର୍ମଚାରୀମାନେ ଯୋଗ ଦେଇଥିଲେ। ଆନ୍ଦୋଳନରେ ସାମିଲ ହୋଇଥିବା ଅଧ୍ୟାପକ ଓ କର୍ମଚାରୀ ମାନେ ପ୍ଲାକାର୍ଡ ଧରି ସରକାର ଯଥାଶୀଘ୍ର ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିବା ସହିତ ନାରାବାଜି କରିଥିଲେ। ଏହି ଆନ୍ଦୋଳନ ସପ୍ତମ ଦିନରେ ପଦାର୍ପଣ କରିଥିଲେ ମଧ୍ୟ ସରକାର ଏ ସମ୍ପର୍କରେ କୌଣସି ପଦକ୍ଷେପ ଗ୍ରହଣ କରିନଥିବାରୁ ସମସ୍ତେ ଅସନ୍ତୋଷ ପ୍ରକାଶ କରିଥିଲେ। ଅପରପକ୍ଷରେ ଆନ୍ଦୋଳନ ଯୋଗୁ ବିଦ୍ୟାଳୟରେ ପାଠପଢ଼ା ବାଧା ସୃଷ୍ଟି ହୋଇଥିବାରୁ ଛାତ୍ରୀମାନେ ତଥା ଅଭିଭାବକମାନଙ୍କ ତରଫରୁ କ୍ଷୋଭ ପ୍ରକାଶ ପାଇଛି।

# ଆଇଆଇଏମ୍‌ଟିରେ ଏଆଇ ଏବଂ ସମକାଳୀନ ଇଞ୍ଜିନିୟରିଂ ଉପରେ ଅନ୍ତର୍ଜାତୀୟ ସମ୍ମିଳନୀ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱର କଣ୍ଟାବାଡ ସ୍ଥିତ ଇଣ୍ଟରସାଇନ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ୍ ଟେକ୍ନୋଲୋଜି (ଆଇଆଇଏମ୍‌ଟି)ରେ ଶନିବାର ଏହାର କ୍ୟାମ୍ପସ୍‌ରେ ଏଆଇ ଏବଂ ସମକାଳୀନ ଇଞ୍ଜିନିୟରିଂ ଉପରେ ଆନ୍ତର୍ଜାତୀୟ ସମ୍ମିଳନୀ (ଏଆଇସିଇ-୨୦୨୫) ଆୟୋଜନ କରି ଜାତୀୟ ମହାକାଶ ଦିବସ ପାଳନ କରିଛି। ଏହି କାର୍ଯ୍ୟକ୍ରମରେ କୃତ୍ରିମ ବୁଦ୍ଧିମତ୍ତା ଏବଂ ସମକାଳୀନ ଇଞ୍ଜିନିୟରିଂରେ ଉଦୀୟମାନ ଧାରା ଉପରେ ବିଚାର ବିମର୍ଶ କରିବା ପାଇଁ ବିଶିଷ୍ଟ ଶିକ୍ଷାବିତ୍ ଏବଂ ଗବେଷକମାନଙ୍କୁ ଏକତ୍ରିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଇଆଇଏମ୍‌ଟିର ନିର୍ଦ୍ଦେଶକ ପ୍ରଫେସର (ଡକ୍ଟର) ଜୟଦେବ କର ଅଧ୍ୟକ୍ଷତା କରି ସ୍ୱାଗତ ଭାଷଣ ଦେଇଥିଲେ। ଅଧିବେଶନଟି ଆସୋସିଏଟ୍ ଡିନ୍ (ଆର୍‌ଆଣ୍ଡପି) ସୋମା ମିତ୍ରଙ୍କ ପରିଚୟ ସହିତ ଆରମ୍ଭ



ହୋଇଥିଲା। ପରେ ଆସିଷ୍ଟାଣ୍ଟ ପ୍ରଫେସର ଆଲୋକ ଅରୁଣ ଅତିଥିମାନଙ୍କୁ ଆନୁଷ୍ଠାନିକ ସ୍ୱାଗତ କରିଥିଲେ। ଜାତୀୟ ମହାକାଶ ଦିବସର ପୂର୍ବ ସନ୍ଧ୍ୟାରେ ଆଇଆଇଏମ୍‌ଟି ଛାତ୍ରଛାତ୍ରୀମାନଙ୍କ ପାଇଁ କର୍ପୋରେଟ୍ ଜଗତକୁ ବୁଝିବା ପାଇଁ ଆଇଆଇଏମ୍‌ଟି ଲେକ୍ଚର ନୋଟ୍ ନାମକ ଏକ ପୁସ୍ତକ ସିରିଜ୍ ଆରମ୍ଭ କରିଛି। ବିଶିଷ୍ଟ ବକ୍ତାମାନଙ୍କ ମଧ୍ୟରେ ଜାପାନର ହୟୋଗୋ ବିଶ୍ୱବିଦ୍ୟାଳୟର ପ୍ରଫେସର (ଡକ୍ଟର) କାଜୁମି ନକାମାଟସୁ ସମ୍ମାନଜନକ ଅଧ୍ୟକ୍ଷ ଭାବରେ ସମ୍ମିଳନୀରେ ମତ ରଖିଥିଲେ। ଏନଆଇଟିଟିଟିଆର ଚଣ୍ଡିଗଡ଼ର ପ୍ରଫେସର (ଡକ୍ଟର) ରୂପିନ୍ଦର ସିଂହ ଡିଜିଟାଲ୍ ଟ୍ୱିନିଂ ପାଇଁ ନୂତନ ବାୟୋମାଟେରିଆଲ୍ସ ଏବଂ ଥ୍ରୀଡି ପ୍ରିଣ୍ଟିଂ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିପିୟୁଟି ରାଉରକେଲାର ଡକ୍ଟର ଡି. ଚନ୍ଦ୍ରଶେଖର ରାଓ ଏଆଇ ଏବଂ ସମକାଳୀନ ଇଞ୍ଜିନିୟରିଂ ଉପରେ ବକ୍ତବ୍ୟ ରଖିଥିଲେ। ଆଇଆଇଏମ୍‌ଟିର ପ୍ରଫେସର (ଡକ୍ଟର) ହିମାଂଶୁ ଶେଖର ମହାରଣା ଶିଳ୍ପ ପରିଚାଳନା ପାଇଁ ସମାନ୍ତରାଳ ନମନୀୟ ଉତ୍ପାଦନ ଉପରେ ଅନ୍ତର୍ଦୃଷ୍ଟି ବାଣ୍ଟିଥିଲେ। ଅଧ୍ୟକ୍ଷ ପ୍ରଫେସର (ଡକ୍ଟର) ଶ୍ରୀକାନ୍ତ ପଟ୍ଟନାୟକ ୨୦୦୭ ମସିହାରୁ ଆଇଆଇଏମ୍‌ଟିର ଶୈକ୍ଷିକ ଯାତ୍ରା ଉପରେ ନଜର ରଖିଥିଲେ। ପ୍ରଫେସର (ଡକ୍ଟର) ରତୁପର୍ଣ୍ଣା ପଣ୍ଡା ଏଆଇ ଏବଂ ସମକାଳୀନ ଇଞ୍ଜିନିୟରିଂ ଉପରେ ଆଲୋଚନା କରିଥିଲାବେଳେ ପ୍ରଫେସର (ଡକ୍ଟର) ଉମାରଞ୍ଜନ ଜେନା ମେକାନିକ୍ସରେ ଜେନେରେଟିଭ୍ ଏଆଇ ଉପରେ ଆଲୋକପାତ କରିଥିଲେ ଏବଂ ପ୍ରଫେସର (ଡକ୍ଟର) କବିରାଜ ସେଠୀ ଛାତ୍ରଛାତ୍ରୀ ମାନଙ୍କୁ ଭିଏଲ୍‌ଏସ୍‌ଆଇରେ କ୍ୟାରିଅର ସମ୍ଭାବନା ଉପରେ ମାର୍ଗଦର୍ଶନ କରିଥିଲେ। ପ୍ରଫେସର ପଟ୍ଟନାୟକ ଏବଂ ପ୍ରଫେସର କରଙ୍କ ଦ୍ୱାରା ସଭା ଶେଷ ହୋଇଥିଲା। ପ୍ରଫେସର (ଡକ୍ଟର) ପଟ୍ଟନାୟକଙ୍କ ବକ୍ତବ୍ୟ ଏବଂ ଆଇଆଇଏମ୍‌ଟି ଭୁବନେଶ୍ୱରର ସହକାରୀ ପ୍ରଫେସର ଦେବାଶିଷ ମିଶ୍ରଙ୍କ ଧନ୍ୟବାଦ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ଏହି ଉତ୍ସବ ଆଇଆଇଏମ୍‌ଟିର ଗବେଷଣା, ନବସୃଜନ ଏବଂ ଭବିଷ୍ୟତର ପ୍ରଯୁକ୍ତିବିଦ୍ୟା ଚ୍ୟାଲେଞ୍ଜ ପାଇଁ ଛାତ୍ରଛାତ୍ରୀମାନଙ୍କୁ ପ୍ରସ୍ତୁତ କରିବା ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା।

# ଗ୍ରୀନ୍ ପ୍ଲାଇଉଡ଼ ପ୍ରକଳ୍ପକୁ ନେଇ ଦ୍ୱିପାକ୍ଷିକ ଆଲୋଚନା

**ସେମିଳିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲା ସେମିଳିଗୁଡ଼ା କାଡାମ ଗୁଡା ନିକଟରେ ଗ୍ରୀଡ଼କ ଗ୍ରୀନ୍ ପଲାଇଉଡ୍ ପ୍ରକଳ୍ପ ନେଇ ଦ୍ୱିପାକ୍ଷୀକ ଆଲୋଚନା ତୃଣମୂଳ ସ୍ତରରେ ପଞ୍ଚାୟତର ଯୁବପିଢିଙ୍କୁ ନେଇ ଆଲୋଚନା ହୋଇଛି । ଏଥିରେ ଦୁଇ ଗୋଟି ପଞ୍ଚାୟତବାସୀ ଉପସ୍ଥିତିରେ ନିଜ ମତ ଜାହୀର କରିଥିଲେ । ଏହି ଆଲୋଚନାରେ ସ୍ଥାୟୀ ବାସିନ୍ଦାଙ୍କ ଅଗ୍ରାଧିକାର ୭୫ ପର୍ସେଣ୍ଟ ରୋଜଗାର ଦିଆଯାଉ । ସ୍ଥାନୀୟ କେତେକ ମିଡିଏଟରମାନେ କମ୍ପାନୀକୁ ବିଭ୍ରାଟ କରୁଥିବା ଦେଖିବାକୁ ମିଳିଛି । ସେମାନଙ୍କୁ ଅଞ୍ଚଳରେ ନା ପସନ୍ଦ କରିଥିବା କହିଛନ୍ତି ଏବଂ ଦାଦନରୁ ଅନ୍ୟ ରାଜ୍ୟକୁ ନଯିବା ପାଇଁ ଆଲୋଚନା ହୋଇଥିବା ବେଳେ କମ୍ପାନୀର ମାନବ ସମ୍ବଳ ବିଭାଗର ଅଧିକାରୀ ସ୍ଥାୟୀ ନିଯୁକ୍ତିକୁ ନେଇ କହିଛନ୍ତି ଯେ ଆଗକୁ ସ୍ଥାନୀୟ ଯୁବକମାନଙ୍କୁ ନେଇ କମ୍ପାନୀ ଚାଲିବ । ଆଗମୀ ଦିନରେ ଅଞ୍ଚଳବାସୀ ମିଳିମିଶି ପ୍ଲାଇ କମ୍ପାନୀକୁ ସହଯୋଗ କରିବେ ବୋଲି ଉପସ୍ଥିତ ଯୁବ ପିଢ଼ି କହିଛନ୍ତି । ଅଧିକାଂଶ କମ୍ପାନୀକୁ ସ୍ୱାଗତ ଜଣାଇଥିଲେ, କମ୍ପାନୀ ଚାଲିଲେ ସ୍ୱାସ୍ଥ୍ୟ, ଶିକ୍ଷା, ଅଞ୍ଚଳରେ ପରିପାର୍ଶ୍ୱିକ ଉନ୍ନୟନ ଉପରେ ଗୁରୁତ୍ୱ ଦିଆଯିବ ବୋଲି ପ୍ଲାଇ କମ୍ପାନୀର ମାନବ ସମ୍ବଳ ବିଭାଗ ଅଧିକାରୀ ପ୍ରିୟବ୍ରତ ପାଣି ସୂଚନା ଦେଇଛନ୍ତି । ସୂଚନା ଥାଉକି କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ବ୍ଲକ ଦୋଲୋଇଗୁଡ଼ା ଗ୍ରାମପଞ୍ଚାୟତ ଅଧିନ ରହିଥିବା ୬୦ ଏକର ସରକାରୀ ଜମିରେ ପ୍ଲାଇଉଡ୍ କମ୍ପାନୀ ସ୍ଥାପନ ପାଇଁ କାମ ଚାଲିଥିବା ବେଳେ, ଜେସିବି ମେସିନ୍ କାମ ଆରମ୍ଭ ଚାଲୁ ରହିଛି । ଦୋଲୋଇଗୁଡ଼ା ଓ ପାକୁଝଲା ଗ୍ରାମପଞ୍ଚାୟତର କିଛି ଯୁବପିଢ଼ି ଆଲୋଚନାରେ ସାମିଲ୍ ହୋଇଥିଲେ । ଏହି ଆଲୋଚନାରେ ସେମିଳିଗୁଡା ବ୍ଲକ ଉପାଧ୍ୟକ୍ଷ ଶିବା ବାଙ୍ଗାରୀ, ପାଖଝୋଲା ପୂର୍ବତନ ସରପଞ୍ଚ ଲକ୍ଷ୍ମନ କ୍ରିସାଣୀ, ଅନ୍ୟତମ ମଧ୍ୟରେ ଭୀମ ଖିଲ, ଡମ୍ବୁରୁ ଗୁଣ୍ଟା, ଭକ୍ତ ହିୟାଲ, ଝିନୁ ପାଣ୍ଡକା, ରଙ୍ଗାରାଓ ଜାନି, ବୁଧୁ ଝାଳୀୟା, ଅଜେୟ, ଜଗୁ, ପ୍ରହ୍ଲାଦ ଦଳେଇ, ତ୍ରିନାଥ ସୁଫିୟା ପ୍ରମୁଖ ଆଲୋଚନାରେ ଉପସ୍ଥିତ ଥାଇ ନିଜ ନିଜ ମତ ସାବ୍ୟସ୍ତ କରିଥିଲେ ।

# ଗବେଷଣାକୁ ୯ ବର୍ଷ ବିତିଲା:ମାନ୍ୟତା ଅପେକ୍ଷାରେ ରାଇଘର ଛେଳି

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ଜାତୀୟ ମାନ୍ୟତା ଅପେକ୍ଷାରେ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର ନିଆରା ବେଶ ଛେଳି। ଏହି ଛେଳି ଉପରେ ଗବେଷଣାକୁ ୯ ବର୍ଷ ବିତିଯାଇଛି। ତଥାପି ମିଳିପାରିନି ଜାତୀୟ ମାନ୍ୟତା । ଉନ୍ନତମାନର ଛେଳି ହୋଇଥିବାରୁ ଏହାର ବିକ୍ରିକୁ ମାନ୍ୟତା ଦେବାକୁ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ପକ୍ଷରୁ ଦୀର୍ଘବର୍ଷ ଧରି ଉଦ୍ୟମ ଜାରି ରହିଛି । ଗବେଷଣାକୁ ଜଣାପଡିଛି ଯେ, ରାଇଘର ବ୍ଲକରେ ଏକ ସ୍ୱତନ୍ତ୍ର ତଥା ଦେଶୀ ପ୍ରଜାତିର ଛେଳି ଅଛନ୍ତି । କେବଳ ନବରଙ୍ଗପୁର ଜିଲ୍ଲା ନୁହେଁ, ପଡୋଶୀ କଳାହାଣ୍ଡି, ନୂଆପଡା, ଛତିଶଗଡର ଗରିଆବନ୍ଧ ଓ ଦେଓଭୋଗ ଅଞ୍ଚଳରେ ମଧ୍ୟ ଦେଖାଯାଆନ୍ତି । କଳା ଓ ଧଳାରଙ୍ଗ ମିଶା ଧୂସର ରଙ୍ଗର ଏହି ଛେଳିର ରୋଗ ପ୍ରତିରୋଧକ ଶକ୍ତି ଅନ୍ୟ ଛେଳି ତୁଳନାରେ ବେଶ୍ ଅଧିକ। ଏହା କମ୍ ରୋଗାକ୍ରାନ୍ତ ହୁଅନ୍ତି ବୋଲି ପ୍ରାଣୀ ବିଶେଷଜ୍ଞ ଓ ତଥା ସହକାରୀ ଜିଲ୍ଲାପ୍ରାଣୀ ଚିକିତ୍ସକ ପ୍ରଶାନ୍ତ କୁମାର ସାମଲ କହିଛନ୍ତି। ଏହାକୁ ପାଳନ କରିବା ଲାଗି ଖୁବ୍ କମ୍ ଖର୍ଚ୍ଚ ଲାଗୁଛି । ଜଙ୍ଗଲି ଘାସପତ୍ର ଏମାନଙ୍କ ମୁଖ୍ୟ ଖାଦ୍ୟ । ଆଦିବାସୀ ସଂପ୍ରଦାୟ ଗଣ୍ଡ,



ଭତ୍ରା ଓ ଗୌଡ ପରିବାର ପୁରୁଷ ପୁରୁଷ ଧରି ଏହି ଛେଳି ପାଳନ କରି ଆସୁଛବି । ବିଶେଷ କରି ଜମୀ ହୀନ ଗରିବ ଆଦିବାସୀଙ୍କ ଜୀବିକା ଏମାନଙ୍କ ଉପରେ ନିର୍ଭର କରୁଛି। ୯ରୁ ୧୦ ମାସ ହେବା ପରେ ଛେଳିଙ୍କ ଶରୀରରେ ପରିପକ୍ୱତା ଆରମ୍ଭ ହୋଇଥାଏ। ପ୍ରତି ୭-୮ ମାସରେ ଏମାନେ ମାତୃତ୍ୱ ଲାଭ କରୁଛନ୍ତି। ଥରକେ ୨-୩ ଟି ଛୁଆ ଜନ୍ମ ଦେଉଛନ୍ତି। ବର୍ଷକୁ ଛୁଆଗୁଡ଼ିକ ୧୭ରୁ ୧୮ କେଜି ଓଜନର ହେଉଛନ୍ତି। ଏହି ପ୍ରଜାତି ଛେଳିର ବଂଶବୃଦ୍ଧି ଦ୍ରୁତଗତିରେ ହେଉଛି । ବଡ଼ ଛେଳିର ଓଜନ ପ୍ରାୟ ୩୨ କେଜି ପର୍ଯ୍ୟନ୍ତ ରହୁଛି। ମାଈ ଛେଳି ଦୈନିକ ଅଧା ଲିଟରରୁ ଏକ ଲିଟର ପର୍ଯ୍ୟନ୍ତ କ୍ଷୀର ଦେଉଛନ୍ତି। ଓଜନର ପ୍ରାୟ ୪୮ ପ୍ରତିଶତ ଖାଇବା ଯୋଗ୍ୟ ମାଂସ ମିଳୁଛି। ଗୋଟିଏ ଛେଳି ବର୍ଷକୁ ୨୦୦ କେଜି ଇଣ୍ଡି (ମଳ) ଦେଉଛି। ଗୋବର ଠାରୁ ଏହା ଅଢେଇ ଗୁଣ ଅଧିକ ଶକ୍ତିଶାଳୀ ଖତ ପ୍ରସ୍ତୁତ କରୁଛି । ତେଣୁ ଏ ପ୍ରକାର ଛେଳିକୁ ଜାତୀୟ ମାନ୍ୟତା ପାଇଁ ଉଦ୍ୟମ ଜାରି ରହିଥିବା ଡାକ୍ତର ସାମଲ କହିଛନ୍ତି । ରାଇଘର ବ୍ଲକ ରେଙ୍ଗାଭାଟି ଗାଁର ଜୟକାଳ ସୁନାନୀ କହିଛନ୍ତି, ବର୍ଷେ ତଳେ ସେ ୩ଟି ମାଈ ଛେଳି ଆଣିଥିଲେ । ୩ ମାସ ପରେ ସେମାନେ ୨ଟି ଲେଖାଏଁ ଶାବକ ଜନ୍ମ ଦେଇଥିଲେ । ବର୍ତ୍ତମାନ ଗୋଟିଏ ଗୋଟିଏ ଛେଳି ୧୨ରୁ ୧୫ ହଜାର ଟଙ୍କାରେ ବିକ୍ରି ହେଉଛନ୍ତି । ଏହାର ମାଂସ ବେଶ୍ ସୁଆଦିଆ ଥିବାରୁ ବଜାରରେ ଏହାର ଚାହିଦା ଅଧିକ ରହିଛି । ବ୍ଲକର ଅଧିକାଂଶ ଆଦିବାସୀଙ୍କ ଘରେ ୧୦-୧୫ଟି ଲେଖାଏଁ ଛେଳି ରହିଛନ୍ତି। ଜାନୀଯାତ୍ରା ସମୟରେ ମାଂସ ଦୋକାନୀମାନେ ସେମାନଙ୍କ ଠାରୁ ଛେଳି ସଂଗ୍ରହ କରି ବଜାରରେ ବିକ୍ରି କରି ଲାଭବାନ ହେଉଛନ୍ତି। ଓୟୁଏଟି ଗବେଷୋଣାରେ ଛେଳିକୁ ବ୍ରଡ୍ ମାନ୍ୟତା ଦେବା ସହିତ ଏହାର ସଂରକ୍ଷଣ ପ୍ରତି ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଛି । ଚାଷୀଙ୍କୁ ବୈଜ୍ଞାନିକ ପଦ୍ଧତିରେ ଛେଳି ପାଳନ ଏବଂ ପରିଚାଳନା ତାଲିମ୍ ମିଳିଲେ ଏହି ପ୍ରଜାତିକୁ ସଂରକ୍ଷଣ କରାଯିବା ସହିତ ଆଦିବାସୀଙ୍କ ଜୀବନ ଜୀବିକାରେ ନିରକ୍ଷରତା ରହିପାରିବ ବୋଲି ଓୟୁଏଟି ପକ୍ଷରୁ କୁହାଯାଇଛି। ସମସ୍ତ ରିପୋର୍ଟ ନ୍ୟାସନାଲ ବ୍ୟୁରୋ ଅଫ ଆନିମଲ ଜେନେଟିକ୍ ରିସୋର୍ସକୁ ପ୍ରଦାନ କରାଯାଇଛି। ବିଡମ୍ବନା, ଅନ୍ୟପ୍ରାନ୍ତର ପ୍ରାଣୀ ସଂପଦକୁ ଜାତୀୟ ମାନ୍ୟତା ମିଳିଥିବା ବେଳେ ରାଇଘର ଛେଳିକୁ ଏଯାଏ ମିଳିନାହିଁ । ଏ ସଂପର୍କରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ କହିଛନ୍ତି ଉନ୍ନତମାନର ଛେଳି ସଂରକ୍ଷଣ ଜରୁରି । ଏହା ଜିଲ୍ଲା ପାଇଁ ମଧ୍ୟ ଗୌରବର ବିଷୟ। ରାଇଘର ଛେଳିକୁ ଜାତୀୟ ମାନ୍ୟତା ପାଇଁ ସେ ପ୍ରୟାସ କରିବେ ।



# ଲିଙ୍ଗରାଜ ସାହୁଙ୍କ 'ମୁଗ୍ଧ ଅନୁଭବ' ପୁସ୍ତକ ପାଠକାର୍ପିତ

**ଟାଙ୍ଗୀ, ନ୍ୟୁଜ୍ ବ୍ୟୁରୋ**

ବୈଷୟିକ ବିକାଶ ସହିତ ସମାନୁପାତିକ ଭାବେ ବୌଦ୍ଧିକ ବିକାଶ ହେଲେ ଏକ ସନ୍ତୁଳିତ ସମାଜ ଗଠନ ସମ୍ଭବ, ସମାଜ ସଂସ୍କାର ପାଇଁ ଜଣେ କବିର ଦାୟିତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କବି ଲିଙ୍ଗରାଜ ସାହୁଙ୍କ ଦ୍ୱାରା ଲିଖିତ 'ମୁଗ୍ଧ ଅନୁଭବ' ପୁସ୍ତକ ଉନ୍ମୋଚନ ଅବସରରେ ବିଶିଷ୍ଟ କବି ଓ ସ୍ତମ୍ଭକାର ନିରାକାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ଅନୁରୂପ ଭାବେ 'ଶରୀର ପାଇଁ ଖାଦ୍ୟ ଯେପରି ଆବଶ୍ୟକତା ରହିଛି ସେହିପରି ମସ୍ତିଷ୍କ ପାଇଁ ବହି ହେଉଛି ଜ୍ଞାନ, ବହିଟିଏ ପଢିଲେ ବୃଦ୍ଧାବସ୍ଥା ଅପସରିଯାଏ ମନରେ ଭାବନା, ଚିନ୍ତା ଦୂରେଇ ଯାଏ' ବୋଲି ମୁଖ୍ୟବକ୍ତା ଭାବେ କବି ତଥା ଔପନ୍ୟାସିକ ଅମରେଶ ବିଶ୍ୱାଳ କହିଛନ୍ତି। ଟାଙ୍ଗୀ ସମ୍ବାଦ ସାହିତ୍ୟ ଘରର ସଭାପତି ବିଜୟ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗଦାନକରି ଲେଖିକା ଓ ସାମ୍ବାଦିକା ମଧୁଲିତା ପରିଡା, ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳ ପ୍ରମୁଖ କବିତା ଲେଖାର ବିଭିନ୍ନ ଦିଗ ଉପରେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ପୁଷ୍ପଗୁଚ୍ଛ ପ୍ରଦାନ ପରେ ଅବସରପ୍ରାପ୍ତ ଅଧ୍ୟକ୍ଷ ବାଳକୃଷ୍ଣ ମିଶ୍ର ବେଦପାଠ କରିଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ଜଗନ୍ନାଥ ସଂସ୍କୃତିର ଗବେଷକ ଡଃ ଚନ୍ଦ୍ରଶେଖର ଦାଶ। ସହ ସମ୍ପାଦକ ରବୀନ୍ଦ୍ର କୁମାର ନାୟକ, କବି ଲିଙ୍ଗରାଜ ସାହୁ, ବରିଷ୍ଠ ସାମ୍ବାଦିକ ମନୋଜ କୁମାର ପଟ୍ଟନାୟକ ଅନ୍ୟତମ ଅତିଥି ଭାବେ ମଞ୍ଚାସିନ ଥିଲେ। ଏହି ଅବସରରେ କବି ଲିଙ୍ଗରାଜ ସାହୁଙ୍କ ଦ୍ୱାରା ଲିଖିତ କବିତା 'ମୁଗ୍ଧ ଅନୁଭବ' ଉନ୍ମୋଚିତ ହୋଇଥିଲା। କବି କାହ୍ନୁଚରଣ ମିଶ୍ର, ରମେଶ କୁମାର ବଳବନ୍ତରାୟ, କୁନ୍ତଳା ସାହୁ, ପ୍ରଫୁଲ୍ଲ କୁମାର ଜେନା, ମଞ୍ଜୁଳତା ଇନ୍ଦ୍ରଜୀତ, ପ୍ରଦୀପ କୁମାର ସାହୁ, ଭାସ୍କର ଚନ୍ଦ୍ର ପ୍ରଧାନ, ପ୍ରଦ୍ୟୁମ୍ନ ସାଥୁଆ, ବ୍ରଜବନ୍ଧୁ କର ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଏହି ଅବସରରେ କବି ଶ୍ରୀ ସାହୁ ଓ ତାଙ୍କ ପତ୍ନୀ ଗୀତାଞ୍ଜଳି ସାହୁଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜୟିନୀ ସୁଦକ୍ଷିଣା ଦାସ, ବାସୁଦେବ ସିଂ, କୃଷ୍ଣଚନ୍ଦ୍ର ପ୍ରଧାନ, ତାରାପ୍ରସାଦ ପଟ୍ଟନାୟକ, ଭାସ୍କର ଚନ୍ଦ୍ର ପ୍ରଧାନ, ମନୋଜ କୁମାର ପାତ୍ର, ନିମାଇଁ ଚରଣ ସାହୁ, ଜ୍ୟୋତ୍ସ୍ନାରାଣୀ ମଙ୍ଗରାଜ, ଜ୍ଞାନପ୍ରଭା ସାହୁ, ରମେଶ ଚନ୍ଦ୍ର ଭାରିମଲ, ମହେଶ୍ୱର ସେନାପତି, ଅଶ୍ୱିନୀ କୁମାର ଦାସ, ପଠାଣି ସୁନ୍ଦରାୟ, ଗଂଗାଧର ସାହୁ, ଗୋବିନ୍ଦ ଚନ୍ଦ୍ର ସାହୁ, ବି ସଂଘମିତ୍ରା, ଡଃ ଯନ୍ମେଞ୍ଜୟ ଚୌଧୁରୀ, ବୀଣାପାଣୀ ଦେବୀ, ବୈକୁଣ୍ଠନାଥ ବେହେରା, ବିଚ୍ଛନ୍ଦ ଜୟସିଂହ, ଶରତ ପଟ୍ଟନାୟକ, ଅବସରପ୍ରାପ୍ତ କର୍ମଚାରୀ ସଂଘର କର୍ମକର୍ତ୍ତା, ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସଦସ୍ୟ ସଦସ୍ୟା, ଅଞ୍ଚଳର ବହୁ ବୁଦ୍ଧିଜୀବୀ ଯୋଗଦେଇଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ସୁରେନ୍ଦ୍ର କୁମାର ରାଉତ।

# ଟି-୨୦ କ୍ୟାରିୟରରେ ୫୦୦ ଉଇକେଟ ପୂରଣ କଲେ ସାକିବ ଅଲ ହାସନ



**ଢାକା**

ବାଂଲାଦେଶ ଅଲରାଉଣ୍ଡର ସାକିବ ଅଲ ହାସନ ଇତିହାସ ସୃଷ୍ଟି କରିଛନ୍ତି। ସେ ତାଙ୍କ ଟି-୨୦ କ୍ୟାରିୟରରେ ୫୦୦ ଉଇକେଟ ପୂରଣ କରିଛନ୍ତି। ସେ ସିପିଏଲ ୨୦୨୫ (କାରିବିଆନ ପ୍ରିମିୟର ଲିଗ)ର ୧୧ତମ ମ୍ୟାଚ୍ ସମୟରେ ଏହି ରେକର୍ଡ କରିଛନ୍ତି। ସେ ଟି-୨୦ରେ ୫୦୦ ଉଇକେଟ ଏବଂ ୭୦୦୦ରୁ ଅଧିକ ରନ କରିଥିବା ବିଶ୍ୱର ପ୍ରଥମ ଖେଳାଳି ହୋଇଛନ୍ତି। ରବିବାର ଖେଳାଯାଇଥିବା ମ୍ୟାଚରେ ଏସକେଏନ ପାଟ୍ରିଅଟ୍ସ ପ୍ରଥମେ ବ୍ୟାଟିଂ କରି ୧୩୩ ରନ କରିଥିଲେ। ସାକିବ ଅଲ ହାସନ ଆଣ୍ଟିଗୁଆ ଏବଂ ବାର୍ବୁଡା ଫାଲକନ୍ସ ପାଇଁ ଚମତ୍କାର ବୋଲିଂ କରିଥିଲେ, ସେ ତାଙ୍କ ୨ ଓଭର ସ୍ପେଲରେ କେବଳ ୧୧ ରନ ଦେଇଥିଲେ ଏବଂ ୩ ଉଇକେଟ ନେଇଥିଲେ। ସେ ମହମ୍ମଦ ରିଜଓ୍ୱାନ, କାଇଲ ମେୟର୍ସ ଏବଂ ନବୀନ ବିଦେଶୀଙ୍କୁ ନିଜର ଶିକାର କରିଥିଲେ।

୩୮ ବର୍ଷୀୟ ସାକିବ ଅଲ ହାସନ ରବିବାର ମୋଟ ୩ ଉଇକେଟ ନେଇଥିଲେ, ଏବେ ଟି-୨୦ରେ ତାଙ୍କର ମୋଟ ୫୦୨ ଉଇକେଟ ହୋଇଛି। ସେ ରିଜଓ୍ୱାନଙ୍କ ରୂପରେ ତାଙ୍କର ୫୦୦ତମ ଟି-୨୦ ଉଇକେଟ ପୂରଣ କରିଥିଲେ। ସେ ବାଂଲାଦେଶର ପ୍ରଥମ ବୋଲର ଏବଂ ବିଶ୍ୱର ୫ମ ବୋଲର ଭାବରେ ୫୦୦ ଟି-୨୦ ଉଇକେଟ ନେଇଛନ୍ତି। ଏହା ସହିତ ସାକିବ ମଧ୍ୟ ଇତିହାସ ସୃଷ୍ଟି କରିଥିଲେ। ସେ ଟି-୨୦ କ୍ରିକେଟରେ ୫୦୦ରୁ ଅଧିକ ଉଇକେଟ ଏବଂ ୭୦୦୦ରୁ ଅଧିକ ରନ କରିବାରେ ବିଶ୍ୱର ପ୍ରଥମ ଖେଳାଳି ହୋଇଥିଲେ ମଧ୍ୟ କରିଥିଲେ। ସେ ୪୫୭ ଟି-୨୦ ମ୍ୟାଚ୍‌ରେ ୭୫୭୪ ରନ କରିଛନ୍ତି, ଯେଉଁଥିରେ ୩୩ଟି ଅର୍ଦ୍ଧଶତକ ରହିଛି।

## ମୁଖ୍ୟ ସ୍ପନସରସିପ୍‌ରୁ ଓହରିଲା ଡ୍ରିମ୍ ୧୧

# ବିନା ସ୍ପନସରରେ ଏସିଆ କପ୍ ଖେଳିବ ଟିମ୍ ଇଣ୍ଡିଆ !

**ନୂଆଦିଲ୍ଲୀ**

ଟିମ୍ ଇଣ୍ଡିଆ ଓ ଡ୍ରିମ୍ ଇଲେଭେନ ସଂପର୍କରେ ପଡ଼ିଲା ପୂର୍ଣ୍ଣଚ୍ଛେଦ। ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓ ସ୍ପୋର୍ଟ୍ସ କମ୍ପାନୀ ଡ୍ରିମ୍ ଇଲେଭେନ ମଧ୍ୟରେ ଦୁଇ ବର୍ଷରୁ ଅଧିକ ସମୟ ଧରି ଚାଲି ଆସିଥିବା ପ୍ରାୟୋଜକ ଚୁକ୍ତିନାମା ସମାପ୍ତ ହୋଇଛି। ବୋର୍ଡର ସଚିବ ଦେବଜିତ ସୈକିୟା ସୋମବାର ଏହାର ସୂଚନା ଦେଇଛନ୍ତି। ବୋର୍ଡ ଏବେ ନୂଆ ପ୍ରାୟୋଜକ ସନ୍ଧାନରେ ରହିଛି। ସଂସଦରେ ଅନଲାଇନ ଗେମିଂ ବିଲ୍ ୨୦୨୫ ଗୃହୀତ ହେବା ଏବଂ ରାଷ୍ଟ୍ରପତିଙ୍କ ମଞ୍ଜୁରୀ ପାଇବା ପରେ ବିସିସିଆଇ ଏହି ପଦକ୍ଷେପ ନେଇଛି। ଏହି ବିଧେୟକ ଆଇନର ରୂପ ନେବା ପରେ ଡ୍ରିମ୍ ଇଲେଭେନ ନିଜର ସମସ୍ତ ଅନଲାଇନ ଗେମିଂ କଣ୍ଟେଷ୍ଟକୁ



ବନ୍ଦ କରି ଦେଇଛି।

୨୦୨୩ରେ ବିସିସିଆଇ ଓ ଡ୍ରିମ୍ ଇଲେଭେନ ମଧ୍ୟରେ ପ୍ରାୟୋଜକ ନେଇ ଚୁକ୍ତି ହୋଇଥିଲା। ଏହି ଚୁକ୍ତିନାମା ତିନି ବର୍ଷୀୟା ହୋଇଥିଲା, ଯାହାର ମୂଲ୍ୟ ୩୫୮ କୋଟି ଟଙ୍କା ଥିଲା। ମାତ୍ର ନୂଆ ଆଇନ ଆଧାରରେ ଆର୍ଥିକ ନେଣଦେଣ କରୁଥିବା ଗେମିଂ ଆପ୍‌ଗୁଡ଼ିକ ଉପରେ ସଂପୂର୍ଣ୍ଣ ପ୍ରତିବନ୍ଧକ ଲାଗିଛି। ଆଉ ଏହାର ସିଧାସଳଖ ପ୍ରଭାବ ଡ୍ରିମ୍ ଇଲେଭେନର ବ୍ୟବସାୟ ଉପରେ ପଡ଼ିଛି। ବିସିସିଆଇ ସଚିବ ଦେବଜିତ ସୈକିୟା କହିଛନ୍ତି, ନୂଆ ଆଇନ ଆଧାରରେ ବିସିସିଆଇ ପାଇଁ ଡ୍ରିମ୍ ଇଲେଭେନ କିମ୍ବା ଅନ୍ୟ କୌଣସି ଗେମିଂ କମ୍ପାନି ସହିତ ରହିବା ମୁସ୍କିଲ। ତେଣୁ ଆମକୁ ଆଉ ଡ୍ରିମ୍ ଇଲେଭେନ ସହ ଆଗକୁ ବଢ଼ିବା ଠିକ୍ ହେବ ନାହିଁ।

ଭାରତୀୟ କ୍ରିକେଟ୍ ବୋର୍ଡ ସହିତ ଡ୍ରିମ୍ ଇଲେଭେନର ଚୁକ୍ତିନାମାକୁ ଶେଷରେ ସମାପ୍ତ କରିବାକୁ ପଡ଼ିଛି। ଏଥିପାଇଁ କୌଣସି ଜରିମାନା ଭରିବାକୁ ପଡ଼ିବ ନାହିଁ। କାରଣ ଏହି ଅନୁବନ୍ଧରେ ଏକ ବିଶେଷ କ୍ଲଜ୍ ଥିଲା, ଯଦି ସରକାରୀ ପ୍ରତିବନ୍ଧକ କିମ୍ବା ଆଇନରେ ପରିବର୍ତ୍ତନ ହୁଏ ତେବେ ଏମିତି ସ୍ଥିତିରେ ଚୁକ୍ତିନାମାରେ ପୂର୍ଣ୍ଣଚ୍ଛେଦ ପଡ଼ିବ। ଏମିତି ସ୍ଥିତିରେ ଭାରତୀୟ ଦଳ ସେପ୍ଟେମ୍ବର ୯ରୁ ଆରମ୍ଭ ହେଉଥିବା ଟି-୨୦ ଏସିଆ କପ୍ ୨୦୨୫ରେ ବିନା ପ୍ରାୟୋଜକରେ ମଇଦାନକୁ ଓହ୍ଲାଇବ। କାରଣ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାକୁ ମାତ୍ର ଦୁଇ ସପ୍ତାହରୁ କମ୍ ସମୟ ରହିଛି।

# ପ୍ରିଟୋରିଆ କ୍ୟାପିଟାଲସର ମୁଖ୍ୟ କୋଚ୍ ହେଲେ ସୌରଭ ଗାଙ୍ଗୁଲି

**ନୂଆଦିଲ୍ଲୀ**



ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ତଥା ପୂର୍ବତନ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି କ୍ରିକେଟ ଜଗତରେ ଏକ ନୂତନ ଆରମ୍ଭ କରିଛନ୍ତି। ଦୀର୍ଘ ବର୍ଷ ଅପେକ୍ଷା ପରେ, ସେ ଏବେ କୋଚ୍ ଭୂମିକାରେ ପାଦ ଦେଇଛନ୍ତି। ସେ ଭାରତୀୟ ଦଳର କୋଚ୍ ହେବାର ଇଚ୍ଛା ବିଷୟରେ କହିଥିଲେ। ବର୍ତ୍ତମାନ ଗାଙ୍ଗୁଲିଙ୍କୁ ଦକ୍ଷିଣ ଆଫ୍ରିକାର ଟି୨୦ ଲିଗ୍ ଏସଏ୨୦ର ଆଗାମୀ ସିଜିନ ପାଇଁ ପ୍ରିଟୋରିଆ କ୍ୟାପିଟାଲସର ମୁଖ୍ୟ କୋଚ୍ ଭାବରେ ନିଯୁକ୍ତ କରାଯାଇଛି।

ଗାଙ୍ଗୁଲିଙ୍କ କ୍ୟାରିୟରରେ ଏହା ପ୍ରଥମଥର ଯେ, ସେ ଏକ ବୃତ୍ତିଗତ ଫ୍ରାଞ୍ଚାଇଜ ଦଳ ସହିତ ପୂର୍ଣ୍ଣକାଳୀନ ମୁଖ୍ୟ କୋଚ୍ ଭୂମିକା ନିର୍ବାହ କରିବେ। ପ୍ରିଟୋରିଆ କ୍ୟାପିଟାଲ୍ସ ଏକ ସୋସିଆଲ ମିଡିଆ ପୋଷ୍ଟ ମାଧ୍ୟମରେ ଏହି ବଡ଼ ନିଷ୍ପତ୍ତି ଘୋଷଣା କରିଛି ଏବଂ ତାଙ୍କୁ 'କୋଲକାତାର ରାଜକୁମାର' ବୋଲି ଡାକି ଦଳକୁ ସ୍ୱାଗତ କରିଛି। ସେ ଲେଖିଛନ୍ତି, ଆମେ ସୌରଭ ଗାଙ୍ଗୁଲିଙ୍କୁ ଆମ ଦଳର ନୂତନ ମୁଖ୍ୟ କୋଚ୍ ଭାବରେ ଘୋଷଣା କରି ଖୁସି।" ପୂର୍ବତନ ଇଂଲଣ୍ଡ ବ୍ୟାଟ୍ସମ୍ୟାନ ଜୋନାଥନ ଟ୍ରଟ ପ୍ରିଟୋରିଆ କ୍ୟାପିଟାଲସର ଦାୟିତ୍ୱ ଗ୍ରହଣ କରିଥିଲେ। ଟ୍ରଟ୍ ପଦ ଛାଡ଼ିବା ପରେ ଗାଙ୍ଗୁଲିଙ୍କୁ ନିଯୁକ୍ତି ଦିଆଯାଇଛି। ଗତ ସିଜିନରେ ଟ୍ରଟଙ୍କ କୋଚ୍ କାର୍ଯ୍ୟକାଳ ସମୟରେ ଦଳର ପ୍ରଦର୍ଶନ ବହୁତ ନିରାଶାଜନକ ଥିଲା। ଏବେ ଗାଙ୍ଗୁଲିଙ୍କ ଉପରେ ଆଶା ଯୋଡ଼ି ହୋଇଛି, ସେ ଦଳକୁ ଏକ ନୂତନ ଦିଗ୍‌ଦର୍ଶନ ଦେବେ।

ସୌରଭ ଗାଙ୍ଗୁଲିଙ୍କ କ୍ରିକେଟ କ୍ୟାରିୟର ମଧ୍ୟ ବହୁତ ଚମତ୍କାର ରହିଛି। ତାଙ୍କ ଅଧିନାୟକତ୍ୱ ସମୟରେ, ସେ ଭାରତୀୟ ଦଳକୁ ଏକ ନୂତନ ପରିଚୟ ଦେଇଥିଲେ। ବିସିସିଆଇ ସଭାପତି ଭାବେ ସମୟରେ, ସେ ଅନେକ ବଡ଼ ନିଷ୍ପତ୍ତି ସହିତ ଭାରତୀୟ କ୍ରିକେଟକୁ ନୂତନ ଉଚ୍ଚତାରେ ମଧ୍ୟ ନେଇଯାଇଥିଲେ। କିନ୍ତୁ, ସେ ଆଇପିଏଲ ଏବଂ ଡବ୍ଲ୍ୟୁପିଏଲରେ ଦିଲ୍ଲୀ କ୍ୟାପିଟାଲ୍ସର କ୍ରିକେଟ ନିର୍ଦ୍ଦେଶକ ଭୂମିକା ନିର୍ବାହ କରୁଥିଲେ। ବର୍ତ୍ତମାନ ମୁଖ୍ୟ କୋଚ୍ ଭାବରେ ତାଙ୍କର ନୂତନ ଇନିଂସର ବିଶେଷ ଗୁରୁତ୍ୱ ରହିଛି।

ଏସଏ୨୦ର ପରବର୍ତ୍ତୀ ସିଜିନ ୨୬ ଡିସେମ୍ବର ୨୦୨୫ରୁ ୨୫ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଖେଳାଯିବ। ପ୍ରିଟୋରିଆ କ୍ୟାପିଟାଲ ପ୍ରଥମ ସିଜିନରେ ଫାଇନାଲରେ ପହଞ୍ଚିଥିଲା, କିନ୍ତୁ ୨୦୨୫ରେ ସେମାନଙ୍କର ପ୍ରଦର୍ଶନ ବହୁତ ଖରାପ ଥିଲା। ଗାଙ୍ଗୁଲିଙ୍କ ସମ୍ମୁଖରେ ଏବେ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେବ ଦଳକୁ ଟାଇଟଲ ଦୌଡ଼ରେ ଫେରାଇ ଆଣିବା।

# ଏବେ ଅବସର ନେବେନି ବିରାଟ କୋହଲି-ରୋହିତ ଶର୍ମା : ବିସିସିଆଇ

**ନୂଆଦିଲ୍ଲୀ**

ସରିଛି ରୋ-କୋ ଜମାନା। ଆଉ ଦେଖିବାକୁ ମିଳିବନି ଜଲୱା। ଏମିତି ଚାଲିଥିଲା ଅନେକ ଚର୍ଚ୍ଚା। କାରଣ ଆଇପିଏଲ ୨୦୨୫ରେ, ଭାରତୀୟ ଦଳର କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ୍ ବିରାଟ କୋହଲି ଓ ରୋହିତ ଶର୍ମା ଟେଷ୍ଟ କ୍ରିକେଟରୁ ନେଇଥିଲେ ଅବସର। ଯାହା ସମସ୍ତଙ୍କୁ କରିଥିଲା ଆଶ୍ଚର୍ଯ୍ୟ। ଏବେ ଏହି ଦୁଇ ଖେଳାଳିଙ୍କ ଓଡିଆଇରୁ ମଧ୍ୟ ଅବସର ନେବାର ଖବର ଆସୁଛି। କିନ୍ତୁ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଏ ବିଷୟରେ ନିଜର ନୀରବତା ଭାଙ୍ଗିଛି। ବୋର୍ଡ ଉପାଧ୍ୟକ୍ଷ ରାଜୀବ ଶୁକ୍ଳା କହିଛନ୍ତି ଯେ ବିରାଟ କୋହଲି ଓ ରୋହିତ ଶର୍ମା ଏପର୍ଯ୍ୟନ୍ତ ଅବସର ନେବାକୁ ଯାଉନାହାନ୍ତି। ସେମାନେ ଏବେବି ଟିମ୍ ଇଣ୍ଡିଆ ପାଇଁ ଖେଳିବାର ଦେଖାଯିବେ। ଓଡିଆଇରେ ଉଭୟଙ୍କର ଏକ ମହାନ ରେକର୍ଡ ରହିଛି।



ୟୁପି ଟି୨୦ ଲିଗ୍ ସମୟରେ ଏକ ଟକ୍ ଶୋ'ରେ, ବିସିସିଆଇ ଉପାଧ୍ୟକ୍ଷ ରାଜୀବ ଶୁକ୍ଳା ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଓଡିଆଇ କ୍ରିକେଟରୁ ଅବସର ନେବାର ଆଲୋଚନାକୁ ଖାରଜ କରି କହିଥିଲେ ଯେ ଉଭୟ ଓଡିଆଇ ଖେଳିବେ। ଟକ୍ ଶୋ' ସମୟରେ, ଜଣେ ଆଙ୍କର ରାଜୀବ ଶୁକ୍ଳାଙ୍କୁ ପଚାରିଥିଲେ ଯେ ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କୁ ସଚିନ ତେନ୍ଦୁଲକରଙ୍କ ପରି ବିଦାୟ ମିଳିବ କି ?

ଏହା ଉପରେ ବିସିସିଆଇ ଉପାଧ୍ୟକ୍ଷ ପ୍ରଶ୍ନ କରିଥିଲେ ଯେ ଲୋକମାନେ ଉଭୟ ଖେଳାଳିଙ୍କ ବିଷୟରେ ଏତେ ଚିନ୍ତିତ କାହିଁକି ? ଯେତେବେଳେ ସେମାନେ ଏବେ ବି ଓଡିଆଇ ଖେଳୁଛନ୍ତି। ରାଜୀବ ଶୁକ୍ଳା କହିଛନ୍ତି, 'ସେମାନେ କେବେ ଅବସର ନେଇଥିଲେ। ରୋହିତ ଶର୍ମା ଓ ବିରାଟ କୋହଲି, ଉଭୟ ଏବେ ବି ଓଡିଆଇ ଖେଳୁଛନ୍ତି। ତେଣୁ ଯଦି ସେମାନେ ଏବେ ବି ଖେଳୁଛନ୍ତି ତେବେ ଏବେ ବିଦାୟ ବିଷୟରେ କାହିଁକି କଥା ହେଉଛି ? ତୁମେ ଲୋକମାନେ ଏବେଠାରୁ କାହିଁକି ଚିନ୍ତିତ ହେଉଛ ? ବିସିସିଆଇ କେବେ କୌଣସି ଖେଳାଳିଙ୍କୁ ଅବସର ନେବାକୁ କୁହେ ନାହିଁ। ସେ ଆହୁରି କହିଛନ୍ତି ଯେ ଏହି ନିଷ୍ପତ୍ତି ସେମାନଙ୍କୁ ନେବାକୁ ପଡ଼ିବ। ବିସିସିଆଇ ଉପାଧ୍ୟକ୍ଷ କହିଛନ୍ତି, 'ଆମର ନୀତି ବହୁତ ସ୍ପଷ୍ଟ। ବୋର୍ଡ କେବେ କୌଣସି ଖେଳାଳିଙ୍କୁ ଅବସର ନେବାକୁ କୁହେ ନାହିଁ। ତାଙ୍କୁ ନିଜର ନିଷ୍ପତ୍ତି ନେବାକୁ ପଡ଼ିବ'।

ଟକ୍ ଶୋ' ସମୟରେ ରାଜୀବ ଶୁକ୍ଳା କହିଥିଲେ ଯେ ଟିମ୍ ଇଣ୍ଡିଆର କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ୍ ବିରାଟ କୋହଲି ଏବେ ବି ସବୁଠାରୁ ଫିଟ୍ ଖେଳାଳିଙ୍କ ମଧ୍ୟରୁ ଜଣେ। ରୋହିତ ଶର୍ମା ଜଣେ ମହାନ ଏକଦିବସୀୟ ଖେଳାଳି। ସେ ପ୍ରଶଂସକମାନଙ୍କୁ କହିଥିଲେ ଯେ ଏହି ଦୁଇ ଖେଳାଳିଙ୍କ ଅବସର ବିଷୟରେ ଚିନ୍ତା କରନ୍ତୁ ନାହିଁ। ଯେତେବେଳେ ସେହି ସମୟ ଆସିବ, ଆମେ ଆପଣଙ୍କୁ କହିବୁ ଯେ ଏହା କିପରି କରିବେ ? ଆପଣମାନେ ବର୍ତ୍ତମାନ ଅବସର ବିଷୟରେ କଥା ହେଉଛନ୍ତି, ଯେତେବେଳେ କୋହଲି ବର୍ତ୍ତମାନ ବହୁତ ଫିଟ୍ ଅଛନ୍ତି ଏବଂ ସେ ଭଲ ପ୍ରଦର୍ଶନ କରୁଛନ୍ତି। ରୋହିତ ଶର୍ମା ବହୁତ ଭଲ ଖେଳୁଛନ୍ତି। ଆପଣମାନେ ତାଙ୍କ ଅବସର ବିଷୟରେ ଅନାବଶ୍ୟକ ଭାବରେ ଚିନ୍ତିତ।

ବିରାଟ କୋହଲି ଏବଂ ରୋହିତ ଶର୍ମା ୧୯ ରୁ ୨୫ ଅକ୍ଟୋବର ପର୍ଯ୍ୟନ୍ତ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ହେବାକୁ ଥିବା ଏକଦିବସୀୟ ସିରିଜରେ ଖେଳିବେ। ଟି-୨୦ ଏବଂ ଟେଷ୍ଟରୁ ଅବସର ନେବା ପରେ, ଏକଦିବସୀୟରୁ ଅବସର ନେବା ଖବର ସୋସିଆଲ ମିଡିଆରେ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି। କିଛି ଲୋକ କହିଛନ୍ତି ଯେ ଅଷ୍ଟ୍ରେଲିଆ ଗସ୍ତ ଏହି ଦୁଇ ଖେଳାଳିଙ୍କ ଶେଷ ଗସ୍ତ ହୋଇପାରେ। ତଥାପି, ରୋହିତ ଶର୍ମା ଏବଂ ବିରାଟ କୋହଲି ପ୍ରଶିକ୍ଷଣ ଆରମ୍ଭ କରି ଏହି ଗୁଜବର ଅନ୍ତ ଘଟାଇଛନ୍ତି।

# ବିସିସିଆଇରୁ ୭୦ ହଜାର ଟଙ୍କା ପେନସନ ପାଆନ୍ତି ଧୋନୀ

**ନୂଆଦିଲ୍ଲୀ**

ଏମ୍‌ଏସ୍ ଧୋନି ୨୦୨୦ରେ ତାଙ୍କର ଅନ୍ତର୍ଜାତୀୟ କ୍ରିକେଟ କ୍ୟାରିୟରର ଅନ୍ତ ଘଟାଇଥିଲେ। ଏହା ପରେ ସେ କେବଳ ଆଇପିଏଲରେ ଖେଳୁଥିବା ଦେଖାଯାଆନ୍ତି, ଯେଉଁଠାରେ ସିଏସ୍‌କେ ତାଙ୍କୁ ୨୦୨୫ ସିଜିନ୍‌ରେ ଖେଳିବା ପାଇଁ ୪ କୋଟି ଟଙ୍କା ଦରମା ଦେଇଥିଲା। ମିଡିଆ ରିପୋର୍ଟ ଅନୁଯାୟୀ, ଧୋନିଙ୍କ ନେଟ ୱର୍ଥ (ଏମ୍‌ଏସ୍ ଧୋନି ନେଟ୍ ୱର୍ଥ) ୧୦୦୦ କୋଟି ଟଙ୍କାରୁ ଅଧିକ। ତାଙ୍କର ଆୟର ଅନେକ ଉତ୍ସ ଅଛି, କିନ୍ତୁ ବିସିସିଆଇ ଅବସରପ୍ରାପ୍ତ କ୍ରିକେଟରମାନଙ୍କୁ ପେନସନ ଦେଇଥାଏ। ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ ୨୦୨୨ରେ ପେନସନ ଯୋଜନାରେ ପରିବର୍ତ୍ତନ କରିଥିଲା, ଯାହା ଅଧୀନରେ ଅବସରପ୍ରାପ୍ତ ଖେଳାଳିମାନଙ୍କୁ ଦିଆଯାଉଥିବା ପେନସନ ପରିମାଣ ବୃଦ୍ଧି କରାଯାଇଥିଲା। ଏହି ପେନସନ ଅନେକ ଦିଗକୁ ଧ୍ୟାନରେ ରଖି ଦିଆଯାଏ, ଯେଉଁଥିରେ କ୍ୟାରିୟରର ଅବଧି ମଧ୍ୟ ଗୋଟିଏ। ପୂର୍ବତନ ପ୍ରଥମ ଶ୍ରେଣୀ ଖେଳାଳିମାନଙ୍କୁ ପ୍ରତି ମାସରେ ୩୦ ହଜାର ଟଙ୍କା ପେନସନ ମିଳେ। ସେହି ସମୟରେ ପୂର୍ବତନ ଟେଷ୍ଟ ଖେଳାଳିମାନଙ୍କୁ ୬୦ ହଜାର ଟଙ୍କା ପେନସନ ମିଳେ। ଯେହେତୁ ଏମଏସ ଧୋନି ଭାରତ ପାଇଁ ୨୫ରୁ ଅଧିକ ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି, ସେ ତାଙ୍କ କ୍ୟାରିୟରରେ ଅନେକ ବଡ଼ ସଫଳତା ହାସଲ କରିଛନ୍ତି। ତେଣୁ, ତାଙ୍କୁ ପ୍ରତି ମାସରେ ୭୦,୦୦୦ ଟଙ୍କା ପେନସନ ମିଳିଥାଏ।

ମହିଳା କ୍ରିକେଟରମାନେ ମଧ୍ୟ ପେନସନ ପାଆନ୍ତି। ଅନ୍ତର୍ଜାତୀୟ କ୍ରିକେଟ ଖେଳିଥିବା ଭାରତୀୟ ଖେଳାଳିମାନେ ୫୨,୫୦୦ଟଙ୍କା ପେନସନ ପାଆନ୍ତି। ସେହି ସମୟରେ, ପୂର୍ବତନ ପ୍ରଥମ ଶ୍ରେଣୀ କ୍ରିକେଟ ଖେଳାଳିମାନେ ପ୍ରତି ମାସରେ ୪୫,୦୦୦ଟଙ୍କା ପେନସନ ପାଆନ୍ତି। ଏମଏସ ଧୋନି ୨୦୦୪ରେ ଆରମ୍ଭ ହୋଇଥିବା ତାଙ୍କର ଆନ୍ତର୍ଜାତୀୟ କ୍ୟାରିଅରର ୨୦୨୦ରେ ଅନ୍ତ ଘଟାଇଥିଲେ। ଏହି ସମୟ ମଧ୍ୟରେ ସେ ଟିମ୍ ଇଣ୍ଡିଆର ଅଧିନାୟକ ହୋଇଥିଲେ ଏବଂ ତାଙ୍କ ଅଧିନାୟକତ୍ୱରେ ଟିମ୍ ଇଣ୍ଡିଆ ୨୦୦୭ ଟି-୨୦ ବିଶ୍ୱକପ, ୨୦୧୧ ଏକଦିବସୀୟ ବିଶ୍ୱକପ ଏବଂ ୨୦୧୩ ଚାମ୍ପିଅନ୍ସ ଟ୍ରଫି ଜିତିଥିଲା। ସେ ଉଇକେଟ୍ କିପିଂରେ ସର୍ବାଧିକ ଷ୍ଟମ୍ପିଂ (୧୯୫) କରିବାର ରେକର୍ଡ ରଖିଛନ୍ତି। ଧୋନି ତାଙ୍କ ୫୩୮ ମ୍ୟାଚ୍ ବିଶିଷ୍ଟ ଆନ୍ତର୍ଜାତୀୟ କ୍ୟାରିଅରରେ ୧୭,୨୬୬ ରନ କରିଥିଲେ, ଯେଉଁଥିରେ ୧୬ ଶତକ ଏବଂ ୧୦୮ ଅର୍ଦ୍ଧଶତକ ଅନ୍ତର୍ଭୁକ୍ତ।

# ଏସିଆ କପ୍ : ରଶିଦଙ୍କ ନେତୃତ୍ୱାଧୀନ ଆଫଗାନିସ୍ତାନ ଦଳରେ ୫ ସ୍ପିନର



**କାବୁଲ**

ସେପ୍ଟେମ୍ବର ୯ରୁ ୟୁଏଇରେ ଖେଳାଯିବାକୁଥିବା ଏସିଆ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଲାଗି ଘୋଷଣା କରାଯାଇଥିବା ଆଫଗାନିସ୍ତାନ ଦଳର ଅଧିନାୟକ ମନୋନୀତ ହୋଇଛନ୍ତି ରଶିଦ ଖାନ୍। ଦଳରେ ୫ଜଣ ସ୍ପିନର ସ୍ଥାନ ପାଇଛନ୍ତି। ଅଧିନାୟକ ରଶିଦଙ୍କ ବ୍ୟତୀତ ଅନ୍ୟ ସ୍ପିପରମାନେ ହେଲେ ନୁର ଅହମଦ, ମୁଜିବୁର ରହମନ, ଏ.ଏମ୍. ଘଜନଫାର ଓ ଭେଟେରାନ ଅଲରାଉଣ୍ଡର ମହମ୍ମଦ ନବି। ଆଫଗାନିସ୍ତାନ ଗତବର୍ଷ ଟି୨୦ ବିଶ୍ୱକପ୍ ସେମିଫାଇନାଲରେ ପ୍ରବେଶ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା।

ଜିମ୍ବାୱେ ବିପକ୍ଷରେ ଖେଳିଥିବା ଦଳର ଦୁଇ ଖେଳାଳି ହଜରତୁଲ୍ଲା ଜାଜାଇ ଓ ଜୁବେଦ ଆକବରୀଙ୍କୁ ଏସିଆ କପ୍ ଦଳରେ ସ୍ଥାନ ମିଳିନାହିଁ। ଦଳରେ ଦୁଇ ଉଇକେଟକିପର ବ୍ୟାଟର ରହମାନୁଲ୍ଲା ଗୁରବାଜ ଓ ମହମ୍ମଦ ଇଶାକ୍‌ଙ୍କୁ ନିଆଯାଇଛି। ପେସ୍ ଆଟାକ୍‌ରେ ନବୀନ ଉଲ୍‌ହକ୍, ଫଜଲହକ୍ ଫାରୁକି ଓ ଫରିଦ ମଲିକଙ୍କୁ ସାମିଲ କରାଯାଇଛି। ଆଫଗାନିସ୍ତାନ ଗ୍ରୁପ୍ 'ବି'ରେ ଶ୍ରୀଲଙ୍କା, ହଂକଂ ଓ ବାଂଲାଦେଶ ସହିତ ସ୍ଥାନ ପାଇଥିବାବେଳେ ଗ୍ରୁପ୍ 'ଏ'ରେ ଭାରତ, ଓମାନ, ପାକିସ୍ତାନ ଓ ୟୁଏଇ ରହିଛନ୍ତି। ରଶିଦଙ୍କ ନେତୃତ୍ୱାଧୀନ ଦଳ ସେପ୍ଟେମ୍ବର ୯ରେ ହଂକଂ ବିପକ୍ଷରେ ଖେଳି ଏହାର ଅଭିଯାନ ଆରମ୍ଭ କରିବ।

ଆଫଗାନିସ୍ତାନ କ୍ରିକେଟ ଦଳ : ରଶିଦ ଖାନ୍ (ଅଧିନାୟକ), ରହମାନୁଲ୍ଲା ଗୁରବାଜ, ଇବ୍ରାହିମ୍ ଜାଦ୍ରାନ, ଡାରୱିସ ରସୁଲି ସିଦ୍ଦିକୁଲ୍ଲା ଅଟଲ, ଅଜମାତୁଲ୍ଲା ଓମାରଜାଇ, କରିମ ଜନତ, ମହମ୍ମଦ ନବି, ଗୁଲବଦନ ନାଇବ, ଶାରାଫୁଦ୍ଦିନ ଅଶ୍ରଫ, ମହମ୍ମଦ ଇଶାକ, ନୁର ଅହମ୍ମଦ, ମୁଜିବୁର ରହମନ, ଏ.ଏମ୍. ଘଜନଫାର, ଫରିଦ ଅହମଦ ମଲିକ, ଫଜଲହକ୍ ଫାରୁକି, ନବୀନ ଉଲ୍ ହକ୍। ରିଜର୍ଭ ଖେଳାଳି: ୱାଫିଉଲ୍ଲା ତାରାଖିଲ, ନାଙ୍ଗେୟାଲିଆ ଖାରୋଟ୍, ଅବଦୁଲ୍ଲା ଅହମଦଜାଇ।

# ବିଭିନ୍ନ ଯୋଜନାର ସମୀକ୍ଷା କଲେ ଗୋଷ୍ଠୀ ଶିକ୍ଷା ଅଧିକାରୀ

**ରଙ୍ଗା, ନ୍ୟୁଜ୍‌ବ୍ୟୁରୋ**

ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଦ୍ରନାରାୟଣ ସାହୁଙ୍କ ପକ୍ଷରୁ ଏକ ସମୀକ୍ଷା ବୈଠକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏକ୍ ପେଡ୍ ମାଁ କେ ନାମ, ଅଧାରୁ ପାଠ ଛାଡୁଥିବା ପିଲାଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା, ୟୁ ଡାଇସ, ଜାତୀୟ ସାକ୍ଷରତା କାର୍ଯ୍ୟକ୍ରମ, ଜବାହର ନବୋଦୟ ଆବେଦନ, ପ୍ରାଥମିକ ବୃତ୍ତି ପରୀକ୍ଷା ପରିଚାଳନା, ଛାତ୍ର ଛାତ୍ରୀଙ୍କ ମାଗଣା ପୋଷାକ ବ୍ୟବସ୍ଥା, ସାଇକେଲ ସମ୍ବନ୍ଧୀୟ ତଥ୍ୟ, ଉଚ୍ଚ ବିଦ୍ୟାଳୟ ନଥିବା ଗ୍ରାମ ପଞ୍ଚାୟତ ଛାତ୍ର ଛାତ୍ରୀଙ୍କ ଯାତାୟାତ ଖର୍ଚ୍ଚ, ବିଦ୍ୟାଳୟ ନିରାପତ୍ତା ଅନୁଦାନ ସଠିକ୍ ବିନିଯୋଗ, ସ୍ୱଚ୍ଛ ହରିତ୍ ବିଦ୍ୟାଳୟ ଆଦି ବହୁବିଧ ବିଷୟରେ ସବିଶେଷ ଆଲୋଚନା ହୋଇଥିଲା।



ଆୟୋଜିତ ବୈଠକରେ ବି.ଆର.ସି.ସି. ସୁଶ୍ରୀ ସୁଷମା ଶବର, ଏବିଇଓ ସୁଶାନ୍ତ କୁମାର ନାୟକ, ରବିନାରାୟଣ ସେଠୀ, ଏମ୍. ଆଇ. ଏସ୍. ମଧୁସ୍ମିତା ଆଚାର୍ଯ୍ୟଙ୍କ ସମେତ ସି.ଆର.ସି.ସି. କୃଷ୍ଣଚନ୍ଦ୍ର ପରିଡ଼ା, ପ୍ରଶାନ୍ତ କୁମାର ସେଠୀ, ରାଜେନ୍ଦ୍ର କୁମାର ପଣ୍ଡା, ଅନାଥ ବେହେରା, ନିରଞ୍ଜନ ସେଠୀ, ପ୍ରମୋଦ କୁମାର ପ୍ରଧାନ, ସୁଶୀଲ କୁମାର ପଣ୍ଡା, ଲିପନ କୁମାରୀ ପଣ୍ଡା, ରବୀନ୍ଦ୍ର କୁମାର ନାୟକ, ପ୍ରଜ୍ଞା କୁମାର ପଟ୍ଟନାୟକ, ନିରଞ୍ଜନ ଗୁରୁ, ପ୍ରକାଶ ଚନ୍ଦ୍ର ସେଠୀ, ପବିତ୍ର କୁମାର ବେହେରା, ଶୁଭେନ୍ଦୁ ରାଉତ, ଡକ୍ଟର ଦ୍ୱାରିକାନାଥ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ନାବାଳିକା ଗଣଦୁଷ୍କର୍ମକାରୀଙ୍କୁ ଆଜୀବନ କାରାଦଣ୍ଡାଦେଶ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ମୟୂରଭଞ୍ଜ ସ୍ୱତନ୍ତ୍ର ପୋକ୍ସ କୋର୍ଟର ଜଜ ପ୍ରତିମା ପାତ୍ର ସୋମବାର ଏକ ନାବାଳିକା ଗଣଦୁଷ୍କର୍ମ ମାମଲାର ବିଚାର କରି ୨ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏହା ସହିତ ୬୦ ହଜାର ଟଙ୍କା ଜରିମାନା ଅନାଦେୟ ଅଧିକ ୧ବର୍ଷ ୬ମାସର କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଆସାମୀ ଦ୍ୱୟ ହେଲେ ଉଦଳା ଥାନା ଅନ୍ତର୍ଗତ ଛଦଦା ଗ୍ରାମର ସମୟ ମୁର୍ମୁ(୩୩) ଓ ମଟୁ ମୁର୍ମୁ (୩୩)। ପୀଡ଼ିତାକୁ ସହାୟତା ରାଶି ପ୍ରଦାନ କରିବାକୁ ଜିଲ୍ଲା ଆଇନ ସହାୟତା ବିଭାଗଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ଜୈନିକା ନାବାଳିକା ଜଣକ ଘର ପାଖକୁ ପରିସ୍ରା କରିବାକୁ ଯାଇଥିଲେ। ଉକ୍ତ ସମୟରେ ତାଙ୍କୁ ଏକୁଟିଆ ପାଇ ଦୁଇ ଜଣ ଆସାମୀ ନିକଟସ୍ଥ ନିର୍ଜନ ସ୍ଥାନକୁ ନେଇ ଯାଇଥିଲେ। ସେଠାରେ ତାଙ୍କୁ ଉଭୟ ଦୁଷ୍କର୍ମ କରିଥିଲେ। ଏହାପରେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ଘଟଣା ବାବଦରେ ପରିବାର ଲୋକେ ଜାଣିବା ପରେ ଉଦଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ନେଇ ଥାନାରେ ଏକ ମାମଲା ରୁଜୁ କରି ପୀଡ଼ିତା ନାବାଳିକାର ବୟାନ ରେକର୍ଡ କରିଥିଲା। ଏଥି ସହିତ ପୁଲିସ ମାମଲା ରୁଜୁ କରି ଫେରାର ଆସାମୀ ଦ୍ୱୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାର ସମୟରେ ସାକ୍ଷୀଙ୍କ ବୟାନ, ଡାକ୍ତରୀ ଓ ପୁଲିସ ରିପୋର୍ଟକୁ ଭିତ୍ତି କରି ଜଜ୍ ଉପରୋକ୍ତ ଶୁଣାଣୀ କରିଛନ୍ତି। ଉକ୍ତ ମାମଲାକୁ ପୋକ୍‌ସୋ କୋର୍ଟର ସ୍ୱତନ୍ତ୍ର ପିପି ଅଭିନ୍ନ କୁମାର ପଟ୍ଟନାୟକ ପରିଚାଳନା କରୁଥିଲେ।

# କନିଷ୍ଠ ଓଡ଼ିଶା ହକି ଦଳକୁ ସମ୍ବର୍ଦ୍ଧିତ କଲେ କ୍ରୀଡାମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

୧୫ତମ କନିଷ୍ଠ ଜାତୀୟ ହକି ଚାମ୍ପିଅନସିପ୍‌ର ପୁରୁଷ ବିଭାଗରେ ରୌପ୍ୟ ପଦକ ଜିତିଥିବା ଓଡ଼ିଶା ହକି ଦଳକୁ ସୋମବାର ଦିନ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମ୍ବର୍ଦ୍ଧିତ କରିଛନ୍ତି।

କ୍ରୀଡ଼ାମନ୍ତ୍ରୀ ପୁରୁଷ ହକି ଦଳର ଏହି ସଫଳତା ପାଇଁ ଦଳର ସମସ୍ତ କ୍ରୀଡ଼ାବିତ୍‌ମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ଆଗାମୀ ଭବିଷ୍ୟତରେ ମଧ୍ୟ ଉଚ୍ଚକୋଟୀର ପ୍ରଦର୍ଶନ ମାଧ୍ୟମରେ ପଦକ ଅର୍ଜନ କରି ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଅର୍ଜନ କରିବା ନିମନ୍ତେ ସମସ୍ତଙ୍କୁ ପ୍ରୋତ୍ସାହିତ କରିଛନ୍ତି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ହକି ଇଣ୍ଡିଆର ପ୍ରେସିଡେଣ୍ଟ ଦିଲୀପ ତିର୍କୀ, କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ନିର୍ଦ୍ଦେଶକ ଡ. ୟେଦୁଲା ବିଜୟ, ହକି ପ୍ରମୋସନ କାଉନସିଲ, ଓଡ଼ିଶାର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୀପଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


**NOTICE INVITING TENDER** CAD-1587

OFFICE OF THE DISTRICT MANAGER
ODISHA STATE CIVIL SUPPLIES CORPORATION LTD. (OSCSC)
DISTRICT-JHARSUGUDA
PHONE NO.-9438200044
DISTRICT WEBSITE- www.jharsuguda.odisha.gov.in
KIRMIRA BLOCK/KOLABIRA BLOCK/LAIKERA BLOCK / BRAJRAJNAGAR MPL

TENDER NO.2958/2960/2962/2964 DT.25.08.2025

Cost of Tender Document Rs.5900/- Inclusive of GST for each RRC to Unit (Block / ULB) combination of the District.

Online tenders are invited from eligible bidders for selection and appointment of Level-II Contractor for Transportation of Custom Milled Rice (CMR) from Rice Receiving Centre (RRC) to Retail Centre (FPS).

| Sl No | Activity | Timeline |
|---|---|---|
| 1 | Availability of Tender Documents | From Dt.26.08.2025 |
| 2 | Pre-bid Conference of Tenderers | On dt.02.09.2025 at 04:00 PM in the Office Chamber of CSO-cum-DM, OSCSC Ltd., Jharsuguda |
| 3 | Last Date for online submission of completed tender documents with enclosures | Through e-Procurement Portal : www.tendersodisha.gov.in upto 05:30 PM on dt.11.09.2025 |
| 4 | Date, Time & Venue for Opening of Technical Bid Opening | On dt.12.09.2025 at 11:00 AM in the Mini Conference Hall of Collectorate, Jharsuguda |
| 5 | Date of Submission of original documents by the tenders in support of scanned copies uploaded in the portal for verification by District Office. | |
| 6 | Sate & Time of Financial Bid Opening by the Tender Committee (Only of Technically Qualified Bidders) | To be Announced After Technical Bid Evaluation |
| 7 | Date of Opening of Financial Bids (Only of Technically Qualified Tenders) | Mini Conference Hall of Collectorate, Jharsuguda |
| 8 | Validity Period | Tenders are to remain open for acceptance for 180 days inclusive of date of opening of tender. |
| 9 | Language of the Tender | The Tender Should be prepared by the bidder in English language only. |
| 10 | Help Desk Telephone No | OSCSC Ltd.:- District Manager :-No 9438200044 Accounts Head.No.7381279976 State Procurement Cell:-0674-2530998 /18003456765 |

NB:-
1. If the office happens to be closed on the date of opening of tenders, tenders will be opened on the next working day in the same time.
2. Tender documents & other details can be seen from the e-procurement portal www.tendersodisha.gov.in along with district website. Amendments / Corrigendum / Cancellation / Retenders etc. if any shall be published only in above websites.

Sd/- CSO-cum-District Manager
OSCSC Ltd., Jharsuguda

OIPR-07011/11/0008/2526


# ନା' ଅଛି ଇନ୍‌ସ୍ୟୁରାନ୍ସ, ନା' ଅଛି ପରମିଟ ସାର୍ଟିଫିକେଟ୍ : ବିପଦପୂର୍ଣ୍ଣ ଭାବେ ରାସ୍ତାରେ ଗଡୁଛି କୋଟିଏରୁ ଅଧିକ ଗାଡ଼ି

**କଟକ, ନ୍ୟୁଜ୍‌ବ୍ୟୁରୋ**

ବିପଦପୂର୍ଣ୍ଣ ଭାବେ ରାସ୍ତାରେ ଗଡୁଛି କୋଟିଏରୁ ଅଧିକ ଗାଡ଼ି। ନା' ଅଛି ଇନ୍‌ସ୍ୟୁରାନ୍ସ। ନା' ଅଛି ପ୍ରଦୂଷଣ ସାର୍ଟିଫିକେଟ୍। ଏହି ଗାଡ଼ିଗୁଡ଼ିକ କେବଳ ବିପଦକୁ ଡାକୁନାହାନ୍ତି ଅନ୍ୟକୁ ମଧ୍ୟ ବିପଦରେ ପକାଉଛନ୍ତି। ବିନା ପ୍ରଦୂଷଣ ସାର୍ଟିଫିକେଟ୍‌ରେ ବୁଲୁଥିବା ଗାଡ଼ିଗୁଡ଼ିକ କେବଳ ବିଷ ବାଣ୍ଟି ଚାଲୁଛନ୍ତି। ପରିବେଶକୁ ନଷ୍ଟ କରୁଛନ୍ତି। ବିନା ଇନ୍‌ସ୍ୟୁରାନ୍ସ ଗାଡ଼ିଗୁଡ଼ିକ ଯଦି ଦୁର୍ଘଟଣାଗ୍ରସ୍ତ ହୋଇ କାହାରି ଜୀବନ ନେଇଯାଏ, ସେଥିରେ ମୃତକଙ୍କ ପରିବାରକୁ ଟଙ୍କାଟିଏ ବି ବୀମା ସହାୟତା ମିଳିବନି। ଦୁଇଚକିଆଠାରୁ ଆରମ୍ଭ କରି ଦଶ, ବାରଚକିଆ ଯାଏ ରାଜ୍ୟରେ ପ୍ରାୟ ଦେଢ଼ କୋଟି ଯାନ ବିଭିନ୍ନ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ପଞ୍ଜିକୃତ ହୋଇଛନ୍ତି। ଏଥିରୁ କିଛି ଗାଡ଼ି ଆଉ ରାସ୍ତାରେ ଗଡୁନାହିଁ। ପରିବହନ ବିଭାଗ ଡାସ୍‌ବୋର୍ଡରୁ ମିଳିଥିବା ସୂଚନା ଆଧାରରେ ମୋଟ୍ ପଞ୍ଜିକୃତ ଗାଡ଼ିରୁ ପ୍ରାୟ ୬୦% ଗାଡ଼ିର ଇନ୍‌ସ୍ୟୁରାନ୍ସ ନାହିଁ। ଅର୍ଥାତ୍ ୮୦ ଲକ୍ଷ ଗାଡ଼ିର ଇନ୍‌ସ୍ୟୁରାନ୍ସ ନ ଥିଲାବେଳେ ବିନା ପ୍ରଦୂଷଣ ସାର୍ଟିଫିକେଟ୍‌ରେ ପ୍ରାୟ ୫୫ ଲକ୍ଷ ଗାଡ଼ି ରାସ୍ତାରେ ଗଡୁଛନ୍ତି। ବିନା ଇନ୍‌ସ୍ୟୁରାନ୍ସରେ ଗଡୁଥିବା ଅଧିକାଂଶ ଯାନ ଦୁଇଚକିଆ। ଇନ୍‌ସ୍ୟୁରାନ୍ସ ଦୁଇ ପ୍ରକାର କରାଯାଏ। ଗୋଟିଏ ହେଲା ଗାଡ଼ି ମାଲିକ ଏବଂ ଯାହା ସହ ଧକ୍କା ହେବ, ଦୁଇ ଜଣଙ୍କୁ ଏହି ପଲିସିରେ କଭର କରାଯାଏ। ଅନ୍ୟ ଏକ ଇନ୍‌ସ୍ୟୁରାନ୍ସରେ ତିନିଜଣ କଭର ହୋଇଥାନ୍ତି। ଗାଡ଼ି ମାଲିକ, ଧକ୍କା ହେଉଥିବା ପ୍ରତିପକ୍ଷ ଏବଂ ଧକ୍କାରେ ଆଖପାଖରେ ଥିବା କୌଣସି ବ୍ୟକ୍ତିଙ୍କୁ ଯଦି କିଛି କ୍ଷତି ପହଞ୍ଚିଥାଏ, ସମସ୍ତଙ୍କୁ କଭର କରାଯାଏ। କିନ୍ତୁ ବିନା ଇନ୍‌ସ୍ୟୁରାନ୍ସ ଗାଡ଼ିଗୁଡ଼ିକ ଯଦି କୌଣସି ସ୍ଥାନରେ ଦୁର୍ଘଟଣା ଘଟାନ୍ତି, ଏଥିରେ ଆହତ ବା ମୃତକଙ୍କ ପରିବାରକୁ ଟଙ୍କାଟିଏ ମିଳିପାରିବ ନାହିଁ। ସେହିପରି ପ୍ରଦୂଷଣ ଯାଞ୍ଚ କଡ଼ାକଡ଼ି ହେଉ ନଥିବାରୁ ବହୁ ଗାଡ଼ି ବିନା ପ୍ରଦୂଷଣ ସାର୍ଟିଫିକେଟ୍‌ରେ ଚାଲିଛି। ଅନେକ ସ୍ଥାନରେ ଜାଲ୍ ପ୍ରଦୂଷଣ ସାର୍ଟିଫିକେଟ୍ ଦିଆଯାଉଛି। ଫଳରେ ଗାଡ଼ି ଦ୍ୱାରା ପ୍ରଦୂଷଣ ହେଉଥିଲେ ମଧ୍ୟ ତାହାକୁ ଏନ୍‌ଓସି ଦିଆଯାଉଥିବାରୁ ପ୍ରଦୂଷଣ ମାତ୍ରା ବଢ଼ିଚାଲିଛି। ଏଥିରେ କେବଳ ଗାଡ଼ିର କ୍ଷତି ହେଉନି ଏଥିସହ ପରିବେଶର ବଡ଼ କ୍ଷତି ଘଟୁଛି। ପରିବହନ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା ଅନୁଯାୟୀ, ଅଧିକାଂଶ ଦୁଇଚକିଆ ଯାନ ବିନା ଇନ୍‌ସ୍ୟୁରାନ୍ସରେ ଚାଲୁଛି। ଏଥିପାଇଁ ଗାଡ଼ି ମାଲିକମାନେ ଯେତିକି ଦାୟୀ ନୁହନ୍ତି ଇନ୍‌ସ୍ୟୁରାନ୍ସ କମ୍ପାନୀମାନେ ଅଧିକ ଦାୟୀ। ଗ୍ରାମାଞ୍ଚଳରେ ଗଡୁଥିବା ଦୁଇଚକିଆ ଯାନ ମାଲିକମାନେ ଇନ୍‌ସ୍ୟୁରାନ୍ସ ସମ୍ପର୍କରେ ଏତେ ସଚେତନ ନୁହନ୍ତି। ଯଦି ଇନ୍‌ସ୍ୟୁରାନ୍ସ କମ୍ପାନୀମାନେ ଗ୍ରାମାଞ୍ଚଳ ବଜାରରେ ସେମାନଙ୍କ କ୍ୟାମ୍ପ୍ କରନ୍ତେ ତା'ହେଲେ ଅନେକ ଦୁଇଚକିଆ ଯାନର ଇନ୍‌ସ୍ୟୁରାନ୍ସ କରିବାକୁ ସକ୍ଷମ ହୋଇପାରନ୍ତେ। କିମ୍ବା ଯଦି ବିଭିନ୍ନ ଆରଟିଓ କାର୍ଯ୍ୟାଳୟ ନିକଟରେ କ୍ୟାମ୍ପ୍ କରାଯାଇ ପାରନ୍ତା ତା'ହେଲେ ବହୁ ଲୋକ ସେମାନଙ୍କ ଗାଡ଼ିକୁ ଇନ୍‌ସ୍ୟୁରାନ୍ସ କରିବାକୁ ସକ୍ଷମ ହୋଇପାରନ୍ତେ। ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) କମିସନର ଅମିତାଭ ଠାକୁର କହିଛନ୍ତି, ଏଭଳି ଗାଡ଼ିଗୁଡ଼ିକ ଯେତେବେଳେ କୌଣସି ଟୋଲ୍‌ଗେଟ୍ ଦେଇ ଯାଉଛନ୍ତି ସେମାନଙ୍କ ଉପରେ ଜରିମାନା ଲାଗି ନୋଟିସ୍ ପଠାଯାଉଛି। ଇନ୍‌ସ୍ୟୁରାନ୍ସ ନଥିବା ଗାଡ଼ି ଉପରେ ୨ ହଜାର ଟଙ୍କା ଜରିମାନା କରାଯାଉଥିଲା ବେଳେ ପ୍ରଦୂଷଣ ସାର୍ଟିଫିକେଟ୍ ନ ଥିବା ଗାଡ଼ି ଉପରେ ୧୦ ହଜାର ଟଙ୍କାର ଜରିମାନା କରାଯାଉଛି। କିନ୍ତୁ ଯେଉଁମାନେ ଟୋଲ୍‌ଗେଟ୍ ଦେଇ ଯାଉନାହାନ୍ତି, ଜରିମାନାରୁ ବର୍ତ୍ତି ଯାଉଛନ୍ତି। ବିଶେଷକରି ଗ୍ରାମାଞ୍ଚଳରେ ଚାଲୁଥିବା ଗାଡ଼ିଗୁଡ଼ିକ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇପାରୁନାହିଁ। ପ୍ରତ୍ୟେକ ଆରଟିଓଙ୍କୁ ଏହି ମର୍ମରେ ଚିଠି ଲେଖାଯିବ। ଆଗାମୀ ଦିନରେ ଏଭଳି ଗାଡ଼ିଗୁଡ଼ିକ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

ସମ୍ବାଦ କଳିକା

ଭୁବନେଶ୍ୱର
୨୬ ଅଗଷ୍ଟ,
ମଙ୍ଗଳବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ମୁଖ୍ୟମନ୍ତ୍ରୀଙ୍କ ସହ କେନ୍ଦ୍ର ସମବାୟ ରାଷ୍ଟ୍ର ମନ୍ତ୍ରୀଙ୍କ ଆଲୋଚନା



ଭୁବନେଶ୍ୱର, ୨୫/୮
ନ୍ୟୁଜ ବ୍ୟୁରୋ

ଲୋକସେବା ଭବନରେ ସୋମବାର କେନ୍ଦ୍ର ସମବାୟ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହୋଲ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସମବାୟ ରାଷ୍ଟ୍ରମନ୍ତ୍ରୀଙ୍କ ସହିତ ଓଡ଼ିଶାରେ ସମବାୟ କ୍ଷେତ୍ରର ଅଭିବୃଦ୍ଧି ବିଷୟରେ ଆଲୋଚନା କରିଛନ୍ତି। ଏହି ବୈଠକରେ ରାଜ୍ୟରେ ସମବାୟ କ୍ଷେତ୍ରର ଅଗ୍ରଗତି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ମୁଖ୍ୟମନ୍ତ୍ରୀ ପ୍ୟାକ୍ସର ଋଣ ପରିଶୋଧ ସମୟସୀମାକୁ ୫ ବର୍ଷରୁ ୧୦ ବର୍ଷକୁ ବୃଦ୍ଧି କରିବା, ବଡମ୍ବା ଏବଂ ବଲାଙ୍ଗୀରର ଚିନିକଳକୁ କାର୍ଯ୍ୟକ୍ଷମ କରିବା, ଗୋପାଳପୁର ଠାରେ ଜାତୀୟ ତ୍ରିଭୁବନ ସମବାୟ ବିଶ୍ୱ ବିଦ୍ୟାଳୟର ଏକ ସାଟେଲାଇଟ୍ ସେଣ୍ଟର ପ୍ରତିଷ୍ଠା, ପ୍ରତି ଜିଲ୍ଲା ତଥା ସବ୍‌ଡିଭିଜନରେ ଶୀତଳ ଭଣ୍ଡାର ଏବଂ ପଣ୍ୟାଗାର ସ୍ଥାପନ, କୃଷକ ଉତ୍ପାଦକ ସଂଗଠନ ବୃଦ୍ଧି କରିବା, ସମସ୍ତ ନୂତନ ପ୍ରାଥମିକ କୃଷି ସମବାୟ ସମିତି ଗୁଡିକ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବା ଆଦି ବିଷୟରେ ସମବାୟ ରାଷ୍ଟ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି କେନ୍ଦ୍ର ସରକାରଙ୍କ ସହଯୋଗ ଓ ସମର୍ଥନ କାମନା କରିଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ସମବାୟ ସଚିବ ରାଜେଶ ପ୍ରଭାକର ପାଟିଲ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, କେନ୍ଦ୍ର ସରକାରଙ୍କ ଯୁଗ୍ମ ସଚିବ ରମଣ କୁମାର, ଆନନ୍ଦ ଝା ଏବଂ ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

## ନିର୍ବାଚନ ବିଶ୍ଲେଷକ ସଞ୍ଜୟ କୁମାରଙ୍କୁ ଆଶ୍ୱସ୍ତି

# ଏଫଆଇଆର ଉପରେ ରୋକ ଲଗାଇଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୫।୮



ନିର୍ବାଚନ ବିଶ୍ଲେଷକ ଓ ଲୋକନୀତି ସିଏସ୍‌ଡିଏସ୍‌ର ସହ ନିର୍ଦ୍ଦେଶକ ସଞ୍ଜୟ କୁମାରଙ୍କୁ ସୁପ୍ରିମକୋର୍ଟରୁ ମିଳିଛି ଆଶ୍ୱସ୍ତି। ସଞ୍ଜୟଙ୍କ ବିରୋଧରେ ରୁଜୁ ହୋଇଥିବା ଏଫ୍‌ଆଇଆର ଉପରେ ରୋକ ଲଗାଇଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ। ସଞ୍ଜୟ କୁମାର ୨୦୨୪ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ମତଦାତା ଅସନ୍ତୁଷ୍ଟତା ସମ୍ପର୍କିତ ଏକ୍ସରେ ଏକ ପୋଷ୍ଟ କରିଥିଲେ। ଯାହାକୁ ନେଇ ବିରୋଧି ଦଳ ନିର୍ବାଚନ କମିଶନଙ୍କୁ ଟାର୍ଗେଟ କରିବାର ସୁଯୋଗ ପାଇଥିଲେ। ଏଥିରେ ସେ ବିଜେପି ସହ ନିର୍ବାଚନ କମିଶନ ହାତ ମିଳାଇଥିବା ଅଭିଯୋଗ କରିଥିଲେ। ଯଦିଓ ପରେ ସେ ଏହି ପୋଷ୍ଟକୁ ଡିଲିଟ୍ କରି ଦେଇଥିଲେ।

ସୋମବାର ସୁପ୍ରିମକୋର୍ଟରେ ଶୁଣାଣି ବେଳେ ସଞ୍ଜୟ କୁମାରଙ୍କ ଓକିଲ ତାଙ୍କ ପକ୍ଷ ରଖିଥିଲେ। ସେ କହିଥିଲେ, ସଞ୍ଜୟ କୁମାର ଜଣେ ସଚ୍ଚୋଟ ବ୍ୟକ୍ତି। ୩୦ ବର୍ଷ ଧରି ସେ ଦେଶ ଓ ଦୁନିଆ ପ୍ରତି ସମର୍ପିତ ରହି କାମ କରୁଛନ୍ତି। ସେ ଅତ୍ୟାଧିକ ସମ୍ମାନିତ ବ୍ୟକ୍ତି। ଏହା କେବଳ ଗୋଟିଏ ଭୁଲ ଥିଲା, ସେ କ୍ଷମା ମାଗି ନେଇଛନ୍ତି ଓ ଟ୍ୱିଟ୍ ହଟାଇ ଦେଇଛନ୍ତି। ସେ ସାର୍ବଜନୀନ ରୂପରେ କ୍ଷମା ମାଗିଛନ୍ତି।

ସଞ୍ଜୟ କୁମାର ଏକ୍ସ ପୋଷ୍ଟରେ ଡାଟା ଏରର ବୋଲି କହିବା ସହ କ୍ଷମା ମାଗିଛନ୍ତି। ସେ ଏକ୍ସ ପୋଷ୍ଟରେ ଲେଖିଛନ୍ତି, ମୁଁ ମହାରାଷ୍ଟ୍ର ନିର୍ବାଚନ ସମ୍ପର୍କରେ କରିଥିବା ଟ୍ୱିଟ ପାଇଁ କ୍ଷମା ମାଗୁଛି। ୨୦୨୪ ଲୋକସଭା ଓ ବିଧାନସଭା ନିର୍ବାଚନର ଡାଟା ତୁଳନାରେ ଏରର ଥିଲା। ଆମର ଡାଟା ଟିମ୍ ଡାଟା ଲାଇନ୍ ମିସ ହୋଇଯାଇଥିଲା। ଟ୍ୱିଟକୁ ହଟାଇ ଦିଆଯାଇଛି। ଭୁଲ ସୂଚନା ଦେବାର ମୋର କୌଣସି ଉଦ୍ଦେଶ୍ୟ ନଥିଲା।

# ଭୂମିହୀନଙ୍କୁ ଖୋଜିବେ ତହସିଲଦାର : ରାଜସ୍ୱ ମନ୍ତ୍ରୀ

ନବରଙ୍ଗପୁର, ୨୫/୮
ନ୍ୟୁଜ ବ୍ୟୁରୋ

ରାଜ୍ୟରେ ଆଉ କେହି ଭୂମିହୀନ ରହିବେ ନାହିଁ। ସେମାନଙ୍କୁ ଖୋଜିବେ ତହସିଲଦାର। ଘରକୁ ଘର ଯାଇ ସେବା ଯୋଗାଇବ ରାଜସ୍ୱ ବିଭାଗ। ଏଣିକି ଭୂମିହୀନଙ୍କୁ ଖୋଜି ଖୋଜି ଚିହ୍ନଟ କରିବା ସହ ପଟ୍ଟା ଯୋଗାଇଦେବେ ତହସିଲଦାର। ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡିରେ ଅନୁଷ୍ଠିତ ସହିଦ ସ୍ମୃତି ଦିବସରେ ଯୋଗ ଦେଇ ଏକଥା କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ରାଜସ୍ୱ ମନ୍ତ୍ରୀ କହିଛନ୍ତି, 'ଜିଲ୍ଲାପାଳମାନେ ନିଜ ଜିଲ୍ଲାରେ ଆଉ ଭୂମିହୀନ କେହି ନଥିବା ସାର୍ଟିଫିକେଟ ଦେବେ।' କେହି ବାଦ ପଡ଼ିଥିଲେ ତୁରନ୍ତ ତହସିଲଦାର କିମ୍ବା ଜିଲ୍ଲାପାଳଙ୍କ ନଜରକୁ ଆଣନ୍ତୁ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ। ସେହିପରି ସେ ରାଜ୍ୟରେ ଶିକ୍ଷାନୁଷ୍ଠାନ ବି ଭୂମିହୀନ ଥିବା ଜାଣି ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଏଥିସହ ମନ୍ତ୍ରୀ ଆହୁରି କହିଛନ୍ତି, ପଟ୍ଟା ନଥିବା ସ୍କୁଲକୁ ଚିହ୍ନଟ କରି ପଟ୍ଟା ପାଇଁ ରାଜସ୍ୱ କର୍ମଚାରୀ ସ୍କୁଲକୁ ଯିବେ। ଶିକ୍ଷକଙ୍କ ସହ ଆଲୋଚନା କରି ନିଜେ ଆବେଦନ କରିବେ ଏବଂ ତହସିଲଦାରମାନେ ସ୍କୁଲକୁ ଯାଇ ଜମି ପଟ୍ଟା ପ୍ରଦାନ କରିବେ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି। ରାଜ୍ୟ ସରକାର ଓଡ଼ିଶା ଲ୍ୟାଣ୍ଡ ସେଟେଲମେଣ୍ଟ ରୁଲ୍ ୧୯୮୩କୁ ସଂଶୋଧନ କରିଛନ୍ତି। ଏହା ବଳରେ ୪ ଡିସିମିଲରୁ କମ୍ ଜମି ଥିବା ଲୋକ 'ଭୂମିହୀନ' ଭାବରେ ପରିଗଣିତ ହେବା ସହ ସେମାନଙ୍କୁ ସରକାର ଜମି ଯୋଗାଇଦେବେ। ସେଥିପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନିଜ ନିଜ ଜିଲ୍ଲାରେ ୪ ଡିସିମିଲରୁ କମ୍ ଜମି ଥିବା ଲୋକଙ୍କୁ ଚିହ୍ନଟ କରି ତାଲିକା ଦେବାପାଇଁ କୁହାଯାଇଛି। ଘରକୁ ଘର ବୁଲି ସର୍ଭେ କରାଯିବା ସହ ଯେଉଁମାନେ ଭୂମିହୀନ ଅଛନ୍ତି ସେମାନଙ୍କୁ 'ବସୁନ୍ଧରା ଯୋଜନା'ରେ ସରକାର ଜମି ପଟ୍ଟା ଯୋଗାଇ ଦେବେ। ରାଜ୍ୟରେ ଅନେକ ଲୋକ ରହିଛନ୍ତି ଯେଉଁମାନେ ଉତ୍ତରାଧିକାରୀ ସୂତ୍ରରେ କିଏ ୫ଡିସିମିଲ୍ ପାଇଛି ତ ପୁଣି କିଏ ଅଧା ଡିସିମିଲ୍ ଜମି ପାଇଛି। ଏଭଳି ଅସମାନତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୪ ଡିସିମିଲରୁ କମ୍ ଜମି ଥିବା ଲୋକଙ୍କୁ ୪ ଡିସିମିଲ୍ ହେବା ପର୍ଯ୍ୟନ୍ତ ଯେତିକି ଜମି ଆବଶ୍ୟକ ହେବ ତାକୁ ସରକାର ଯୋଗାଇଦେବେ। ଏବେ ବି ଅନେକ ଜମି ରହିଛି ଯାହାକି ମୂଳ ଉତ୍ତରାଧିକାରୀଙ୍କ ନାମରେ ନାହିଁ। କେଉଁଠି ଅଜା ତ ପୁଣି ଆଉ କେଉଁଠି ଜେଜେ ବାପାଙ୍କ ନାମରେ ଜମି ରହିଛି। ସେପରି ଜମିର ସମସ୍ୟା ମଧ୍ୟ ସମାଧାନ ହେବ ବୋଲି ପୂର୍ବରୁ ସୂଚନା ଦେଇଥିଲେ ରାଜସ୍ୱ ମନ୍ତ୍ରୀ।

# କିଟ୍ ଓ କିସ୍ ପରିଦର୍ଶନରେ ୩୫ ଜଣିଆ ଶ୍ରୀଲଙ୍କା ପ୍ରତିନିଧି ମଣ୍ଡଳ

ଭୁବନେଶ୍ୱର, ୨୫/୮
ନ୍ୟୁଜ ବ୍ୟୁରୋ



ଶ୍ରୀଲଙ୍କା ସରକାରଙ୍କ ଲୋକ ସମ୍ପର୍କ ଅଧିକାରୀ, ଶ୍ରୀଲଙ୍କାର ବୁଦ୍ଧିଜୀବୀ ଓ ନୀତି ନିର୍ଦ୍ଧାରକଙ୍କୁ ନେଇ ଏକ ୩୫ଜଣିଆ ପ୍ରତିନିଧିମଣ୍ଡଳ ସୋମବାର କିଟ୍ ଓ କିସ୍ ପରିଦର୍ଶନରେ ଆସି ଫେରିଯାଇଛନ୍ତି। ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରଣାଳୟ ଆନୁକୂଲ୍ୟରେ ଏହି ପ୍ରତିନିଧିମଣ୍ଡଳ ଭାରତ ଗସ୍ତରେ ଆସିଥିବା ବେଳେ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ସଂଯୋଜନାରେ ସେମାନେ ଓଡ଼ିଶା ଆସିଛନ୍ତି। ସେମାନଙ୍କ ଓଡ଼ିଶା ଗସ୍ତସୂଚୀ ପରିପ୍ରେକ୍ଷୀରେ ସେମାନେ ପ୍ରଥମେ କିଟ୍ ଓ କିସ୍ ପରିଦର୍ଶନ କରିଥିଲେ। ସେମାନେ କିଟ୍‌ର ବିଭିନ୍ନ କ୍ୟାମ୍ପସ ପରିଦର୍ଶନ କରିବା ସହ କିସ୍ ଛାତ୍ରଛାତ୍ରୀଙ୍କ ସହ ଭାବ ବିନିମୟ କରିଥିଲେ। କିଟ୍ ଓ କିସ୍ ବିଷୟରେ ଜାଣି ସେମାନେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ଏହା ସହ ଜନଜାତି ଛାତ୍ରଛାତ୍ରୀଙ୍କୁ କିସ୍ ମାଧ୍ୟମରେ ଶିକ୍ଷା ଜରିଆରେ ସମାଜର ମୁଖ୍ୟସ୍ରୋତରେ ସାମିଲ କରାଯାଉଥିବା ଜାଣି କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ।

ନିଜ ସ୍ୱାଗତ ଭାଷଣରେ ଡ. ସାମନ୍ତ କହିଲେ, ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ବିଭିନ୍ନ ଦୃଷ୍ଟିରୁ ବହୁ ପୁରାତନ ସମ୍ପର୍କ ରହିଆସିଛି। ବହୁ ପୂର୍ବରୁ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ସାଂସ୍କୃତିକ, ପାରମ୍ପରିକ, ବାଣିଜ୍ୟିକ ଓ କୁଟନୀତିକ ସମ୍ପର୍କ ରହିଆସିଛି। ୨୦୧୯ରୁ ଶ୍ରୀଲଙ୍କା ସହ କିଟ୍ ଓ କିସ୍‌ର ସମ୍ପର୍କ ମଧ୍ୟ ରହିଆସିଛି ବୋଲି ଡ. ସାମନ୍ତ ସୂଚନା ଦେଇଥିଲେ। କିଟ୍ ବିଶ୍ୱବିଦ୍ୟାଳୟରେ ଶ୍ରୀଲଙ୍କା ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଶ୍ରୀଲଙ୍କାର ବହୁ ବିଶିଷ୍ଟ ବ୍ୟକ୍ତି, ଶିକ୍ଷାବିତ୍ ମଧ୍ୟ କିଟ୍ ଓ କିସ୍ ପରିଦର୍ଶନ କରି ଏହାର ଉଚ୍ଚ ପ୍ରଶଂସା କରିଛନ୍ତି ବୋଲି ଡ. ସାମନ୍ତ କହିଥିଲେ।

ଏହି କାର୍ଯ୍ୟକ୍ରମରେ କଲମ୍ବୋସ୍ଥିତ ଭାରତ ସରକାରଙ୍କ ଉଚ୍ଚାୟୁକ୍ତ ସୌରଭ ସବଲୋକ, ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦେବାଶିଷ ବନ୍ଦୋପାଧ୍ୟାୟ, କିଟ୍ ଇଣ୍ଟରନ୍ୟାସନ୍‌ଲ ବ୍ୟାପାର ମହାନିର୍ଦ୍ଦେଶକ ଦେବରାଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ବଲପୁରରେ ହେବ ଓୟୁଏଟି ନୂଆ କ୍ୟାମ୍ପସ: ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୫/୮
ନ୍ୟୁଜ ବ୍ୟୁରୋ




ଖୁବ୍‌ଶୀଘ୍ର ସମ୍ବଲପୁରରେ ପ୍ରତିଷ୍ଠା ହେବ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଦିତ୍ୱୀୟ କ୍ୟାମ୍ପସ। ଏହା ସହ ରାଜ୍ୟର ଆଉ ୨ଟି ସ୍ଥାନ ମୟୂରଭଞ୍ଜ ଏବଂ ବ୍ରହ୍ମପୁରରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ହେବ। ସେହିପରି ସୋନପୁରରେ ଏକ ମତ୍ସ୍ୟ ଓ ପଶୁ ସମ୍ପଦ କଲେଜ ପ୍ରତିଷ୍ଠା କରାଯିବ। ଓୟୁଏଟିର ୬୪ତମ ପ୍ରତିଷ୍ଠା ଦିବସ ଉତ୍ସବରେ ଯୋଗ ଦେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏହି ଘୋଷଣା କରିଛନ୍ତି। ଓୟୁଏଟିର ୬୪ତମ ପ୍ରତିଷ୍ଠା ଦିବସରେ କୃଷି ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି ଯେ, ସମ୍ବଲପୁରରେ ଓୟୁଏଟିର ଆଉ ଏକ କ୍ୟାମ୍ପସ୍ ହେବ। ସେଠାକୁ ଖୁବଶୀଘ୍ର ଏକ ଟିମ୍ ଭିଜିଟ କରିବ। ଏହା ସହିତ ମୟୂରଭଞ୍ଜ ଓ ବ୍ରହ୍ମପୁରରେ ମଧ୍ୟ କୃଷି କଲେଜ ଖୋଲାଯିବ। ସେହିପରି ସୋନପୁରରେ ମତ୍ସ୍ୟ ଓ ପଶୁ ସମ୍ପଦ କଲେଜ ହେବ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ। ସେ ଆହୁରି କହିଛନ୍ତି, '୬୪ ବର୍ଷ ମଧ୍ୟରେ ଗୋଟିଏ ଓୟୁଏଟି କାର୍ଯ୍ୟକ୍ଷମ ରହିଥିଲା। ଆଗକୁ ମଧ୍ୟ ଆହୁରି କୃଷି ଓ ଗବେଷଣା ପାଇଁ କଲେଜ ଖୋଲାଯିବ।' ଆନ୍ଧ୍ର ମଡ଼େଲକୁ ଆପଣାଇବ ଓଡ଼ିଶା। କିଭଳି ଭାବରେ ଇଣ୍ଟିଗ୍ରେଟେଡ୍ ଫାର୍ମି କରାଯିବ ସେନେଇ ଆନ୍ଧ୍ର ଠାରୁ ଶିଖିବ ଓଡ଼ିଶା। ସରକାର ଏଥିପ୍ରତି ଧ୍ୟାନ ଦେଉଛନ୍ତି। ସେହିପରି 'ଆମେ ମଡେଲ କରୁଛୁ, ଓଡ଼ିଶାରେ କିଭଳି ଉତ୍ପାଦନ ବଢ଼ିବ ସେ ନେଇ ଧ୍ୟାନ ଦିଆଯାଉଛି' ବୋଲି କହିଛନ୍ତି ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। ସେ କହିଛନ୍ତି ଯେ, ଓଡ଼ିଶାକୁ ଆହୁରି ଅଧିକରୁ ଅଧିକ ଅଣ୍ଡା ଉତ୍ପାଦନର ଆବଶ୍ୟକ ରହିଛି। ରାଜ୍ୟରେ ଅଣ୍ଡା ଉତ୍ପାଦନ ଦିନକୁ ୧ କୋଟି ୭ ଲକ୍ଷ ରହିଥିଲା। ବର୍ତ୍ତମାନ ୧ କୋଟି ୧୨ରୁ ୧୫ ଲକ୍ଷକୁ ବୃଦ୍ଧି ପାଇଛି। ଓଡ଼ିଶାକୁ ଆହୁରି ଅଣ୍ଡା ଆବଶ୍ୟକ ବୋଲି ଶ୍ରୀ ମଲ୍ଲିକ କହିଛନ୍ତି।



ଭୁବନେଶ୍ୱର : ବିଧାନସଭା ପରିସରରେ ବାଲିଗୁଡାର ପୂର୍ବତନ ବିଧାୟକ କରେନ୍ଦ୍ର ମାଝୀଙ୍କ ମରଶରୀର ପ୍ରତି ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଉଛି। (ଫଟୋ : ସମ୍ବାଦ କଳିକା)

# ବିଶିଷ୍ଟ ସ୍ତମ୍ଭକାର ହରେକୃଷ୍ଣ ଦାଶଙ୍କ ପରଲୋକ

ଭୁବନେଶ୍ୱର, ୨୫/୮
ନ୍ୟୁଜ ବ୍ୟୁରୋ



ବିଶିଷ୍ଟ ସ୍ତମ୍ଭକାର ତଥା 'ସମ୍ବାଦ କଳିକା'ର ନିୟମିତ ସ୍ତମ୍ଭ ଲେଖିଥିବା ବରିଷ୍ଠ ଶିକ୍ଷକ ହରେକୃଷ୍ଣ ଦାଶଙ୍କର ସୋମବାର ଦିନ ରାଜଧାନୀ ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା। ମୃତ୍ୟୁ ସମୟରେ ତାଙ୍କ ନିକଟରେ ତାଙ୍କ ପୁତ୍ର, ପୁତ୍ରବଧୂ, କନ୍ୟା ଏବଂ ନାତି ନାତୁଣୀମାନେ ଉପସ୍ଥିତ ଥିଲେ।

ସ୍ୱର୍ଗତ ଦାଶ ଦୀର୍ଘବର୍ଷ ଧରି 'ସମ୍ବାଦ କଳିକା'ରେ ନିୟମିତ ସ୍ତମ୍ଭ ଲେଖିଆସୁଥିଲେ। ଉଚ୍ଚମାନର ଆଧାତ୍ମିକତା ଏବଂ ଦର୍ଶନ ତତ୍ତ୍ୱର ପ୍ରବନ୍ଧ ଲେଖୁଥିବା ସ୍ୱର୍ଗତ ଦାଶ ଦୀର୍ଘଦିନ ଧରି ଭୁବନେଶ୍ୱରର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରି ଖୁବ୍ ଲୋକପ୍ରିୟ ହୋଇଥିଲେ। ବରଗଡ ହାଇସ୍କୁଲ, ୟୁନିଟ-୬ ଉଚ୍ଚ ବାଳକ ବିଦ୍ୟାଳୟ ସମେତ ବିଭିନ୍ନ ବିଦ୍ୟାଳୟରେ ଇତିହାସ, ଇଂରାଜୀ ତଥା ଖେଳ ଶିକ୍ଷକ ଭାବେ ଛାତ୍ରମାନଙ୍କ ମଧ୍ୟରେ ତଥା ଶିକ୍ଷକ ମହଲରେ ସେ ସୁନାମ ଅର୍ଜନ କରିଥିଲେ। ମିଷ୍ଟଭାଷୀ, ସରଳ ତଥା ସାମାଜିକ କ୍ଷେତ୍ରରେ ସାଧାରଣ ଜୀବନ ଯାପନ କରୁଥିବା ସ୍ୱର୍ଗତ ଦାଶ ଜଣେ ସୁ-ସାହିତ୍ୟିକ ଏବଂ ପ୍ରାବନ୍ଧିକ ଭାବରେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ। ବିଭିନ୍ନ ପତ୍ର/ପତ୍ରିକା ଓ ସମ୍ବାଦପତ୍ରମାନଙ୍କ ପକ୍ଷରୁ ତାଙ୍କୁ ବିଭିନ୍ନ ସମୟରେ ତାଙ୍କ ଉଚ୍ଚମାନର ଲେଖାପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଭୁବନେଶ୍ୱର ବିଜୁପଟ୍ଟନାୟକ ପାର୍କ ଠାରେ ୨୦୦୩ ମସିହାରୁ ଆରମ୍ଭ ହୋଇଥିବା ଓମ୍ ପ୍ରାଣାୟାମ କେନ୍ଦ୍ରର ସେ ଜଣେ ପ୍ରତିଷ୍ଠାତା ସଦସ୍ୟ ଥିଲେ। ଓମ୍ ପ୍ରାଣାୟମ କେନ୍ଦ୍ରର ସମସ୍ତ ଉତ୍ସବରେ ସେ ଶେଷଜୀବନ ପର୍ଯ୍ୟନ୍ତ ସକ୍ରିୟ ଭାବେ ଅଂଶଗ୍ରହଣ କରୁଥିଲେ। ଅଧାପନା କ୍ଷେତ୍ରରେ ଛାତ୍ରମହଲରେ ତାଙ୍କର ଯଥେଷ୍ଟ ଖ୍ୟାତି ଥିଲା।

ତାଙ୍କ ବିୟୋଗରେ ଓମ୍ ପ୍ରାଣାୟାମ କେନ୍ଦ୍ରର ଯୋଗଗୁରୁ ଶ୍ୟାମସୁନ୍ଦର ଅଗ୍ରୱାଲ ଗଭୀର ଶୋକ ପ୍ରକାଶ କରିଛନ୍ତି। ତାଙ୍କର ପରଲୋକ ଖବର ଶୁଣି ଓମ୍ ପ୍ରାଣାୟମ କେନ୍ଦ୍ରରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା।

ସ୍ୱର୍ଗତ ଦାଶଙ୍କ ପରଲୋକ ଖବର ପାଇଲାପରେ ତାଙ୍କର ଗଙ୍ଗନଗର ସ୍ଥିତ ବାସଭବନରେ ଶିକ୍ଷକ, ଛାତ୍ର, ଆତ୍ମୀୟସ୍ୱଜନ ଓ ବନ୍ଧୁବାନ୍ଧବମାନେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ତାଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସୋମବାର ପୁରୀ ସ୍ୱର୍ଗଦ୍ୱାର ଠାରେ ତାଙ୍କର ଶେଷକୃତ୍ୟ ସମାପନ ହୋଇଯାଇଛି।

## ହରେକୃଷ୍ଣ ଦାଶଙ୍କ ବିୟୋଗରେ 'ସମ୍ବାଦ କଳିକା' ସଂପାଦକଙ୍କ ଶୋକ

ହରେକୃଷ୍ଣ ଦାଶଙ୍କ ବିୟୋଗ ଖବର ଶୁଣି ଦୁଃଖରେ ଭାଙ୍ଗିପଡି 'ସମ୍ବାଦ କଳିକା'ର ସମ୍ପାଦକ ଜୟାଶୀଷ ରାୟ କହିଛନ୍ତି-ସେ ମୋର ଗୁରୁ ଥିଲେ। ଜୀବନରେ ଅନେକ କିଛି ଶିକ୍ଷା କରିଛି ମୁଁ ତାଙ୍କଠାରୁ। ସେ ଆମ ପରିବାର ସହିତ ମଧ୍ୟ ଜଡିତ ଥିଲେ। ମୋ ମାଆଙ୍କର ସେ ଜଣେ ଘନିଷ୍ଠ ସହଯୋଗୀ ଥିଲେ। ଦୁହେଁ ଏକା ସମୟରେ ଚାକିରି ଜୀବନ ଆରମ୍ଭ କରିଥିଲେ। ତାଙ୍କର ଜନ୍ମସ୍ଥାନ କେନ୍ଦ୍ରାପଡାର ରାଜକନିକା ସ୍ଥିତ ସିଙ୍ଗିରି ଗ୍ରାମରେ। ଗୁରୁ ଏବଂ ଶିଷ୍ୟ ପରମ୍ପରାକୁ ସେ ଏକ ମହାନ ଦୃଷ୍ଟିରେ ଦେଖୁଥିଲେ। ମୁଁ ତାଙ୍କର ଅତ୍ୟନ୍ତ ପ୍ରିୟ ଥିଲି। ଜୀବନରେ ଆଗକୁ ବଢିବାପାଇଁ ସେ ଅନେକ ଉପାୟରେ ମୋତେ ପ୍ରେରିତ କରିଛନ୍ତି। ସେ ଦୀର୍ଘ ବର୍ଷ ଧରି 'ସମ୍ବାଦ କଳିକା'ରେ ସ୍ତମ୍ଭ ଲେଖିଆସୁଥିଲେ। ମୁଁ ତାଙ୍କର ଶିଷ୍ୟ ହୋଇଥିବା ସତ୍ତ୍ୱେ ତାଙ୍କର ପ୍ରକାଶିତ ପୁସ୍ତକଗୁଡିକୁ ସେ ମୋତେ ସମର୍ପିତ କରୁଥିଲେ। ଏହା ତାଙ୍କର ମହାନତାର ପରିଚୟ ନୁହେଁ କି ? ଆଜି ସେ ନାହାନ୍ତି ମାତ୍ର ମୋତେ ଅନୁଭବ ହେଉଛି ତାଙ୍କର ଆଶୀର୍ବାଦର ହାତ ସଦା ମୋ ଉପରେ ରହିଛି ଓ ରହିଥିବ। ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବା ସହ ତାଙ୍କ ଶୋକସନ୍ତପ୍ତ ପରିବାରକୁ ଗଭୀର ସମବେଦନା ଜଣାଉଛି।

## ବାରଣାସୀ ଗସ୍ତରେ ନଗର ଉନ୍ନୟନ ମନ୍ତ୍ରୀ

# ଓଡ଼ିଶାରେ ବର୍ଜ୍ୟରୁ ପ୍ରସ୍ତୁତ ହେବ ସବୁଜ ଇନ୍ଧନ

ଭୁବନେଶ୍ୱର, ୨୪।୮ ନ୍ୟୁଜ ବ୍ୟୁରୋ



ଏଣିକି ସହରରୁ ବାହାରୁଥିବା ବର୍ଜ୍ୟବସ୍ତୁରୁ ବାହାରିବ ସବୁଜ ଇନ୍ଧନ। ଓଡ଼ିଶାରେ ଏହି ଟେକ୍ନୋଲୋଜି ଲାଗୁ କରିବାକୁ ଯୋଜନା କରିଛି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ। ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ବାରଣାସୀରେ ଥିବା ୱେଷ୍ଟ ଟୁ ଚାରକୋଲ୍ ପ୍ଲାଣ୍ଟ ବା ବର୍ଜ୍ୟରୁ ଅଙ୍ଗାର ପ୍ଲାଣ୍ଟ ବୁଲି ଦେଖିଛନ୍ତି। ବାରଣାସୀର ଏହି ପ୍ଲାଣ୍ଟରୁ ଦୈନିକ ୧୦୦ ଟନ୍ ସବୁଜ ଅଙ୍ଗାର ସୃଷ୍ଟି ହେବା ସହ ଏହା ପ୍ରାୟ ୩୦୦ ଟନ୍ ଅଙ୍ଗାରକାମ୍ଳ ନିର୍ଗମନକୁ ହ୍ରାସ କରୁଛି। ବାରଣାସୀ ହରିତ୍ କୋୟଲା ପରିଯୋଜନା ଅଧୀନରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଟାରେଫାକ୍ସନ ପ୍ରକ୍ରିୟାରେ ସହରରୁ ନିର୍ଗତ ବର୍ଜ୍ୟକୁ ଥର୍ମୋକେମିକାଲ ଟ୍ରିଟ୍‌ମେଣ୍ଟ ଦ୍ୱାରା ୨୫୦ରୁ ୩୦୦ ଡିଗ୍ରୀ ତାପମାତ୍ରା ଦେବା ସହ ନିୟନ୍ତ୍ରିତ ଅମ୍ଳଜାନ ପରିବେଶରେ ସବୁଜ ଅଙ୍ଗାରରେ ପରିଣତ କରାଯାଉଛି। ପ୍ଲାଣ୍ଟର ଦୈନିକ ବର୍ଜ୍ୟ ଟ୍ରିଟମେଣ୍ଟ୍ କ୍ଷମତା ୪୦୦ ଟନ୍ ଥିବାବେଳେ ଏହା ୧୩ ଟନ୍ ମିଥେନ୍ ନିର୍ଗମକୁ କମ୍ କରିପାରୁଛି। ୧୬ ଏକର ଜାଗାରେ ହୋଇଥିବା ଏହି ପ୍ଲାଣ୍ଟରେ ଏନ୍‌ଟିପିସି ଏହି ସ୍ୱତନ୍ତ୍ର ମଡେଲ ଆପଣାଇ ବର୍ଜ୍ୟବସ୍ତୁରୁ ସବୁଜ ଇନ୍ଧନ ଉତ୍ପାଦନ ପାଇଁ ପଦକ୍ଷେପ ଆରମ୍ଭ କରିଛି। ଏହି ଟୋରିଫାଏଡ୍ ଚାରକୋଲ୍ ବା ସବୁଜ ଅଙ୍ଗାରକୁ ନେଇ ଏନଟିପିସି ନିଜ ତାପଜ ବିଦ୍ୟୁତ ପ୍ରକଳ୍ପରେ ବ୍ୟବହାର କରୁଛି। ପାରମ୍ପରିକ କୋଇଲା ଉପରେ ନିର୍ଭରଶୀଳତା କମାଇବା ଲକ୍ଷ୍ୟରେ ସାମାଜିକ କର୍ପୋରେଟ ଦାୟିତ୍ୱବୋଧ ଅଧୀନରେ ଏହି ପ୍ରକଳ୍ପ ଆରମ୍ଭ ହୋଇଛି। ଏଥିରେ ବର୍ଜ୍ୟ ବ୍ୟବହାର ହେଉଥିବାରୁ ବର୍ଜ୍ୟର ଲ୍ୟାଣ୍ଡଫିଲ୍ ଆବଶ୍ୟକତାକୁ କମାଇବା ସହ ଅଙ୍ଗାରକାମ୍ଳ ନିର୍ଗମନ କମାଇବ ଓ ଶକ୍ତି ସୁରକ୍ଷାକୁ ନିଶ୍ଚିତ କରିପାରିବ। ଓଡ଼ିଶାରେ ଏଭଳି ପ୍ରକଳ୍ପ ଦ୍ୱାରା ବର୍ଜ୍ୟକୁ ଉପଯୋଗ କରି ସବୁଜ ଇନ୍ଧନ ସୃଷ୍ଟି କରିବାକୁ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି। ମନ୍ତ୍ରୀଙ୍କ ପରିଦର୍ଶନ ସମୟରେ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ତଥା ସ୍ୱଚ୍ଛ ଭାରତ ମିଶନ ନିର୍ଦ୍ଦେଶକ ବିନୟ କୁମାର ଦାସ, ଏନ୍‌ଟିପିସି ବାରଣାସୀର ଡିଜିଏମ୍ ଆଶିଷ ରଞ୍ଜନ ପ୍ରମୁଖ ଉପସ୍ଥିତ ଥିଲେ।

## ଟାର୍ଗେଟରେ ଥିଲେ ୬ରୁ ୧୨ ବର୍ଷର ଝିଅ

# ପ୍ରଥମେ ଦୁଷ୍କର୍ମ ପରେ ହତ୍ୟା, ପୁଣି ଶବ ସହ କୁକର୍ମ

ଦିଲ୍ଲୀ, ୨୫/୦୮



ବିକୃତ ମାନସିକତା, ଯୌନ ପିପାସୁ। କମନା ମୋହରେ ହଜାଉଥିଲା ଚେତନା। ମଣିଷରୁ ପାଲଟିଥିଲା ମାଂସ ଖିଆ ନର ରାକ୍ଷସ। ଦେହର ଭୋକ ମେଣ୍ଟାଇବାକୁ ଖୋଜି ବୁଲୁଥିଲା ଶିକାର। ୭ ବର୍ଷରେ ୩୦ରୁ ଅଧିକ ଛୋଟ ଝିଅ। ପ୍ରଥମେ ଦୁଷ୍କର୍ମ ପରେ ହତ୍ୟା ପୁଣି ଶବକୁ ଉପଭୋଗ କରୁଥିଲା ଜହ୍ଲାଦ। ପଶୁ ଠାରୁ ବି ହିଂସ୍ର ପାଲଟି ଯାଇଥିଲା ସିରିୟଲ୍ କିଲର। ଟାର୍ଗେଟରେ ଥିଲେ ୬ରୁ ୧୨ ବର୍ଷର ଝିଅ। ଏ ଜହ୍ଲାଦର ଅପରାଧର କହାଣୀ ଏତେ ଭୟଙ୍କର ଯେ, ଯେକେହି ବି ଶୁଣିବ ତା' ଆତ୍ମା ଥରି ଉଠିବ। ମନ ବିଚଳିତ ହୋଇଯିବ, ଆଉ ନିଜକୁ ନିଜେ ପ୍ରଶ୍ନ କରିବ ସତରେ ମଣିଷ କ'ଣ କାମନା ବସନା ମୋହରେ ଏମିତି ଅନ୍ଧ ହୋଇଯାଏ। ସତରେ କ'ଣ ମଣିଷରୁ ଅମଣିଷ ପାଲଟିଯାଏ। ଏ ମାନବ ରୂପୀ ପଶୁର ଅପରାଧର କଳା ଚିଠା ବହୁତ ଲମ୍ବା। ଘର ଉତ୍ତର ପ୍ରଦେଶର କାସଗଞ୍ଜ। ୩୫ ବର୍ଷୀୟ ଅଭିଯୁକ୍ତର ନାଁ ରବୀନ୍ଦ୍ର କୁମାର। ବାପା ପ୍ଲମ୍ବର, ମାଆ ଘରୋଇ କାମ କରୁଥିଲେ। ୨୦୦୮ରେ ଅଭିଯୁକ୍ତ ରୋଜଗାର ପାଇଁ ରାଜଧାନୀ ଦିଲ୍ଲୀକୁ ଚାଲିଆସିଥିଲା। ମାତ୍ର କାମଧନ୍ଦା ବଦଳରେ ଡ୍ରଗ୍ସ ନିଶା ଏବଂ ପର୍ଣ୍ଣ ଫିଲ୍ମ ଦେଖିବାରେ ବୁଡ଼ି ଯାଇଥିଲା। ଡ୍ରଗ୍ସ ନିଶା ତାକୁ ରାକ୍ଷସରେ ପରିଣତ କରିଥିଲା। ଆଉ ଦେହର ଗରମ ମେଣ୍ଟାଇବାକୁ ଖୋଜି ବୁଲିଥିଲା ଶିକାର। ସେହି ବର୍ଷ ଅଭିଯୁକ୍ତ ରବୀନ୍ଦ୍ର ଏକ ନିଷ୍ପାପ ଶିଶୁକୁ ଦୁଷ୍କର୍ମ କରିବା ପରେ ହତ୍ୟା କରିଥିଲା। ମାତ୍ର ପ୍ରମାଣ ଅଭାବରୁ ଆଇନ ଆଖିରେ ଧୂଳି ଦେଇ ଖସିଯାଇଥିଲା। ହେଲେ ୨୦୧୪ରେ ମାନବିକତାର ସବୁ ସୀମା ପାର୍ କରିଥିଲା ଜହ୍ଲାଦ ରବୀନ୍ଦ୍ର। ପାଶବିକ ପ୍ରବୃତ୍ତିରେ ଅନ୍ଧ ହୋଇ ଦିଲ୍ଲୀର ଗଳିକନ୍ଦିକୁ ରକ୍ତ ରଞ୍ଜିତ କରିଦେଇଥିଲା। ଏକ ଅଢ଼େଇ ବର୍ଷର କଅଁଳ ଶିଶୁକୁ ଛାଡ଼ି ନଥିଲା ନର ରାକ୍ଷସ। ହଠାତ୍ ଝିଅଟି ନିଖୋଜ ହେବା ପରେ ପରିବାର ଖୋଜା ଖୋଜି କରିଥିଲା। ମାତ୍ର ଏହାର କିଛି ଘଣ୍ଟା ଭିତରେ ନିଷ୍ପାପ ଶିଶୁର ଶବ ମିଳିଥିଲା। ପୁଲିସର ତଦନ୍ତରେ ଏଥିରେ କିନ୍ତୁ ଖସିପାରିନଥିଲା ସିରିୟଲ କିଲର ରବୀନ୍ଦ୍ର କୁମାର। ଆଉ ପଚରାଉଚରା ବେଳେ ସେ ଯାହା କହିଥିଲା ଶୁଣିଲେ ହୋସ୍ ଉଡ଼ିଯିବ। ୨୦୧୫ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତ ଆଜୀବନ ସଜା ଭୋଗୁଛି। ହେଲେ ଅମଣିଷ ୨୦୧୪ ମାମଲାରେ ନିଜ ଦୋଷ ସ୍ୱୀକାର କରିଛି। ଖାଲି ଏତିକି ନୁହେଁ, ଅଭିଯୁକ୍ତ ୩୦ ନିଷ୍ପାପ ଶିଶୁଙ୍କୁ ନିଜର ଶିକାର ବନେଇଥିବା ସତ ମାନିଛି। କାମୁକ ନର ରାକ୍ଷସର ଟାର୍ଗେଟରେ ଥିଲେ ୬ରୁ ୧୨ ବର୍ଷୀୟା କୋମଳମତି ଶିଶୁ। ଛୋଟ ଝିଅଙ୍କୁ ପ୍ରଥମେ ଟଙ୍କା କିମ୍ବା ଚକୋଲେଟ୍ ଦେଇ ପ୍ରଲୋଭିତ କରି ଅପହରଣ କରୁଥିଲା। ସେମାନଙ୍କୁ ଏକ ନିର୍ଜନ ସ୍ଥାନକୁ ନେଇ ଦୁଷ୍କର୍ମ କରୁଥିଲା। ପରେ ହତ୍ୟା କରି ମୃତଦେହକୁ ବି ଉପଭୋଗ କରୁଥିଲା ଅମଣିଷ। ବେଳେବେଳେ ନିଶାସକ୍ତ ହୋଇ ଶିକାର ପାଇଁ ୪୦ କିଲୋମିଟର ଚାଲିଯାଉଥିଲା। ଅନ୍ୟପଟେ ପୀଡିତାଙ୍କ ପୋଷ୍ଟମର୍ଟମ ରିପୋର୍ଟରୁ ଚାଞ୍ଚଲ୍ୟକର ଖୁଲାସା ହୋଇଛି। ମୁଣ୍ଡରେ ଆଘାତ, ଓଠରେ ଦାନ୍ତ ଚିହ୍ନ ଏବଂ ଶ୍ୱାସରୁଦ୍ଧ ଯୋଗୁଁ ମୃତ୍ୟୁ ହୋଇଥିଲା ବୋଲି ଜଣାପଡ଼ିଛି। କୋର୍ଟ ଏହାକୁ ପଶୁ ପ୍ରବୃତ୍ତି, ଅମାନବୀୟ ଏବଂ ନିର୍ମମ ଅପରାଧ ବୋଲି କହିଛନ୍ତି। ଆଉ ରବୀନ୍ଦ୍ର କୁମାରକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସମାଜ, କୋର୍ଟ କିମ୍ବା ଆଇନରେ ତା' ପ୍ରତି କୌଣସି ଅନୁକମ୍ପା ମିଳିବ ନାହିଁ ବୋଲି ସ୍ପଷ୍ଟ ଭାବେ କହିଛନ୍ତି। ଏହି ମାମଲାରେ ଆସନ୍ତା ୨୮ ତାରିଖରେ ଦିଲ୍ଲୀ ଅଦାଲତ ଦଣ୍ଡାଦେଶ ଶୁଣାଇବେ। ଅପେକ୍ଷା ରହିଲା ଜହ୍ଲାଦକୁ କ'ଣ ସଜା ମିଳୁଛି।